କୃଷ୍ଣଙ୍କ ପର୍ବତ ଉଠାଇବା କାହାଣୀ ପୂର୍ବ ଉପକୂଳ ଅଞ୍ଚଳକୁ ବ୍ୟାପିବା ପରେ କାମ୍ବୋଡ଼ିଆରେ ପହଞ୍ଚିଥିଲା। ପାଖାପାଖି ଖ୍ରୀଷ୍ଟାବ୍ଦ ୭୦୦ରେ ତାମିଲନାଡୁର ମହାବଳିପୁରମରେ କଳାକାରମାନେ ଗ୍ରାନାଇଟ୍ ଚଟାଣରେ କୃଷ୍ଣ ଗୋବର୍ଦ୍ଧନ ପର୍ବତ ଉଠାଇଥିବା ଏକ ବିଶାଳ ମୂର୍ତ୍ତି ଖୋଦେଇ କରିଥିଲେ। ଏହି ଚିତ୍ରଫଳକରେ ମଧ୍ୟ ଖୋଦିତ ଗାଈ ବାଛୁରୀ ମୂର୍ତ୍ତି ରହିଛି। ଆମ ପାଖରେ ଏହା ପୂର୍ବର କେବଳ ଚୂଳଥିବା ଷଣ୍ଢଙ୍କ ମୂର୍ତ୍ତି ଥିଲା। ଏହି ଚିତ୍ରଫଳକ ବା ଶିଳା କଳାକୃତି ହେଉଛି ବ୍ରହ୍ମାଣ୍ଡ 'ଗାଈ'ଙ୍କ ସ୍ୱର୍ଗ ଭାବେ ଜଣାଶୁଣା ଗୋ–ଲୋକର ପୁରାତନ ଧାରଣାକୁ ସୂଚିତକରେ। ବାସୁଦେବରୁ କିଭଳି ବିଷ୍ଣୁଙ୍କ ପରିପ୍ରକାଶ ହୋଇଛି ତାହା କଳା ଐତିହାସିକମାନେ ଏବେ ଦର୍ଶାଉଛନ୍ତି । କ୍ଷୁଦ୍ର ଇଣ୍ଡୋ–ଗ୍ରୀକ୍ ମୁଦ୍ରାଠାରୁ ଆରମ୍ଭକରି ମହ୍ଲାର, ମଥୁରା ଓ ମହାବଳିପୁରମର ପଥର ଚଟାଣ ପର୍ଯ୍ୟନ୍ତ ସବୁଥିରେ ମହାଭାରତର ଜଣେ ଗୋପାଳକ ବୀର କିଭଳି ବ୍ରହ୍ମାଣ୍ଡ ରକ୍ଷକ ପାଲଟିଛନ୍ତି ତାହା ଆମେ ଲକ୍ଷ୍ୟ କରିପାରିବା।

–devduttofficial@gmail.com

# ବୈଦିକ ସଂସ୍କୃତିର ସୌରଭ



ଇଂ. ସଚ୍ଚିଦାନନ୍ଦ ନନ୍ଦ

ବେଦ, ମାନବ ଜାତି ପାଇଁ ଈଶ୍ୱରଙ୍କ ଅମୂଲ୍ୟ ସଂପଦ। ଏହା ପରମାତ୍ମାଙ୍କ ଅମୃତ ବାଣୀ। ଆର୍ଯ୍ୟ ସାହିତ୍ୟର ଅକ୍ଷୟ ଭଣ୍ଡାର। ଏଥିରେ ଥିବା ଈଶ୍ୱର ପ୍ରଦତ୍ତ ଦିବ୍ୟଜ୍ଞାନ ପୃଥିବୀର ଅନ୍ୟ ଗ୍ରନ୍ଥରେ ଦେଖିବାକୁ ମିଳେନାହିଁ। ବେଦର ଶିକ୍ଷା, ବେଦର ଆଦର୍ଶ ଅତୀବ ମହାନ୍, ଦୈନନ୍ଦିନ ଜୀବନରେ ପାଳନ ସାପେକ୍ଷ। ଏହି ଶିକ୍ଷାକୁ ଯଦି କିଞ୍ଚିତ ପରିମାଣରେ ଜନ ସମକ୍ଷରେ ପହଞ୍ଚାଇ ହୁଏ ତାହା ଜନ ସମାଜ ପାଇଁ ଅଶେଷ ମଙ୍ଗଳଦାୟକ ହେବ। ଏହା ଏକ ଆଧାତ୍ମିକ ସେବା ଭାବେ ପରିଣତ ହେବ। ଏହି ଅବଲମ୍ବନରେ ଅନେକ ଭାରତୀୟ ନିଜ ଜୀବନକୁ ଶୁଦ୍ଧ, ପବିତ୍ର ଓ ଶାସ୍ତ୍ରୀୟ କରି ପ୍ରଭୂତ ଉପକାର ଲାଭ କରିଛନ୍ତି। ଏହା ସର୍ବକାଳୀନ ହୋଇଥିବାରୁ ବର୍ତ୍ତମାନ ମଧ୍ୟ ଏହାର ଅବଲମ୍ବନରେ ଜଣେ ମହାନ୍ ଗୁଣର ଅଧିକାରୀ ହୋଇପାରିବ। ଏହି ଜ୍ଞାନ ପରିବାର କ୍ଷେତ୍ରରେ ଉପଯୋଗ କରି ଯେଉଁମାନେ ମହାନ୍ ହୋଇପାରିଥିଲେ ତନ୍ମଧ୍ୟରୁ ଅଗାଧ ଓ ଅସୀମ ପ୍ରତିଭାର ଅଧିକାରୀ, ତାଙ୍କ ସମୟର ସର୍ବୋଚ୍ଚ ଶିକ୍ଷାବିତ୍ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ଭାରତରେ ତଥା ବହୁ ବିଦେଶରେ ନିଜ ପାଣ୍ଡିତ୍ୟର ପରିଚୟ ଦେଇ ଆମ ଦେଶ ସଂସ୍କୃତି ଓ ଭାରତୀୟ ଜ୍ଞାନର ଉପଯୁକ୍ତ ପରିଚୟ ନିଜ କର୍ମ ମାଧ୍ୟମରେ ପ୍ରଦାନ କରିପାରିଥିଲେ। ତାଙ୍କ ବାଲ୍ୟକାଳରୁ ନିଜ ପରିବାରରୁ ସେ ବୈଦିକ ଜ୍ଞାନର ଅଧିକାରୀ ହୋଇଥିଲେ। ତାଙ୍କ ମାତା ପିତା ଏ ବାବଦରେ ତାଙ୍କ ଆଦର୍ଶ ଥିଲେ। ସେ ସମଗ୍ର ପୃଥିବୀବାସୀଙ୍କ ଉଦ୍ଦେଶ୍ୟରେ କହୁଥିଲେ – 'ତୁମେ କେତେ ଜ୍ଞାନର ଅଧିକାରୀ ତାହାର ଏକ ମୁକୁଟ କରି ମଥାରେ ପିନ୍ଧି ବୁଲିଲେ ତାହା ଜ୍ଞାନର ଠିକ ପ୍ରଚାର ହୋଇପାରିବ ନାହିଁ, ତୁମର ଆଚରଣ ଓ ବ୍ୟବହାର ହିଁ ତୁମ ଜ୍ଞାନର ପ୍ରକୃତ ପରିଚୟ।'

ଏହି ଲେଖା ପ୍ରସ୍ତୁତ କରିବା ପୂର୍ବରୁ ବେଦ ପୃଷ୍ଠା ଓଲଟାଇଲାବେଳେ ସେହି କଥା ବେଦରୁ ମଧ୍ୟ ଦେଖିବାକୁ ମିଳିଲା। ଡକ୍ଟର ରାଧାକ୍ରିଷ୍ଣନ ବାଲ୍ୟ କାଳୁ ତାଙ୍କ ପରିବାରରୁ ବୈଦିକ ସଂସ୍କାର ପାଇଥିଲେ, ଯେଉଁଥିରେ ତାଙ୍କ ଶୁଦ୍ଧ ଆଚରଣ ଓ ବ୍ୟବହାରରେ ଅତୀବ ସନ୍ତୁଷ୍ଟ ହୋଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ତାଙ୍କୁ ଡାକି ଆଣି ଦେଶର ସୁନାମ ବଢ଼ାଇବା ଲକ୍ଷ୍ୟରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତ କରାଇଥିଲେ। ସେ ନିଜର ବିଦ୍ୟା ଓ ଗୁଣର ପରିଚୟ ଦେଇ ପ୍ରଥମେ ଉପରାଷ୍ଟ୍ରପତି ଓ ପରେ ରାଷ୍ଟ୍ରପତି ପଦ ଅଳଂକୃତ କରିପାରିଥିଲେ। ସେହି ବେଦଜ୍ଞାନରୁ କିଛି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ କରିବାର ସୁଯୋଗକୁ ସଦ୍ ବ୍ୟବହାର କରାଯାଉଛି। ବେଦ କହନ୍ତି – 'ଯଥା ନଃ ଇଜ୍ଜନୋଽନମୀବଃ।' – ଯଜୁ ୩୩/୮୨ ଅର୍ଥ – ଆମେ ପରସ୍ପର ସହିତ ସୌଜନ୍ୟପୂର୍ଣ୍ଣ ବ୍ୟବହାର କରିବା। ସଜ୍ଜନମାନଙ୍କର ବ୍ୟବହାର, ଉଦାରତା, ସହାୟତା ଏବଂ ସ୍ନେହପୂର୍ଣ୍ଣ ହୋଇଥାଏ। 'ଓଁ ଦେବାନାମପି ପନ୍ଥାମଣ୍ଟ' – ଅଥର୍ବ ୧୧/୫୯/୩, ଅର୍ଥ – ଯେଉଁ ପଥରେ ସଜ୍ଜନମାନେ ଯାଆନ୍ତି ସେହି ମାର୍ଗରେ ଚାଲ। ଉଦ୍ଦଣ୍ଡ ଓ ଅନୀତି ପଥରେ ଗଲେ ଦୁଃଖ ମିଳେ। 'ଦ୍ୟସତ୍ କୃଣୋଷ୍ୟଧ୍ୱରମ୍' – ଋଗ୍ ୧/୭୪/୪, ଅର୍ଥ – ସଜ୍ଜନମାନେ ସତ୍ କର୍ମରେ ସାହାଯ୍ୟ କରିଥାନ୍ତି। ସତ୍ କର୍ମରେ ସାହାଯ୍ୟ କରିବା ସଜ୍ଜନମାନଙ୍କର ଆବଶ୍ୟକ କର୍ତ୍ତବ୍ୟ । 'ମଧୁମତୀଃ ମଧୁ ମତୀଭିଃ ସଂପୃଚ୍ୟନ୍ତାଂ' – ଯଜୁ ୧/୨୧, ଅର୍ଥ – ମଧୁର ବାଣୀ କହ, ମିଷ୍ଟଭାଷୀଙ୍କ ସହିତ ରହ। ଯେଉଁମାନେ ମଧୁର ବ୍ୟବହାର କରନ୍ତି ତାଙ୍କ ପାଇଁ ସମସ୍ତେ ଆପଣାର ହୋଇଯାଆନ୍ତି। 'ମିତ୍ରସ୍ୟାହଂ ଚକ୍ଷୁସା ସର୍ବାଣି ଭୂତାନି ସମୀକ୍ଷେ' – ଯଜୁ ୩୬/୧୮, ଅର୍ଥ – ସବୁ ପ୍ରାଣୀମାନଙ୍କୁ ମିତ୍ର ଦୃଷ୍ଟିରେ ଦେଖିବା ଆବଶ୍ୟକ। କୌଣସି ପ୍ରାଣୀକୁ ନୁହେଁ ବରଂ ତାହାର କୁକର୍ମକୁ ଘୃଣା କର। 'ଜ୍ୱିହା ମେ ମଧୁମମା' – ତୈତିରୀୟ ୧/୪, ଅର୍ଥ – ମୋ ଜିହ୍ୱା ମିଷ୍ଟ ବଚନ କହୁ। କଟୁ କର୍କଶ ଓ କୁବଚନ କହି ବାଣୀକୁ ଦୂଷିତ କରନାହିଁ। '

ବୈଦିକ ନୀତି ଅନୁଯାୟୀ ଜୀବନଯାପନ କଲେ ସର୍ବଶ୍ରେଷ୍ଠ ଫଳ ଲାଭ ହେବ, କାରଣ ବୈଦିକ ଜ୍ଞାନ ହିଁ ଶ୍ରେଷ୍ଠ ଜ୍ଞାନ। ଭାରତର ପୂର୍ବ ଐତିହ୍ୟ, ଭାରତୀୟ ସଂସ୍କୃତିର ମୂଳାଧାର ବେଦ ଭଗବାନଙ୍କ ଦ୍ୱାରା ଋଷିମାନଙ୍କ ଜରିଆରେ ସମଗ୍ର ମାନବ ଜାତିର ଉଦ୍ଧାରଣ ପାଇଁ ପ୍ରଦତ୍ତ। ତାହାର ପୁନରୁଦ୍ଧାର କରିବା ପାଇଁ ଭଗବାନ ବାବା ଯେଉଁ ସଂକଳ୍ପ କରିଥିଲେ, ଯାହାକୁ ଅଗ୍ରଗତି ଦେଇ ସମ୍ପୂର୍ଣ୍ଣ ଅଜ୍ଞ ଓ ଅଚେତନ ମାନବକୁ ବୈଦିକ ମନ୍ତ୍ରର ସ୍ପର୍ଶ ଦେଇ ସଚେତନ କରିଥିଲେ, ତାହାକୁ ଆଗକୁ ଆଗକୁ ନେବା ପାଇଁ ଆତ୍ମମାନଙ୍କୁ ଦାୟିତ୍ୱ ଦେଇଥିଲେ, ତାହା ସମ୍ଭବ ହୋଇପାରିବ, ଆମେ ବୈଦିକ ଜ୍ଞାନ ଓ ଉପଦେଶର ପ୍ରସାର ଓ ବ୍ୟବହାର କରାଇପାରିଲେ। ଭଗବାନଙ୍କ ତୃପ୍ତି ଓ ଆମ ଜୀବନର ଅଗ୍ରଗତି ଲକ୍ଷ୍ୟରେ ଧୀରେ ଧୀରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ।

**ଅଲିଶା ବଜାର, କଟକ**
**ମୋ : ୯୩୩୭୨୪୨୯୫୫**

## ଏଇ ଭାରତରେ

ସୀମା ସଶସ୍ତ୍ର ବଳ(ଏସ୍‌ଏସ୍‌ବି)ରେ ଦେଶକୁ ସୁରକ୍ଷା ଦେବା ଲାଗି ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବା ସହ ଚାଷକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଉତ୍କର୍ଷ ପାଣ୍ଡେ। ସେ ଉତ୍ତରପ୍ରଦେଶ ପ୍ରତାପଗଡ଼ ଭଦାଉନ୍ ଗାଁରେ ୭ ଏକର ଫାର୍ମରେ ଜୈବିକ ଚାଷ କରୁଛନ୍ତି। ଏହି ଫାର୍ମର ନାମ ରଖିଛନ୍ତି 'ଋଷିଗ୍ରାମ ଅର୍ଗାନିକ୍ସ'। ଜୈବିକ ପଦ୍ଧତିରେ ହଳଦୀ ଏବଂ ଧାନ ଚାଷ କରାଯାଉଛି। ବିଶେଷକରି ସ୍ଥାନୀୟ ଅଞ୍ଚଳର ପୁରୁଣା ତଥା କଳାନମେକ ବାସ୍ନାଧାନ ଚାଷ କରୁଛନ୍ତି। ଫାର୍ମରେ ବିଶେଷକରି କଳା ଓ କସ୍ତୁରୀ ହଳଦୀ ଚାଷ ହେଉଛି। ଏପରିକି ହଳଦୀ ଚାଷ ପାଇଁ ୧୩ଟି ରାଜ୍ୟରେ ୫୦୦ରୁ ଅଧିକ କୃଷକଙ୍କୁ ସହଯୋଗ କରୁଛନ୍ତି। ପାଣ୍ଡେ ଏସ୍‌ଏସ୍‌ବିରୁ ଅବସର ନେବାପରେ ଗାଁକୁ ଫେରି ଜୈବିକ ଚାଷକୁ ପସନ୍ଦ କରିଥିଲେ। ସେ ମଧ୍ୟ ଗୋପାଳନ କରିବା ସହ ସହ ଗୋବରରୁ ଜୈବିକ ଖତ ପ୍ରସ୍ତୁତକରି କ୍ଷେତରେ ବ୍ୟବହାର କରୁଛନ୍ତି। ପାଣ୍ଡେ ଚାଷରେ କେବଳ ଅଟକି ନ ଯାଇ 'ହର୍‌ଘର୍‌ଚନ୍ଦନ' ଅଭିଯାନ ଚଳାଇଛନ୍ତି। ଏହି ଅଭିଯାନରେ ସେ ୩୦୦୦ରୁ ଊର୍ଦ୍ଧ୍ୱ ଚନ୍ଦନଗଛ ରୋପଣ କରିଛନ୍ତି । ଚନ୍ଦନ ବନ ସୃଷ୍ଟି କରିବା ପାଇଁ ସେ ଏକ ଚନ୍ଦନ ନର୍ସରି କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୪ ଡିସେମ୍ବର ୧୯୭୬

- ସୋଭିଏତ ଋଷିଆ ମହାକାଶ ତଥ୍ୟସନ୍ଧାନ ଉଦ୍ଦେଶ୍ୟରେ 'କସ୍ମସ–୮୭୦' ନାମକ ଏକ କୃତ୍ରିମ ଉପଗ୍ରହ ମହାକାଶକୁ ଉତପ୍ରେରଣ କରିଛି।
- ଚୀନର ବହିର୍ବ୍ୟାପାର ମନ୍ତ୍ରୀ ଚିଆଓ କ୍ୱାନ ହ୍ୱାଙ୍କୁ ଅଚାନକ ଭାବେ ପଦରୁ ବରଖାସ୍ତ କରାଯାଇ ତାଙ୍କ ସ୍ଥାନରେ ଜାତିସଂଘସ୍ଥିତ ଚୀନା ରାଷ୍ଟ୍ରଦୂତ ହୁଆଙ୍ଗ ହ୍ୱାଙ୍କୁ ନିଯୁକ୍ତ କରାଯାଇଛି।

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 5 | 1 | | | | | |
| | 2 | | | 3 | | | | 9 |
| | | 6 | | | | | 4 | |
| | | | | | | | | 2 |
| | | | 4 | | 5 | | | 7 |
| | | 2 | | | 6 | 9 | | |
| | | | | | 7 | | | 6 |
| | 3 | | | | 8 | | 5 | 4 |
| | | | | 6 | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 4 | 7 | 5 | 9 | 3 | 8 | 1 |
| 3 | 5 | 8 | 2 | 6 | 1 | 7 | 4 | 9 |
| 7 | 1 | 9 | 4 | 8 | 3 | 6 | 5 | 2 |
| 9 | 7 | 3 | 1 | 4 | 5 | 8 | 2 | 6 |
| 8 | 6 | 5 | 3 | 2 | 7 | 9 | 1 | 4 |
| 2 | 4 | 1 | 6 | 9 | 8 | 5 | 3 | 7 |
| 5 | 8 | 2 | 9 | 1 | 6 | 4 | 7 | 3 |
| 1 | 9 | 7 | 8 | 3 | 4 | 2 | 6 | 5 |
| 4 | 3 | 6 | 5 | 7 | 2 | 1 | 9 | 8 |

ଗତକାଲିର ଉତ୍ତର

# ଆତଙ୍କବାଦ: ଉତ୍ସ ଓ ଉତ୍ପାଟନ



ଉପେନ୍ଦ୍ର ବିଶ୍ୱାଳ

କେବଳ ମାତ୍ର ତୁମ ନିଜ ବିଶ୍ୱାସକୁ ହିଁ ଜ୍ଞାନ ବୋଲି କହି ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ, ଅଜ୍ଞାନ ଅଥବା ମିଥ୍ୟା ବୋଲି ଅଭିହିତ କରିବା ନିହାତି ମୂର୍ଖାମି – ଯୁଗଋଷି ଶ୍ରୀ ଅରବିନ୍ଦ। ଏହି ମର୍ମରେ ଇତିହାସରେ ସଂଘଟିତ ଅନେକ ସୈତାନୀ କାଣ୍ଡ ମଧ୍ୟରୁ ବିଧ୍ୱସ୍ତ ନାଳନ୍ଦା ବିଶ୍ୱବିଦ୍ୟାଳୟ ଅନ୍ୟତମ। ସେଦିନ ସୈତାନର ବିଚାର ଥିଲା– ''ବିଶାଳକାୟ ଲାଇବ୍ରେରିରେ ଥିବା ବହିଗୁଡ଼ିକରେ ଯାହା ଲେଖାଯାଇଛି ତାହା ଯଦି ଆମ ଧର୍ମଗ୍ରନ୍ଥରେ ଲେଖା ନାହିଁ, ତେବେ ଅଜ୍ଞାନଭରା ବହିଗୁଡ଼ିକର କିଛି ମୂଲ୍ୟ ନାହିଁ। ଏଗୁଡ଼ିକ ରହିବା ଉଚିତ ନୁହେଁ। ଆମ ଧର୍ମଗ୍ରନ୍ଥରେ ଯାହା ଲେଖା ଅଛି ଏଥିରେ ଯଦି ତାହା ଥାଏ, ତେବେ ଏଗୁଡ଼ିକର ଆବଶ୍ୟକତା ଆଉ କ'ଣ? ତେଣୁ ଏ ସବୁକୁ ଜାଳିପୋଡ଼ି ନଷ୍ଟ କରିଦିଅ। ବାସ୍, ବିଶ୍ୱକୁ ଉଦ୍ଭାସିତ କରିବାକୁ ଉଦ୍ଦିଷ୍ଟ ଥିବା ବହୁ ଦୁର୍ଲଭ ମହାର୍ଘ୍ୟ ଗ୍ରନ୍ଥସବୁକୁ ନିଆଁ ଲଗାଇ ଧ୍ୱଂସ କରିଦିଆଗଲା।'' ଆମ ବିଶ୍ୱାସ, ବିଚାର ହିଁ ଶ୍ରେଷ୍ଠ। ଆମ ଈଶ୍ୱର ହେଉଛନ୍ତି ଏକମାତ୍ର ଈଶ୍ୱର। ତାଙ୍କ ବ୍ୟତୀତ ଅନ୍ୟ କାହାକୁ ଈଶ୍ୱରଙ୍କ ଆସନରେ ବସାଇବା ଅର୍ଥ ଈଶ୍ୱରଙ୍କ ବିରୋଧରେ ଯିବା। ଆମ ବିଶ୍ୱାସକୁ ସ୍ୱୀକୃତି ଦେଉ ନ ଥିବା ବ୍ୟକ୍ତି ହେଉଛନ୍ତି ଶତ୍ରୁ। ଯେକୌଣସି ଉପାୟରେ ସେମାନଙ୍କୁ ଦମନ କରିବା ହେଉଛି ଈଶ୍ୱରଙ୍କ ଇଚ୍ଛା। ଈଶ୍ୱରଙ୍କ ଇଚ୍ଛାକୁ ପାଳନ କରିବା ସବୁଠୁ ପୁଣ୍ୟ କାମ। ଏଥିପାଇଁ ଧର୍ମଯୁଦ୍ଧ ହିଁ ବିକଳ୍ପ ମାର୍ଗ। ଶୈଶବରୁ ଯଦି ପିଲାଙ୍କ ମନରେ ଏଭଳି ବିଷାକ୍ତ ଚିନ୍ତାଧାରା ଭରିଦିଆଯାଏ, ତେବେ ବଡ଼ ହେଲେ ସେମାନେ ଆତଙ୍କବାଦୀ ନ ହୋଇ କ'ଣ ମହାପୁରୁଷ ହେବେ?

ପ୍ରସଙ୍ଗକ୍ରମେ ଏଇଠି ମନେପଡ଼େ ମନୋଜ ଦାସଙ୍କ ଏକ କାହାଣୀ। ଜଣେ ରାଜା ଥିଲେ, ଯିଏକି ନିରାକାର ବ୍ରହ୍ମଙ୍କ ଉପାସକ। ରାଜାଙ୍କ ବିଶ୍ୱାସ ସହିତ ରାଜ୍ୟର ପ୍ରଜାମାନେ ବି ହେଲେ ନିରାକାରବାଦୀ। ରାଜ୍ୟର ଦୂର ସୀମାନ୍ତରେ ରହୁଥିବା ଜଣେ ସନ୍ଥ ଥିଲେ ଉଭୟ ନିରାକାର ଓ ସାକାର ରୂପରେ ବିଶ୍ୱାସୀ। ରାଜାଙ୍କ ବିଶ୍ୱାସ ଉପରେ ଏହା ଏକ କୁଠାରାଘାତ। ଏଣୁ ରାଜ୍ୟର ଜ୍ଞାନ ଓ ବିଚାରକୁ ଭ୍ରମିତ କରୁଥିବା ଅପରାଧରେ ସନ୍ଥଙ୍କୁ ଦଣ୍ଡିତ କରିବାକୁ ରାଜା ନିଷ୍ପତ୍ତି ନେଲେ। ଦଣ୍ଡିତ ହେବା ପୂର୍ବରୁ ରାଜାଙ୍କୁ ନିବେଦନଟିଏ ବାଢ଼ିଲେ ସନ୍ଥ। ରାଜାଙ୍କ ସମେତ ତିନି ମନ୍ତ୍ରୀଙ୍କୁ କାଗଜ ଖଣ୍ଡିଏ ଖଣ୍ଡିଏ ବଢ଼ାଇଦେଇ ମିନତି କଲେ ମାମୁଲି ପ୍ରଶ୍ନ 'ମାଟି କ'ଣ'ର ଉତ୍ତର ଲେଖିବାକୁ। ଉତ୍ତରରେ ରାଜା ଲେଖିଲେ– ମାଟି ହେଲା ପୃଥିବୀର ମୌଳିକ ଉପାଦାନ। ପ୍ରଧାନମନ୍ତ୍ରୀଙ୍କ ଉତ୍ତର– ଅବଶେଷରେ ଆମ ଦେହ ଯେଉଁଥିରେ ମିଶେ। ଦ୍ୱିତୀୟ ମନ୍ତ୍ରୀଙ୍କ ଉତ୍ତର– ଯାହା ଆମକୁ ଶସ୍ୟ ଯୋଗାଏ। ଅନ୍ୟଜଣେ ମନ୍ତ୍ରୀ ଲେଖିଲେ– ଆମେ ଯାହା ଉପରେ ଯାତାୟାତ କରୁ। ଏଠାରେ ଗୋଟିଏ ପ୍ରଶ୍ନ, କିନ୍ତୁ ଉତ୍ତର ଭିନ୍ନ ଭିନ୍ନ। କୌଣସି ବି ଉତ୍ତର ଭୁଲ୍ ନୁହେଁ। ଏଭଳି



କ୍ଷେତ୍ରରେ ସେମାନେ ଯଦି ଦାବି କରିବସନ୍ତି କେବଳ ନିଜ ନିଜ ଉତ୍ତର ହିଁ ଠିକ୍, ତେବେ ଏଭଳି ଦାବି କରିବା ସେମାନଙ୍କ ପାଗଳପଣ ନୁହେଁ କି? ବିଚାରର ଉନ୍ନତି ବିନା ସମାଜର ଉନ୍ନତି ଅସମ୍ଭବ। ଦୁନିଆ ଯେ ପର୍ଯ୍ୟନ୍ତ ଉନ୍ନତ ଚିନ୍ତନ/ ମାନସିକତାରେ ପୁଷ୍ଟ ନ ହୋଇଛି, ସେ ପର୍ଯ୍ୟନ୍ତ ସୁନ୍ଦର ସମାଜଟିଏ ଆଶା କରିବା ବୃଥା। ବିଚାରର ଦରିଦ୍ରତା/ ରୁଗ୍ଣତା ହିଁ ଗୋଟେ ଦେଶର ଦୁଃଖ ଓ ଦୁର୍ଦ୍ଦଶାର କାରଣ।

ରାଷ୍ଟ୍ରର ସୌଭାଗ୍ୟର ସୌଧ ନିର୍ମିତ ହୁଏ ଭବ୍ୟ ଭାବନାର ଭିତ୍ତିଭୂମି ଉପରେ। ଭୟ ପ୍ରଦର୍ଶନ ଦ୍ୱାରା, ବଳ ପ୍ରୟୋଗ କରି ଅବା ଧ୍ୱଂସ ରଚି ନିଜ ମତକୁ ଜୋର କରି ସାବ୍ୟସ୍ତ କରିବା ଅତି ନିକୃଷ୍ଟ ମାନସିକତା। ସେହି ନିକୃଷ୍ଟ ବିଚାରକୁ ଆଧାର କରି କେହି ଯଦି ଚାହେଁ ଆଜିର ନୂଆ ଭାରତକୁ ଅଧୀନସ୍ଥ କରିବ, ତେବେ ତାହା ହେଉଛି ମୂର୍ଖାମି। ଇଞ୍ଜିନିୟରିଂ କି ଡାକ୍ତରୀ ଡିଗ୍ରୀ ହାସଲ କରିବା ବାହାଦୁରୀପଣିଆ ନୁହେଁ। ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ମଣିଷ ହେବା, ମଣିଷପଣିଆ ଧାରଣ କରିବା, ବ୍ୟକ୍ତିର ବିଚାର ଓ ଭାବନାକୁ ଊର୍ଦ୍ଧ୍ୱମୁଖୀ କରିବା। ଏ ସମ୍ପର୍କରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ କୁହନ୍ତି, "EDUCATION IS THE TRAINING OF THE MIND TO THINK BETTER AND BETTER." ଚେତନାର ବିକାଶ ନ ଘଟିଲେ ଶିକ୍ଷା ମୂଲ୍ୟହୀନ। ସେଥିରୁ ଉତ୍କୃଷ୍ଟ ବିଚାର ଆଶାକରିବା ବୃଥା। ଜର୍ମାନୀର ବିଶିଷ୍ଟ ବିଦ୍ୱାନ୍, ଚିନ୍ତକ ମାର୍ଟିନ୍ ଲୁଥରଙ୍କ ଭାଷାରେ, ''କୌଣସି ଭୂମିର ଭାଗ୍ୟ, ଭବିଷ୍ୟତ ନିର୍ଭର କରେନା ଭୂଗୋଳ କି ଭୂସମ୍ପଦ ଉପରେ। ନିର୍ଭର ବି କରେନାହିଁ ପ୍ରାଚୁର୍ଯ୍ୟ ଅବା ପ୍ରତିପତ୍ତି ଉପରେ। ବରଂ ନିର୍ଭର କରେ ଭୂମିରେ ବାସ କରୁଥିବା ଲୋକଙ୍କ ମାନସିକତା ଉପରେ, ଲୋକ ଚରିତ୍ର ଉପରେ।'' ଅର୍ଥାତ୍ ନାଗରିକଙ୍କ ସୁସ୍ଥ ମାନସିକତା, ମହତ୍ ଭାବନା ଦେଶର ସୁଖ, ଶାନ୍ତି ଓ ସମୃଦ୍ଧିର କାରଣ ସାଜୁଥିବା ବେଳେ ଦୁଷ୍ଟ ମାନସିକତା ଡାକିଆଣିଥାଏ ଦେଶର ଦୁର୍ଗତିକୁ।

ଏବେ ଆସିବା ଉପସଂହାରକୁ। କାହିଁକି ଭାରତରେ ଏତେ ଆତଙ୍କବାଦୀ ଆକ୍ରମଣ? ଆତଙ୍କବାଦର ବିଲୋପ ପାଇଁ ଇସ୍ରାଏଲର ଇସ୍ତାହାର କ'ଣ କୁହେ? ୦୭ ଅକ୍ଟୋବର ୨୦୨୩ରେ ହମାସ୍ ଆତଙ୍କବାଦୀଙ୍କ ଆକ୍ରମଣରେ ଇସ୍ରାଏଲ୍‌ର ୧୨୦୦ ଲୋକଙ୍କ ଜୀବନ ଯାଇଥିଲା। ପରିଣତିରେ? ଜାତିସଙ୍ଘ ସମେତ ୫୦ରୁ ଅଧିକ ମୁସ୍‌ଲିମ ଦେଶଙ୍କ ନାଲିଆଖିକୁ ତିଳେମାତ୍ର ଖାତିର ନ କରି ଆତଙ୍କବାଦୀଙ୍କ ମୂଳୋତ୍ପାଟନ ପାଇଁ କଡ଼ାଗଣ୍ଡା ପ୍ରତିଶୋଧ ନେଲା। ଆଜି ଭୂଗୋଳ ପୃଷ୍ଠାରୁ ଗାଜା ଏକପ୍ରକାର ନିଶ୍ଚିହ୍ନ। ପ୍ରାୟ ୧ ଲକ୍ଷ ଲୋକଙ୍କ ଶବ ଉପରେ ଗାଜାର ଅଧା ଅଞ୍ଚଳ ଇସ୍ରାଏଲ ଅକ୍ତିଆରରେ। ଲୁଚିବାକୁ ସେଠାରେ ସାମାନ୍ୟ ଟିକେ ଜାଗା ନ ପାଇ ଭାଗ୍ୟବଶତଃ ବଞ୍ଚି ଯାଇଥିବା ହାତଗଣତି ସ୍ୱଳ୍ପ କେତେଜଣ ହମାସ୍ ଆତଙ୍କବାଦୀ ଆସି ଲୁଚିଛନ୍ତି ପାକିସ୍ତାନରେ ପ୍ରାଣ ଟିକକ ବଞ୍ଚାଇବା ପାଇଁ। ଇସ୍ରାଏଲ୍‌ର ଇସ୍ତାହାର ସମେତ ଭାରତ ବି ବୁଝିବା ଉଚିତ ପଡ଼ୋଶୀ ବେଜିଂର ବ୍ୟାକରଣ। ଏଥିପାଇଁ ଚାଇନାର ଉଇଘର ହେଉଛି ଉତ୍କୃଷ୍ଟ ଉଦାହରଣ। ଆମ ପାଇଁ ତାହା ଉତ୍କର୍ଷର ଉପଲବ୍ଧି। ନକ୍ସଲ ନିପାତ ଅଭିଯାନ ପରି ଆତଙ୍କବାଦର ଉତ୍ପାଟନ ପାଇଁ ଭାରତ ସରକାର କଠୋର ନିଷ୍ପତ୍ତି ନେବା ଉଚିତ। ଉତ୍ପୀଡ଼ନର ଉତ୍ସ ଆତଙ୍କବାଦର ଉତ୍ପାଟନ କରିବାକୁ ହେଲେ ଭାରତ ପ୍ରଦର୍ଶନ କରିଆସୁଥିବା ଉଦ୍‌ବୃତ୍ତ ଉଦାରତାକୁ ଉତ୍ସର୍ଗ କରିବାକୁ ହେବ। କାରଣ, ରାଷ୍ଟ୍ର ସର୍ବୋପରି। ଏହାକୁ ଆମେ ସମସ୍ତେ ହୃଦୟଙ୍ଗମ କରିବା ଦରକାର। ''ରାଷ୍ଟ୍ର ରକ୍ଷା ସମଂ ପୁଣ୍ୟମ୍, ରାଷ୍ଟ୍ର ରକ୍ଷା ସମଂ ବ୍ରତମ୍, ରାଷ୍ଟ୍ର ରକ୍ଷା ସମଂ ଯଜ୍ଞ, ଦୃଷ୍ଟି ନୈବ ନୈବ ଚ''– ଅର୍ଥାତ୍ ରାଷ୍ଟ୍ର ରକ୍ଷା ସମାନ କୌଣସି ପୁଣ୍ୟ ନାହିଁ, ରାଷ୍ଟ୍ର ରକ୍ଷା ସମାନ କୌଣସି ବ୍ରତ ନାହିଁ, ରାଷ୍ଟ୍ର ରକ୍ଷା ସମାନ କୌଣସି ଯଜ୍ଞ ନାହିଁ, ରାଷ୍ଟ୍ର ରକ୍ଷା ସର୍ବୋପରି ହେବା ଉଚିତ।

**ମୋ: ୯୪୩୭୪୩୬୦୭୩**

## ପାଠକ ଶ୍ରେଷ୍ଠ ବିଚାରକ

### ପରୀକ୍ଷା ଶୃଙ୍ଖଳିତ ହେଉ

ମହାଶୟ,

୨୦୨୫ ଶେଷ ହେବାକୁ ଯାଉଛି। ୨୦୨୬ ଫେବୃଆରୀ ଓ ମାର୍ଚ୍ଚରେ ଦଶମ, ଦ୍ୱାଦଶ ଏବଂ ଅନ୍ୟାନ୍ୟ ସବୁ ପରୀକ୍ଷା ଆରମ୍ଭ ହେବ। ଆଡ୍‌ମିଟ୍ କାର୍ଡ ଦେବାଠାରୁ ଆରମ୍ଭ କରି ପରୀକ୍ଷା ଖାତା ଦେଖା ସହିତ ରେଜଲ୍ଟ ବାହାରିଲା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଯେପରି ସୂଚାରୁ ରୂପେ ତଥା ଶୃଙ୍ଖଳିତ ଭାବରେ ହେବ, ସେଥିପ୍ରତି ପ୍ରଶାସନ ତତ୍ପର ହେବା ଉଚିତ। ଛାତ୍ରୀଛାତ୍ରଙ୍କ ସହିତ ଯେପରି କୌଣସି ପ୍ରକାର ଅନ୍ୟାୟ ବା ଅବହେଳା ନ ହୁଏ, ସେଥିପାଇଁ ସମସ୍ତ ବନ୍ଦୋବସ୍ତ ଭଲଭାବରେ ତଦାରଖ କରାଯାଉ। ଛାତ୍ରୀଛାତ୍ରଙ୍କ ମାନସିକ ସ୍ଥିତିକୁ ଦେଖି ଯେପରି କୌଣସି ପ୍ରକାର ଖେଳ କେହି ବି ଖେଳିବେ ନାହିଁ। ପ୍ରଶାସନ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପୂର୍ବରୁ ଯାହାସବୁ ଅଘଟଣ ଘଟିଛି, ସେସବୁର ପୁନରାବୃତ୍ତି ନ ହେଉ। ଶିକ୍ଷା ବିଭାଗ ଏବଂ ପରୀକ୍ଷା କର୍ତ୍ତୃପକ୍ଷ ସଜାଗ ରୁହନ୍ତୁ।

**–ପୁଷ୍ପା ମହାନ୍ତି, ସାଇ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁକୁଳାଇ କେଶ ଆକୁଳାଇ ମୋର ହିୟା
କିଏ ସେ ଆଜି ଗୋ ଦୁଆରେ ହୋଇଲ ଠିଆ ?
ଅଙ୍ଗେ ଦୁକୂଳ ବଖାଣଇ ନିଜ ଶୋଭା ।
ଶୂନ୍ୟ ଏ ଘରେ ଆସିଲ କାହାର ପ୍ରିୟା !
–(ରୂପର ମୋହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସଂଗ୍ରାମ, ସେବାର ମୂର୍ତ୍ତିମନ୍ତ ପ୍ରତୀକ ମା’ରମାଦେବୀ



ମା’ ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଶିଷ୍ଟ ବ୍ୟକ୍ତିମାନେ।

ଭୁବନେଶ୍ୱର,୩।୧୨
(ସୌମ୍ୟରଞ୍ଜନ ରାଉତ)

## ବିଧାନସଭା ପରିସର ଥିବା ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କଲେ ବାଚସ୍ପତି, ମୁଖ୍ୟମନ୍ତ୍ରୀ

ମା’ ରମାଦେବୀ ହେଉଛନ୍ତି ସଂଗ୍ରାମ, ତ୍ୟାଗ, ସାମ୍ପ୍ରଦାୟିକ ସଦ୍ଭାବନା, ମାନବିକତା, ପ୍ରତିବଦ୍ଧତା ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ। ପ୍ରାଚୁର୍ଯ୍ୟରୁ ଆସି ସେ ସରଳତାକୁ ଗ୍ରହଣ କରିଥିଲେ। ଘରକୋଣରୁ ବାହାରି ଜାତୀୟ ଆନ୍ଦୋଳନରେ ସାମିଲ ହୋଇଥିଲେ। ଲବଣ ସତ୍ୟାଗ୍ରହ, ଭାରତ ଛାଡ଼ ଓ ଅସହଯୋଗ ଆନ୍ଦୋଳନରେ ତାଙ୍କର ଅଗ୍ରଗଣ୍ୟ ଭୂମିକା ଥିଲା। ଜାତିଭେଦର ସଂକୀର୍ଣ୍ଣ ଅର୍ଗଳି ଛିନ୍ନ କରି ଗ୍ରାମ ସ୍ୱରାଜ, ସାମାଜିକ ନ୍ୟାୟର ପ୍ରବକ୍ତା ଭାବରେ ମା’ ରମାଦେବୀ ଦଳିତ, ଅବହେଳିତ ଓ ନିଷ୍ପେଷିତ ବର୍ଗଙ୍କ ପାଇଁ ତ୍ରାଣକର୍ତ୍ତା ପାଲଟିଥିଲେ। ଭୂଦାନ ଓ ସର୍ବୋଦୟ ଭଳି ରଚନାତ୍ମକ କାର୍ଯ୍ୟରେ ମନୋନିବେଶ କରିଥିଲେ। ଓଡ଼ିଶାରେ ମହିଳାଙ୍କ ସାମାଜିକ, ରାଜନୈତିକ ଭୂମିକାକୁ ସେ ଉଚ୍ଚତର ସ୍ତରକୁ ନେବାରେ ଶକ୍ତିଶାଳୀ ଅବଦାନ ପ୍ରକଟ କରିଥିରେ। ଲାଞ୍ଛନା, ନିର୍ଯାତନା, ଶୋଷଣ, ଲାଠିମାଡ଼, ଜେଲବରଣକୁ ଖାତିର ନ କରି ମା’ ରମାଦେବୀ ସ୍ୱାଧୀନତା ଲାଗି ତାଙ୍କର ଅତୁଳନୀୟ ଅବଦାନ ପ୍ରକଟ କରି ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ବୋଲି ଅତିଥିମାନେ ମତ ରଖିଛନ୍ତି। ବୁଧବାର ବିଧାନସଭା ପରିସରସ୍ଥ ମା’ ରମାଦେବୀଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଫକୀର ନାୟକ, ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ଓ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗଦେଇ ମା’ ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଓଜନ ଠକେଇ: ୨ ବର୍ଷରେ ୧୫୩ ମାମଲା

## ୩ ଲକ୍ଷ ୧୨ ହଜାର ୩୨୬ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ାଉ

ଭୁବନେଶ୍ୱର,୩।୧୨(ସତ୍ୟଜିତ ରାଉତ)

ଅସାଧୁ ବ୍ୟବସାୟୀମାନେ ମାପ ଏବଂ ଓଜନରେ ଚଞ୍ଚକତା କରି ରାଜ୍ୟର ସାଧାରଣ ଖାଉଟିଙ୍କୁ ଠକୁଛନ୍ତି। ଏଥିସହ ବିଭିନ୍ନ ଭାବେ ମଧ୍ୟ ଖାଉଟିମାନେ ଠକେଇର ଶିକାର ହେଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହେଉଥିବାବେଳେ ମାପ ଏବଂ ଓଜନ ବିଭାଗ ପକ୍ଷରୁ ଗତ ୨ବର୍ଷରେ ୩ ଲକ୍ଷ ୧୨ ହଜାର ୩୨୬ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ ହୋଇଛି। ଏହି ଚଢ଼ାଉରୁ ମୋଟ ୩ କୋଟି ୧୧ ଲକ୍ଷ ୭୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ କେବଳ ମାପ ଏବଂ ଓଜନ ଠକେଇ ସମ୍ପର୍କରେ ମୋଟ ୧୫୩ଟି ମାମଲା ରୁଜୁ କରାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୁଧବାର ବିଧାନସଭାରେ ସୂଚନା ଦେଇଛନ୍ତି।

ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ପାତ୍ର କହିଛନ୍ତି, ମାପ ଏବଂ ଓଜନ ବିଭାଗ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୧ ଲକ୍ଷ ୫୭ ହଜାର ୧୮୪ ଏବଂ ୨୦୨୪-୨୫ରେ ୧ ଲକ୍ଷ ୫୫ ହଜାର ୨୪୨ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଛି। ଠକେଇ ନେଇ ୨୦୨୩-୨୪ ଆର୍ଥିକ ବର୍ଷରେ ୫ ହଜାର ୭୩୯ ମାମଲା ଏବଂ ୨୦୨୪-୨୫ରେ ୫ ହଜାର ୧୭ଟି ମାମଲା ପଞ୍ଜୀକୃତ କରାଯାଇଛି। ଏହା ମଧ୍ୟରୁ କେବଳ ଓଜନ ଓ ମାପ ଠକେଇ ସଂକ୍ରାନ୍ତରେ ପ୍ରଥମ ବର୍ଷରେ ୧୧୦ ଏବଂ ଦ୍ୱିତୀୟ ବର୍ଷରେ ୪୩ଟି ମାମଲା ହୋଇଛି। ବିଭିନ୍ନ ବେଆଇନ କାରବାରକୁ ନେଇ ବ୍ୟବସାୟୀଙ୍କଠାରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୧ କୋଟି ୬୯ ଲକ୍ଷ ୪୦ ହଜାର ୬୫୦ ଟଙ୍କା ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ୧ କୋଟି ୪୧ ଲକ୍ଷ ୬୦ ହଜାର ୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାମଧ୍ୟରୁ କେବଳ ଓଜନ ଓ ମାପ ଠକେଇରୁ ଜରିମାନା ଆଦାୟ ଯଥାକ୍ରମେ ୧୬ ଲକ୍ଷ ୮୪ ହଜାର ଏବଂ ୬ ଲକ୍ଷ ୬୭ ହଜାର ୧୦୦ ଟଙ୍କା ରହିଛି। ତେବେ ଏହି ଦୁଇ ଆର୍ଥିକ ବର୍ଷରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୮ ହଜାର ୩୭୭ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିବା ବେଳେ ଗଞ୍ଜାମ ଜିଲାରୁ ସର୍ବାଧିକ ୩୧ ଲକ୍ଷ ୯୬ ହଜାର ୫୫୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ତଥ୍ୟ ଦିଆଯାଇଛି।

# ଲୋକଙ୍କ ମଙ୍ଗଳ ଚିନ୍ତାକଲେ ବିରୋଧୀ ଆକ୍ରୋଶ କାହିଁକି: ମନ୍ତ୍ରୀ

ଭୁବନେଶ୍ୱର,୩।୧୨(ସୁନିତ୍ ମିଶ୍ର)

## ଓଡ଼ିଆରେ ନାମଫଳକ ଲଗାଇବା ବାଧ: ସରକାରୀ ଦଳ ମୁଖ୍ୟ ସଚେତକ

ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ବିଲ୍ ୨୦୨୫କୁ ନେଇ ବିରୋଧୀ ଉଠାଇଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ପ୍ରତିକ୍ରିୟା ଦେଇ ପାଲଟା ଜବାବ ରଖିଛନ୍ତି। ସେ କହିଛନ୍ତି, ଗତ ସରକାର ମନଇଚ୍ଛା ଯାହା ଚାହୁଁଥିଲେ ସେଇଆ କରୁଥିଲେ। ଏବେ ଯେତେବେଳେ ଜନସାଧାରଣଙ୍କ ମଙ୍ଗଳ ପାଇଁ ଆମେ କିଛି କରୁଛୁ ଏତେ ଆକ୍ରୋଶ କାହିଁକି ଦେଖାଉଛନ୍ତି। ଏହି ବିଲ୍‌ରେ ଉଲ୍ଲେଖ କରାଯାଇଛି, ଜଣେ କର୍ମଚାରୀ ବା ଶ୍ରମିକ ଦୈନିକ ୧୦ ଘଣ୍ଟା କାର୍ଯ୍ୟ କରିପାରିବ। ସପ୍ତାହର ୬ ଦିନରେ ଦୈନିକ ୮ ଘଣ୍ଟା ହିସାବରେ ୪୮ ଘଣ୍ଟା ଏବଂ ଯେଉଁ ୧୨ ଘଣ୍ଟା କାର୍ଯ୍ୟ କରିବ ସେଥିଲାଗି ତାଙ୍କୁ ଅଧିକ ପାରିଶ୍ରମିକ ମିଳିବ। ଯଦି ଜଣେ ଚାହିଁବେ ଦିନକୁ ୯ ଘଣ୍ଟା ହିଁ କାମ କରିପାରିବେ, ଅଧିକ କାମ କରିବା ଲାଗି ସେପରି କୌଣସି ବାଧ୍ୟବାଧକତା ନାହିଁ। ଏହି ବିଲ୍‌ରେ ସେପରି କିଛି ପରିବର୍ତ୍ତନ ହୋଇନାହିଁ। ସରକାର ଚିନ୍ତା କରୁଛନ୍ତି ଅଧିକରୁ ଅଧିକ ଲୋକଙ୍କୁ କିପରି ରୋଜଗାର ମିଳିବା ଦରକାର। ସେଥିଲାଗି ଭୁବନେଶ୍ୱର ଭଳି ସହରରେ ୨୪ ଘଣ୍ଟିଆ ଦୋକାନ ବା ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଯେତିକି ଶିଫ୍ଟରେ ବ୍ୟବସାୟିକ ପ୍ରତିଷ୍ଠାନ ଚାଲିବ ସେତିକି ଅଧିକ ଲୋକଙ୍କୁ ରୋଜଗାର ମିଳିପାରିବ। ଗାଁ ଗହଳିରୁ ଅନେକ ଗରିବ ଲୋକ ରୋଜଗାର ପାଇଁ ଆସି ଭୁବନେଶ୍ୱରରେ ରହୁଛନ୍ତି। ୨୪ ଘଣ୍ଟିଆ ଦୋକାନ ବା ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିଲେ ସେହି ଲୋକମାନେ ମଧ୍ୟ ରୋଜଗାର ପାଇପାରିବେ ବୋଲି ସେ କହିଛନ୍ତି।

ମନ୍ତ୍ରୀ ଖୁଣ୍ଟିଆ ଆହୁରି କହିଛନ୍ତି, ଏହି ବିଲ୍‌ରେ ସେପରି କିଛି ନୂଆ ଜିନିଷ ନାହିଁ। ସାମାନ୍ୟ କିଛି ପରିବର୍ତ୍ତନ କରାଯାଇଛି, ଯଦ୍ଦ୍ୱାରା ଜନସାଧାରଣଙ୍କୁ ସମାନ ଅଧିକାର ମିଳିପାରିବ। ସେହିପରି ୩ ମାସରେ ଓଭର ଟାଇମ କାମ କରିବା ସମୟ ଯାହା ୫୦ ଘଣ୍ଟା ଥିଲା ତାକୁ ୧୪୪ ଘଣ୍ଟାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ଉପରେ ଯେଉଁ କାମ ପୂରଣ କରିବାର ବୋଝ ରହୁଥିଲା ତାହା ସମାଧାନ ହୋଇପାରିବ। ଲିଙ୍ଗଗତ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷା, ମର୍ଯ୍ୟାଦା ଏବଂ କଲ୍ୟାଣମୂଳକ ପଦକ୍ଷେପର ସର୍ତ୍ତାବଳୀ ଅନୁଯାୟୀ ମହିଳା କର୍ମଚାରୀଙ୍କୁ ରାତିରେ କାମ କରିବାକୁ ଅନୁମତି ଦେବା ଲାଗି ଆଇନରେ ଥିବା କଟକଣାକୁ ବାଦ୍ ଦିଆଯାଇଛି। ପୂର୍ବ ସରକାର ମହିଳାମାନଙ୍କୁ ଆଇଟି ସେକ୍ଟରରେ କାର୍ଯ୍ୟ କରିବା ପାଇଁ ଅନୁମତି ଦେଇଥିଲେ, ସେତେବେଳେ କାହିଁକି ଏହାକୁ ତ ବିରୋଧ କରି ନ ଥିଲେ ବୋଲି ମନ୍ତ୍ରୀ କହିଛନ୍ତି।

ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏକ ସଂଶୋଧନ ପ୍ରସ୍ତାବ ଆଣି କହିଥିଲେ, ୨୦ ବା ତା’ଠାରୁ ଅଧିକ କର୍ମଚାରୀ ବା ଶ୍ରମିକ ଥିବା ସଂସ୍ଥାଗୁଡିକ ବ୍ୟବସାୟିକ ପ୍ରତିଷ୍ଠାନ ଆଗରେ ଓଡ଼ିଆରେ ନାମଫଳକ ଲଗାଇବାକୁ ବାଧ। ଏହାଦ୍ୱାରା ଓଡ଼ିଆ ଅସ୍ମିତା ବୃଦ୍ଧି ପାଇବ। ଏହାସହ ସେଠାରେ କେତେଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି ତା’ର ସଂଖ୍ୟା ମଧ୍ୟ ନୋଟିସ ବୋର୍ଡ ଜରିଆରେ ଉଲ୍ଲେଖ କରିବେ। ମନ୍ତ୍ରୀ ଖୁଣ୍ଟିଆ ଏହି ସଂଶୋଧିତ ପ୍ରସ୍ତାବକୁ ଗ୍ରହଣକରିବା ପରେ ବିଲ୍ ପାସ୍ ହୋଇଥିଲା।

# ଏସିଏଫ୍ ସୌମ୍ୟଙ୍କ ଫାଇଲ ରିଓପନ୍ ଦାବିକଲେ ପଦ୍ମଲୋଚନ

ଭୁବନେଶ୍ୱର,୩।୧୨
(ରବିନାରାୟଣ ଜେନା)

ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାକୁ ନେଇ ଭାଜପା ସଦସ୍ୟ ପଦ୍ମଲୋଚନ ପଣ୍ଡା ବିଧାନସଭାର ଶୂନ୍ୟକାଳରେ ସରକାରଙ୍କ ଉପରେ ଅସନ୍ତୋଷ ଝାଡ଼ିଛନ୍ତି। ସେ କହିଛନ୍ତି, ଏହି ଘଟଣାକୁ ନେଇ ସୌମ୍ୟଙ୍କ ମାତାପିତାଙ୍କର କାନ୍ଦି କାନ୍ଦି ଦିନ ସରୁନାହିଁ। ଏହି ଘଟଣା ଗୃହରେ ବାରମ୍ବାର ଉଠାଇଥିଲେ ମଧ୍ୟ ସରକାର ଶୁଣୁନାହାନ୍ତି। ଏହି ଫାଇଲ ରିଓପନ୍ ହେଲେ ଏଥିରେ ସଂପୃକ୍ତ ପୂର୍ବତନ ମନ୍ତ୍ରୀଙ୍କ ସହ ତତ୍କାଳୀନ ଡିଏଫ୍‌ଓ ଏବଂ ଅନ୍ୟ ଅଭିଯୁକ୍ତମାନେ ଧରାପଡ଼ନ୍ତେ। ହେଲେ ସରକାର ଶୁଣୁନାହାନ୍ତି। ଏପରିକି ହାଇକୋର୍ଟଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶନାମା ଥିଲେ ମଧ୍ୟ ସରକାର ତାହାକୁ ପାଳନ କରୁନାହାନ୍ତି। ଯଦି ବାଚସ୍ପତି ଏନେଇ ନିର୍ଦ୍ଦେଶ ନ ଦେବେ ତେବେ ଆଗାମୀ ଦିନରେ ଗୃହରେ ଯାହାକିଛି କରିବାର କଥା କରିବି।

ସେ ଆହୁରି କହିଥିଲେ, ଗୋଟିଏ କୋଠରିରେ ସ୍ୱାମୀ-ସ୍ତ୍ରୀ ରହିଥିବାବେଳେ କିଭଳି ଅଧଲିଟର କିରୋସିନରେ ସୌମ୍ୟଙ୍କ ମୃତ୍ୟୁ ହେଲା ଏବଂ ସ୍ତ୍ରୀ ଜାଣିପାରିଲେ ନାହିଁ? ଏହି ମାମଲାରେ ତତ୍କାଳୀନ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି, ତଥାପି ପୂର୍ବ ସରକାରରେ ତାଙ୍କୁ ଓ ତାଙ୍କ ସହଯୋଗୀଙ୍କୁ ବନ୍ଧାଯାଇନାହିଁ। ଆଜି ବି ଉପଯୁକ୍ତ ନ୍ୟାୟ ପାଇବାକୁ ତାଙ୍କ ପରିବାର ସଦସ୍ୟ ଚାହିଁବସିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସରକାର ପାଳନ କରନ୍ତୁ ଏବଂ ମାମଲାର ରିଓପନ୍ କରାଯାଉ ବୋଲି ସେ ବାଚସ୍ପତିଙ୍କଠାରେ ଦାବି ରଖିଥିଲେ।

# ସୁଧୀର ପଣ୍ଡା ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ସଦସ୍ୟ ମନୋନୀତ

ଭୁବନେଶ୍ୱର,୩।୧୨
(ରବି ନାରାୟଣ ଜେନା)



‘ପ୍ରତିଦିନ’ ଖବରକାଗଜର ସମ୍ପାଦକ ସୁଧୀର କୁମାର ପଣ୍ଡା ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ(ପିସିଆଇ)ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ପ୍ରେସ୍ କାଉନ୍‌ସିଲ ଆକ୍ଟ-୧୯୭୮ ଅଧିନିୟମ ଅନୁସାରେ କେନ୍ଦ୍ର ସରକାର ୨୦୨୪ ଡିସେମ୍ବର ୨୦ରେ ପ୍ରକାଶ କରିଥିବା ବିଜ୍ଞପ୍ତିରେ ସଂଶୋଧନ ଆଣିଛନ୍ତି। ୨୦୨୫ ଡିସେମ୍ବର ୨ରେ ପ୍ରକାଶ ପାଇଥିବା ସଂଶୋଧିତ ବିଜ୍ଞପ୍ତି ଅନୁସାରେ ସୁଧୀରଙ୍କ ସମେତ ୯ଜଣଙ୍କୁ ପିସିଆଇର ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ଯେଉଁ ବ୍ୟକ୍ତିମାନଙ୍କ ଶିକ୍ଷା, ବିଜ୍ଞାନ, ଆଇନ, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ସ୍ୱତନ୍ତ୍ର ଜ୍ଞାନ ରହିଥିବ ସେମାନଙ୍କୁ ପିସିଆଇର ସଦସ୍ୟଭାବେ ଗ୍ରହଣ କରାଯାଇଥାଏ। ସେଥିମଧ୍ୟରୁ ଖବରକାଗଜ ପରିଚାଳନା କିମ୍ବା ମାଲିକ ଥିବା ବ୍ୟକ୍ତିଙ୍କୁ ଚୟନ କରାଯିବା ନେଇ ଥିବା ବିଧି ଅଧୀନରେ ସୁଧୀରଙ୍କୁ ପିସିଆଇର ସଦସ୍ୟଭାବେ ଗ୍ରହଣ କରାଯାଇଛି। ସୁଧୀରଙ୍କ ସମେତ କେରଳରୁ ପ୍ରକାଶିତ ‘ମାତୃଭୂମି’ର ଏମ୍.ଭି. ଶ୍ରେୟାମ୍‌ସ କୁମାର, ନୂଆଦିଲ୍ଲୀରୁ ପ୍ରକାଶିତ ‘ଇଣ୍ଡିଆନ୍ ଅବ୍‌ଜରଭର’ର ଗୁରିନ୍ଦର ସିଂ, ଲକ୍ଷ୍ନୌରୁ ପ୍ରକାଶିତ ‘ଜନ୍ ଏକ୍ସପ୍ରେସ୍’ର ଅରୁଣ କୁମାର ତ୍ରିପାଠୀ ଏବଂ ଜୟ ପ୍ରଦେଶର ଆରତି ତ୍ରିପାଠୀ, ଜୟପୁରରୁ ପ୍ରକାଶିତ ‘ଗୁଲାବି ହାଲ୍‌ଚାଲ୍’ର ବ୍ରଜମୋହନଙ୍କୁ ସଦସ୍ୟଭାବେ ମନୋନୀତ କରାଯାଇଛି। ସେହିପରି ପାର୍ଲାମେଣ୍ଟରୁ ମନୋନୀତ ସଦସ୍ୟ ଭାବେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ଏମ୍‌ପି ନରେଶ ଗଣପତ୍ ମାସ୍କେ ଏବଂ କାଳି ଚରଣ ମୁଣ୍ଡା ପିସିଆଇର ସଦସ୍ୟଭାବେ ମନୋନୀତ ହୋଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପିସିଆଇ ଭାରତର ଏକ ବୈଧାନିକ ସଂସ୍ଥା। ଗଣମାଧ୍ୟମ ପାଇଁ ଉତ୍ସର୍ଗୀକୃତ ବିଶ୍ୱର ପ୍ରଥମ ସଂସ୍ଥାଗୁଡ଼ିକ ମଧ୍ୟରେ ଏହା ଅନ୍ୟତମ। ପ୍ରେସ୍ କାଉନ୍‌ସିଲ ଆକ୍ଟ ଅନୁଯାୟୀ ସୁପ୍ରିମ୍‌କୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଏହାର ଚେୟାରମ୍ୟାନ୍ ରହିଥାନ୍ତି। ବର୍ତ୍ତମାନ ଏହାର ଚେୟାରମ୍ୟାନ୍ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଞ୍ଜନା ପ୍ରସାଦ ଦେଶାଇ ରହିଛନ୍ତି। ଗଣମାଧ୍ୟମର ପ୍ରତିନିଧି ଭାବେ ପୂର୍ବଭାରତରୁ ସୁଧୀର ଏକମାତ୍ର ସଦସ୍ୟ ହୋଇଥିବାରୁ ବିଭିନ୍ନ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଅଶୋକ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗଠନହେଲା ଉଚ୍ଚସ୍ତରୀୟ କମିଟି: ମୁଖ୍ୟମନ୍ତ୍ରୀ

**ଶିକ୍ଷକ, ଅଧ୍ୟାପକ, କର୍ମଚାରୀଙ୍କ ଦାବି ପ୍ରସଙ୍ଗ** | ୬ ମାସରେ ରିପୋର୍ଟ

ଭୁବନେଶ୍ୱର,୩।୧୨(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ବିଭିନ୍ନ ପ୍ରକାର ସରକାରୀ ଓ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛନ୍ତି। ଏହି ଶିକ୍ଷାନୁଷ୍ଠାନଗୁଡିକର ବିଭିନ୍ନ ଶିକ୍ଷକ/ଅଧ୍ୟାପକ ଏବଂ କର୍ମଚାରୀ ସଂଘ ସେମାନଙ୍କ ବିଭିନ୍ନ ପ୍ରକାର ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଆସୁଛନ୍ତି। ସେମାନଙ୍କର ଏହି ଦାବି ଉପରେ ବିଭିନ୍ନ ସମୟରେ ଆଲୋଚନା ମଧ୍ୟ କରାଯାଇଛି। ଏହାକୁ ରାଜ୍ୟ ସରକାର ଗୁରୁତର ସହ ବିଚାରକରି ଶିକ୍ଷକ/ଅଧ୍ୟାପକ ଏବଂ କର୍ମଚାରୀମାନଙ୍କ ଦାବି ସମୂହର ଅନୁଶୀଳନ ନିମନ୍ତେ ଭାରତୀୟ ପ୍ରଶାସନିକ ସେବା (ଅବସରପ୍ରାପ୍ତ) ଅଫିସର ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି କମିଟି ୬ ମାସ ମଧ୍ୟରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଗୃହରେ ନିଜର ବିବୃତିରେ ସୂଚାଇଛନ୍ତି।

# ୭ ବର୍ଷରେ ଯାଇଛି ୪୩୨ ପ୍ରବାସୀ ଶ୍ରମିକଙ୍କ ଜୀବନ

ଭୁବନେଶ୍ୱର,୩।୧୨
(ରବିନାରାୟଣ ଜେନା)

ରାଜ୍ୟରେ ଗତ ୭ ବର୍ଷରେ ୪୩୨ ପ୍ରବାସୀ ଶ୍ରମିକଙ୍କ ଜୀବନ ଯାଇଛି ବୋଲି ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏକ ଲିଖିତ ଉତ୍ତରରେ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ବାହାରକୁ କାମ କରିବାକୁ ଯାଇ ୨୦୧୯ରୁ ୨୦୨୫ ମଧ୍ୟରେ ୪୩୨ ପ୍ରବାସୀ ଶ୍ରମିକ ପ୍ରାଣ ହରାଇଛନ୍ତି। ତେବେ ବାହାର ରାଜ୍ୟରେ ମୃତ ପ୍ରବାସୀ ଶ୍ରମିକଙ୍କ ମୃତଦେହ ସରକାର ରାଜ୍ୟକୁ ଆଣିବା ସହ ମୃତବ୍ୟକ୍ତିଙ୍କ ପରିବାରକୁ ସହାୟତା ରାଶି ଯୋଗାଇ ଦିଆଯାଉଛି। ୧୪ଟି ପ୍ରବାସୀ ଶ୍ରମିକ ଜିଲାକୁ ୧୫ ଲକ୍ଷ ଲେଖାଏ ସହାୟତା ରାଶି ଦିଆଯାଇଥିବା ବେଳେ ଅନ୍ୟ ୧୬ ଜିଲାକୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ଶାରୀରିକ ଅକ୍ଷମତା ପ୍ରତିଭା ବିକାଶରେ ବାଧା ସୃଷ୍ଟିକରେ ନାହିଁ: ମୁଖ୍ୟମନ୍ତ୍ରୀ

**ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ**

ଭୁବନେଶ୍ୱର,୩।୧୨(ସୁଚିସ୍ମିତା ସାହୁ)



ଭିନ୍ନକ୍ଷମଙ୍କ ସମସ୍ୟାକୁ ରାଜ୍ୟ ସରକାର ସବୁବେଳେ ପ୍ରାଥମିକତା ଦେଉଛନ୍ତି। ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ଯତ୍ନ ପ୍ରଦାନ କରି ସମାଜରେ ମୁଖ୍ୟସ୍ରୋତରେ ସାମିଲ କରିବାକୁ ସର୍ବଦା କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଚାଲିଥିବା ତିନିଦିନିଆ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉତ୍ସବ ବୁଧବାର ସୋଆ ଅଡିଟୋରିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ଶାରୀରିକ ଅକ୍ଷମତା ବା ଭିନ୍ନ-କ୍ଷମତା ପ୍ରତିଭାର ବିକାଶରେ କେବେ ବି ବାଧା ସୃଷ୍ଟି କରେ ନାହିଁ। ସମାଜର ସହଯୋଗ ଓ ପରିବାରର ପ୍ରେରଣା ଦ୍ୱାରା ଅନେକ ଭିନ୍ନକ୍ଷମ ବ୍ୟକ୍ତି ବିଭିନ୍ନ କ୍ଷେତ୍ରରେ ସଫଳତା ପ୍ରଦର୍ଶନ କରିଛନ୍ତି। ସରକାର ଭିନ୍ନକ୍ଷମ ବ୍ୟକ୍ତିଙ୍କ ମୁହଁରେ ହସ ଫୁଟାଇବା ସହ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ସ୍ୱୟଂସିଦ୍ଧ କରିବାକୁ ପ୍ରୟାସ କରୁଛନ୍ତି। ଭିନ୍ନକ୍ଷମମାନେ ସମ୍ମାନର ସହ ବଞ୍ଚିବା ଆମର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଟି-୨୦ ଦୃଷ୍ଟିବାଧିତ ମହିଳା ବିଶ୍ୱକପ କ୍ରିକେଟର ୪ଜଣ ଖେଳାଳିଙ୍କ ସମେତ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ୩୩ ଜଣ ଭିନ୍ନକ୍ଷମ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ କୃତୀ ବିଦ୍ୟାର୍ଥୀଙ୍କୁ ଲାପ୍‌ଟପ ବଣ୍ଟନର ଶୁଭାରମ୍ଭ କରିଥିଲେ।

ବିଭାଗୀମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ଏହି ତିନିଦିନିଆ ଉତ୍ସବରେ ଭିନ୍ନକ୍ଷମ ଭଉଣୀଭାଇମାନେ ନିଜ ପ୍ରତିଭାକୁ ଉତ୍ସାହର ସହ ପ୍ରଦର୍ଶିତ କରିଛନ୍ତି। ସେମାନଙ୍କୁ ସମସ୍ତ ସହଯୋଗ ଓ ସେବା ପ୍ରଦାନ ଜରିଆରେ ସମାଜରେ ସମ୍ମାନଜନକ ସ୍ଥାନରେ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ବିଭାଗୀୟ କମିଶନର ଆର୍. ଏସ୍. ଗୋପାଳନ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶିକା ପାରୁଲ ପଟୱାରୀ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ସଚିବ ରଜନୀ ଦାନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁନିଟ୍ ପିଛା ୩୬ ପଇସା ଅଧିକ ଆଦାୟ ଦାବି ବିଭ୍ରାନ୍ତିକର: ଓଡ଼ିଶା ଡିସ୍‌କମ୍

ଭୁବନେଶ୍ୱର,୩।୧୨
(ରବିନାରାୟଣ ଜେନା)

ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୟୁନିଟ୍ ପିଛା ୩୬ ପଇସା ଅଧିକ ଆଦାୟ କରାଯାଉଥିବା ନେଇ ନିକଟରେ ଯେଉଁ ଅଭିଯୋଗ ହୋଇଛି, ତାହା ସମ୍ପୂର୍ଣ୍ଣ ତଥ୍ୟହୀନ ଏବଂ ଭୁଲ୍ ବୋଲି ଓଡ଼ିଶା ଡିସ୍‌କମ୍ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଏଭଳି ଅଭିଯୋଗ ବିଦ୍ୟୁତ୍ ଆଇନ-୨୦୦୩ ଏବଂ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ଟାରିଫ୍ ନିୟମାବଳୀ-୨୦୨୨ ଅଧୀନରେ ଥିବା ଦର ନିର୍ଦ୍ଧାରଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛି। ପ୍ରତିବର୍ଷ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ଓଇଆର୍‌ସିଙ୍କ ନିକଟରେ ନିଜର ମୋଟ ରାଜସ୍ୱ ଆବଶ୍ୟକତା(ଏଆର୍‌ଆର୍) ଦାଖଲ କରନ୍ତି। ଏହାପରେ ଆୟୋଗ ଉପଭୋକ୍ତା, ସାଧାରଣ ଜନତା, ଓଡ଼ିଶା ସରକାର, ଗ୍ରୀଡ୍‌କୋ, ଓପିଟିସିଏଲ୍ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମତାମତ ଲୋଡ଼ିଥାନ୍ତି। ଅଡିଟ୍ ହୋଇଥିବା ତଥ୍ୟର ଟିକିନିଖି ଯାଞ୍ଚ ପରେ ହିଁ ଆୟୋଗ ବିଭିନ୍ନ ବର୍ଗର ଉପଭୋକ୍ତାଙ୍କ ପାଇଁ ଟାରିଫ୍ ଚୂଡ଼ାନ୍ତ କରିଥାନ୍ତି। ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଟାରିଫ୍ ଢାଞ୍ଚାରେ ଆଇନଗତ ଭାବେ ସ୍ୱୀକୃତ କ୍ରସ୍-ସବ୍‌ସିଡି ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥାରେ ଶିଳ୍ପ, ବାଣିଜ୍ୟିକ ଏବଂ ଅନ୍ୟାନ୍ୟ ଅଧିକ ଦେୟ ଦେଉଥିବା ଉପଭୋକ୍ତାମାନେ ଅଧିକ ଦର ବହନ କରନ୍ତି, ଯାହାଫଳରେ ଘରୋଇ ଏବଂ କୃଷି ଉପଭୋକ୍ତାଙ୍କୁ ରିହାତି ଦରରେ ବିଜୁଳି ଯୋଗାଇ ଦିଆଯାଇପାରିବ। ତେଣୁ ସମସ୍ତ ଉପଭୋକ୍ତାଙ୍କଠାରୁ ସମାନ ଭାବରେ ଅଧିକ ଟଙ୍କା ଆଦାୟ କରାଯାଉଛି ବୋଲି କହିବା ଏହି ସ୍ୱଚ୍ଛ ତଥା ଆଇନଗତ ବ୍ୟବସ୍ଥାକୁ ଅସ୍ୱୀକାର କରିବା ସହ ସମାନ। ପ୍ରତି ଆର୍ଥିକ ବର୍ଷ ଶେଷରେ ବିଦ୍ୟୁତ୍ ନିୟାମକ ଆୟୋଗ ‘ଟ୍ରୁ-ଅପ୍’ ନାମକ ଏକ ସମୀକ୍ଷା ପ୍ରକ୍ରିୟା କରିଥାନ୍ତି। ଏଥିରେ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର ଆନୁମାନିକ ତଥ୍ୟ ସହ ପ୍ରକୃତ ବିକ୍ରି ଓ ଖର୍ଚ୍ଚରେ ତୁଳନା କରାଯାଏ। ଯଦି କୌଣସି ବଳକା ବା ନିଅଣ୍ଟ ଅର୍ଥ ଥାଏ, ତେବେ ଆଇନ ଅନୁଯାୟୀ ପରବର୍ତ୍ତୀ ବର୍ଷର ଟାରିଫ୍ ନିର୍ଦ୍ଧାରଣ ସମୟରେ ତାହାକୁ ଆଡ୍‌ଜଷ୍ଟ କରାଯାଏ। ଯେହେତୁ ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ‘ଟ୍ରୁ-ଅପ୍’ ପ୍ରକ୍ରିୟା ଏବେ ମଧ୍ୟ ବାକି ଅଛି, ତେଣୁ ଅଧିକ କିମ୍ବା କମ୍ ଆଦାୟ ନେଇ ବର୍ତ୍ତମାନ କୌଣସି ନିଷ୍ପତ୍ତିରେ ପହଞ୍ଚିବା ଅପରିପକ୍ୱ ଏବଂ ବିଭ୍ରାନ୍ତିକର ଅଟେ। ୟୁନିଟ୍ ପିଛା ୩୬ ପଇସା ଅଧିକ ଆଦାୟର ଅଭିଯୋଗ କିଛି ଭୁଲ୍ ତଥ୍ୟ ଉପରେ ଆଧାରିତ। ଏହି ଦାବି କରିବା ସମୟରେ ପୁରୁଣା ବକେୟା ଆଦାୟକୁ ରାଜସ୍ୱ ସହ ମିଶାଇ ଭୁଲ୍ ଭାବେ ବ୍ୟାଖ୍ୟା କରାଯାଇଛି ଏବଂ ୨୦୨୪-୨୫ ବର୍ଷର ପ୍ରକୃତ ଖର୍ଚ୍ଚ ତଥ୍ୟକୁ ବିଚାରକୁ ନିଆଯାଇନାହିଁ।

ଏନେଇ ଟାଟା ପାୱାର ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀର ମୁଖପାତ୍ର କହିଛନ୍ତି, ‘ଓଡ଼ିଶାର ଟାରିଫ୍ ନିର୍ଦ୍ଧାରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ, ସହଭାଗିତା ଉପରେ ପର୍ଯ୍ୟବସିତ ଏବଂ ଏହା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥାଏ। ଅଧିକ ଟଙ୍କା ଆଦାୟର ଅଭିଯୋଗ ଆଇନଗତ ଢାଞ୍ଚା, କ୍ରସ୍-ସବ୍‌ସିଡି ବ୍ୟବସ୍ଥା ଏବଂ ଟ୍ରୁ-ଅପ୍ ପ୍ରକ୍ରିୟାକୁ ଅଣଦେଖା କରୁଛି। ସର୍ବସାଧାରଣରେ ପ୍ରଚାରିତ ହେଉଥିବା ଏଭଳି କାଳ୍ପନିକ ଏବଂ ଅସମ୍ପୂର୍ଣ୍ଣ ତଥ୍ୟଦ୍ୱାରା ବିଭ୍ରାନ୍ତ ନ ହେବାକୁ ଆମେ ବିନମ୍ର ଅନୁରୋଧ କରୁଛୁ’। ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ରର ସଂସ୍କାର ସର୍ବଦା ସ୍ଥିରତା, ସୁଲଭ ମୂଲ୍ୟ ଏବଂ ଉପଭୋକ୍ତା ସୁରକ୍ଷା ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି। ସ୍ୱଚ୍ଛତା ଏବଂ ନିୟାମକଙ୍କ ତତ୍ତ୍ୱାବଧାନରେ ଗଢ଼ି ଉଠିଥିବା ଏହି ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରିବା ପାଇଁ କିଛି ବିଭ୍ରାନ୍ତି ସୃଷ୍ଟି କରିବା ଦୁର୍ଭାଗ୍ୟଜନକ।

# ଖୋଲିପାରୁନି ୫ରୁ ୪ ଟିନିକଲ

ଭୁବନେଶ୍ୱର,୩।୧୨(ସୁନିତ୍ ମିଶ୍ର)

ରାଜ୍ୟର ୫ଟି ଟିନିକଲ ମଧ୍ୟରୁ ୪ଟି ବନ୍ଦ ହୋଇଯାଇଛି। ବରଗଡ଼, ବଡ଼ମ୍ବା, ନୟାଗଡ଼, ବଲାଙ୍ଗୀର ଏବଂ ଆସିକାଠାରେ ଥିବା ୫ଟି ସମବାୟ ଟିନିକଲ ମଧ୍ୟରୁ ୪ଟି ଅଚଳ ଅବସ୍ଥାରେ ରହିଛି। କଟକ ଜିଲା ବଡ଼ମ୍ବା ଟିନିକଲ ୨୦୧୨ରୁ ବନ୍ଦ ପଡ଼ିଛି। ବଲାଙ୍ଗୀର ସ୍ଥିତ ବିଜୟାନନ୍ଦ ଟିନିକଲ ୨୦୧୪, ବରଗଡ଼ ଟିନିକଲ ୨୦୧୭ ଏବଂ ନୟାଗଡ଼ ଟିନିକଲ ୨୦୧୪ରୁ ବନ୍ଦ ହୋଇଗଲାଣି। ଏସବୁ ଟିନିକଲ ମଧ୍ୟରୁ ୩ଟି ୧୦ ବର୍ଷରୁ ଅଧିକ ଦିନ ହେବ ବନ୍ଦ ପଡିଲାଣି। ବରଗଡ ଟିନିକଲ ବନ୍ଦହେବା ୧୦ ବର୍ଷ ପୂରଣ ହେବାକୁ ଯାଉଛି। ଏହାକୁ ପୁନଃ ଆରମ୍ଭ ଲାଗି ବିଗତ ଦିନରେ ବାରମ୍ବାର ଯଆଲୋଚନା ସତ୍ତ୍ୱେ ଏଯାଏଁ ଏହା ସଫଳ ହୋଇପାରୁ ନ ଥିବା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବିଧାୟକ ପ୍ରଶାନ୍ତ ବେହେରା ପଚାରିଥିବା ଏକ ପ୍ରଶ୍ନର ଲିଖିତ ଉତ୍ତର ରଖିଛନ୍ତି। ମନ୍ତ୍ରୀ କହିଛନ୍ତି, କେବଳ ଆସିକା ସମବାୟ ଟିନିକଲ ଏବେ ଚାଲୁ ରହିଛି। ବିଭିନ୍ନ ପ୍ରତିକୂଳ କାରଣ ଯୋଗୁ ବରଗଡ଼ର ସମବାୟ ଟିନିକଲ ଇତିମଧ୍ୟରେ ସମାପନ କରାଯାଇଛି। ନୟାଗଡ଼ ଟିନିକଲ ବାବଦରେ ବିଭିନ୍ନ ମାମଲା ବିଚାରାଧୀନ ଥିବା ଯୋଗୁ ଏହାକୁ ବର୍ତ୍ତମାନ ପରିସ୍ଥିତିରେ ପୁନଃ କାର୍ଯ୍ୟକ୍ଷମ ଦିଗରେ ନିଷ୍ପତ୍ତି ନେବା ସମ୍ଭବ ହୋଇପାରୁନାହିଁ। କଟକର ବଡ଼ମ୍ବା ଏବଂ ବଲାଙ୍ଗୀରର ବିଜୟାନନ୍ଦ ସମବାୟ ଟିନିକଲ ପୁନଃ କାର୍ଯ୍ୟକ୍ଷମ ଲାଗି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଯୁବକ ମୃତ

ଛତିଆ,୩।୧୨(ସୌମ୍ୟ ରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଛତିଆ ଚଟିଘର ନିକଟରେ ମଙ୍ଗଳବାର ରାତିରେ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବୈରୀ ଥାନା ଅନ୍ତର୍ଗତ ଚମ୍ପାପୁର ପଞ୍ଚାୟତ ହଳଦେଇପୁର ଗ୍ରାମର ବୁଲା ପ୍ରଧାନଙ୍କ ପୁଅ ଦିବ୍ୟପ୍ରସାଦ ପ୍ରଧାନ। ଗୁରୁତର ହେଲେ ଚମ୍ପାପୁର ଗ୍ରାମର ଲକି ରାଉତ। ଦିବ୍ୟପ୍ରସାଦ ସାଙ୍ଗମାନଙ୍କ ସହ ଛତିଆ ଅଞ୍ଚଳରେ ଏକ ଭଡ଼ାଘରେ ରହି ପାଠ ପଢୁଥିଲେ। ରାତିରେ ତାଙ୍କ ସାଙ୍ଗଙ୍କ ସହ ଏକ ଦୋକାନକୁ ରାଜପଥ ପାରହୋଇ ଚାଲିଚାଲି ଯାଉଥିଲେ। ଏହି ସମୟରେ ଚଣ୍ଡିଖୋଲରୁ କଟକ ଅଭିମୁଖେ ଯାଉଥିବା ଏକ ଟ୍ରକ୍ ୨ ଜଣଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ହୋଇଥିଲେ। ଛତିଆ ବିଟ ହାଉସ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ଦିବ୍ୟପ୍ରସାଦଙ୍କୁ ମୃତ ଘୋଷଣା କରିଥିଲେ।

### ଶିକ୍ଷକ ନେତା ଯଚିନ୍ଦ୍ର ଜେନାଙ୍କ ପରଲୋକ

ଚଣ୍ଡିଖୋଲ/ବଡ଼ଚଣା, ୩।୧୨
(ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ ମହାନ୍ତି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଖୋସାଲିପୁର ଗ୍ରାମର ଶିକ୍ଷକ ନେତା ତଥା କମ୍ୟୁନିଷ୍ଟ ପାର୍ଟି ନେତା ଯଚିନ୍ଦ୍ର ଜେନା (୮୨)ଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି।



ଶିକ୍ଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଉତ୍ସର୍ଗୀକୃତ ଅବଦାନ ପାଇଁ ଯଚିନ୍ଦ୍ର ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ସେ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟସ୍ତରୀୟ ପଦ ପଦବୀରେ ଥିଲେ। ପରେ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଇ ବିଭିନ୍ନ ପଦବୀରେ ଅଧିଷ୍ଠିତ ହୋଇ କାର୍ଯ୍ୟ କରି ଆସୁଥିଲେ। ଅନେକ ସାମାଜିକ ଅନୁଷ୍ଠାନ ସହ ଜଡ଼ିତଥିଲେ। ହଠାତ୍ ହୃଦ୍‌ଘାତ ହେବାରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ମରଶରୀରକୁ ଶୋଭାଯାତ୍ରାରେ ଚଣ୍ଡିଖୋଲ ବଜାର ପରିକ୍ରମା କରାଯାଇଥିଲା। ବିଧାୟକ ଅମର ନାୟକ, ସିପିଆଇ ଜିଲା ସମ୍ପାଦକ ଈଶ୍ୱରଚନ୍ଦ୍ର ପରିଡ଼ା, ପୂର୍ବତନ ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ରାଉତ, ପୂର୍ବତନ ସରପଞ୍ଚ ନିଳମଣୀ ରାଉତ ପ୍ରମୁଖ ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ବହୁ ସଂଖ୍ୟାରେ ଶିକ୍ଷକ ଆସି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ସୁକାନ୍ତ ଜେନା ମୁଖାଗ୍ନି ଦେଇଥିଲେ। ଯଚିନ୍ଦ୍ରଙ୍କ ବିୟୋଗ ଖବର ପାଇ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, କଂଗ୍ରେସ ନେତା ଅଜୟ ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ରାଉତ, ଖବରଦାତା ମହେଶ୍ୱର ବଳ, ଭକ୍ତଚରଣ ସାହୁ ଓ ପ୍ରଦୀପ୍ତ ପୃଷ୍ଟି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଗୋବରୀ ନଦୀରେ କୁଢ଼କୁଢ଼ ମଲାମାଛ

## ବିଷ ପକାଯାଇଥିବା ଅଭିଯୋଗ

ଚଣ୍ଡିଖୋଲ,୩।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାଦେଇ ପ୍ରବାହିତ ଗୋବରୀ ନଦୀ ଏବେ ବିଷ ବଳୟରେ। ଏହି ନଦୀରେ ପ୍ରଚୁର ମାଛ ମିଳୁଥିବାରୁ କିଛି ଦିନ ହେଲା ଦୁର୍ବୃତ୍ତ ନଦୀରେ ବିଷ ପକାଇ ଦେଇଛନ୍ତି। ଫଳରେ ନଦୀରେ କୁଢ଼କୁଢ଼ ମଲା ମାଛ ଭାସୁଛନ୍ତି। ନଦୀର ମାହାଙ୍ଗା ଥାନା ଲଳିତଗିରି ଶନି ପୋଲ ନିକଟରୁ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପାରିପଲେଇ ସ୍ଥିତ ଆଖୁବାଙ୍କ ଗଣ୍ଡ ପର୍ଯ୍ୟନ୍ତ ୨କିଲୋମିଟରରେ ମଲାମାଛ ଭାସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।



ଗୋବରୀ ନଦୀରେ ମଲାମାଛ ଭାସୁଛନ୍ତି।

ଗୋବରୀ ନଦୀ କଟକ ଜିଲା ମାହାଙ୍ଗା, ବଡ଼ଚଣା ଓ କେନ୍ଦ୍ରାପଡ଼ା ସାଲେପୁର ବ୍ଲକ ଅଞ୍ଚଳରୁ ବାହାରି ଜିଲାଦେଇ ସମୁଦ୍ରରେ ମିଶିଛି। ନଦୀ ଉପରେ ଲକ୍ଷଲକ୍ଷ ଲୋକ ନିର୍ଭର କରିଥାନ୍ତି। ନଦୀକୂଳବାସୀ ସ୍ନାନ କରିବା ସହ ନଦୀ ଜଳକୁ ପାନୀୟ ଜଳ ଭାବରେ ବ୍ୟବହାର କରିଥାନ୍ତି। ଚାଷପାଇଁ ମଧ୍ୟ ନଦୀଜଳ ବ୍ୟବହାର କରାଯାଏ। ତେଣୁ ଯେଉଁ ଦୁର୍ବୃତ୍ତ ନଦୀରେ ବିଷ ପକାଇଛନ୍ତି ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଓଳାଶୁଣୀ ପୀଠରେ ଗୀତାଯଜ୍ଞ



ଓଳାଶୁଣୀ ପୀଠରେ ପୂଜାକରାଯାଉଛି।

ଚଣ୍ଡିଖୋଲ,୩।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଓଳାଶୁଣୀ ପାହାଡ଼ ପାଦଦେଶରେ ଥିବା ମା' ଓଳାଶୁଣୀ ଠାକୁରାଣୀଙ୍କ ବିଜେସ୍ଥଳୀରେ ବୁଧବାର ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା କରାଯାଇଥିଲା। କଳସ ସ୍ଥାପନ ପରେ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ଚଣ୍ଡୀପାଠ ଓ ଗୀତା ଯଜ୍ଞ କରାଯାଇଥିଲା। ପଣ୍ଡିତ ଅକ୍ଷୟ ଦାଶ, ଦେବ ପ୍ରସାଦ ଶତପଥୀ, ଚନ୍ଦ୍ରକାନ୍ତ ନନ୍ଦ, ରତିକାନ୍ତ ଆଚାର୍ଯ୍ୟ, ଶରତ ଚନ୍ଦ୍ର ମିଶ୍ର, ଦୀପ୍ତିକାନ୍ତ ପଣ୍ଡା ଓ ଦୀପକ ମିଶ୍ର ପ୍ରମୁଖ ମନ୍ତ୍ରପାଠ କରିଥିଲେ। କର୍ତ୍ତାଭାବେ ରତିକାନ୍ତ ସାମଲ ଓ ସ୍ତ୍ରୀ କୃଷ୍ଣପ୍ରିୟା, ଦେବଦତ୍ତ ସାମଲ ଏବଂ ସ୍ତ୍ରୀ ଅହଲ୍ୟା ଯୋଗଦେଇଥିଲେ। ଅଶୋକ ସାମଲ, ବୈନେତୟ ଦାସ, ଅଲେଖ ପ୍ରସାଦ ସାମଲ, ବିକ୍ରମ ପ୍ରଧାନ, ପ୍ରସନ୍ନ ପରିଡ଼ା ଓ କୁଳମଣି ସାମଲ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ



ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ବ୍ୟାସଶ୍ରୀ କଳାନିକେତନର ଭିନ୍ନକ୍ଷମଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

ଯାଜପୁରରୋଡ୍,୩।୧୨
(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ବୁଧବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଡୋଳିପୁରଠାରେ ଥିବା ବ୍ୟାସଶ୍ରୀ କଳାନିକେତନର ୫୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ କମ୍ବଳ ଏବଂ ୧୦ଜଣ ଦୃଷ୍ଟିବାଧିତଙ୍କୁ ଧଳାବାଡ଼ି ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଯାଜପୁରରୋଡ ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀ ଆଶିଷ କୁମାର ସାହୁ ଯୋଗଦେଇ ସଂଘର ପ୍ରତ୍ୟେକ କାର୍ଯ୍ୟକ୍ରମ ଦୁଃଖୀ, ଅସହାୟଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଯାଜପୁରରୋଡ ମେଡିକାଲର ଭାରପ୍ରାପ୍ତ ଅଧିକାରୀ ଡା. ପ୍ରସନ୍ନଜିତ କର ଯୋଗଦେଇ ସଂଘର ଦୀର୍ଘଦିନ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ନରେଶ ମସ୍କରା ଯୋଗଦେଇ ସଂଘ କାର୍ଯ୍ୟ ପ୍ରଶଂସନୀୟ ବୋଲି କହିଥିଲେ। ସଂଘ ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ କରି ଆମେ ଖୁସି ଅନୁଭବ କରୁ ବୋଲି କହିଥିଲେ। ସଂଘ ସମ୍ପାଦକ ହେମନ୍ତ ଧୀର ମଞ୍ଚ ପରିଚାଳନା କରିଥିଲେ। ସହସମ୍ପାଦକ ଅକ୍ଷୟ ନାୟକ, ବିଜୟ ନନ୍ଦୀ, ଚିନ୍ତାମଣି ମଲ୍ଲିକ, ତପନ ସିଂ, ସାହିଲ ବୋଇତାଇ, ଆଶିଷ ମଲ୍ଲିକ, ବ୍ୟଙ୍ଗକବିବାଇଧର ମାଝୀ, ହେମନ୍ତ ନାୟକ, ମହେଶ୍ୱର ନାୟକ, ପଙ୍କଜ ଶର୍ମା, କୁନା ଗୁଡୁ ଯୋଗଦେଇ ସହଯୋଗ କରିଥିଲେ। ସଭ୍ୟ ରମେଶ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

ସେହିପରି ନବଉଜ୍ଜ୍ୱଳ ମହିଳା ସମିତି ପକ୍ଷରୁ ଅନ୍ତର୍ଜତାଜୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ସଂଘ ପକ୍ଷରୁ ଯାଜପୁର ଟାଉନ ଦୃଷ୍ଟିହୀନ ମଙ୍ଗଳ ସଂସ୍ଥାରେ ଥିବା ୧୫ ଦୃଷ୍ଟିହୀନଙ୍କୁ ଶୀତବସ୍ତ୍ର ଓ ଖାଦ୍ୟସାମଗ୍ରୀ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମିତି ଉପସଭାପତି ମମତା ବର୍ଦ୍ଧନ, କାର୍ଯ୍ୟକାରୀ ସଭାପତି ଦୀପ୍ତି ପଣ୍ଡା, ସହ ସମ୍ପାଦିକା ଜେମାମଣୀ କଅଁର, ସ୍ୱପ୍ନାରାଣୀ ସିଂ, ମୁଖ୍ୟ ପରିଚାଳକ ହେମନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଭୋଟକା ପଞ୍ଚାୟତରେ ସାମାଜିକ ସମୀକ୍ଷା ଗ୍ରାମସଭା

ରସୁଲପୁର,୩।୧୨
(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ସାମାଜିକ ସମୀକ୍ଷା ଗ୍ରାମସଭା ସାମାଜିକକର୍ମୀ ବିନୋଦ ବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏପ୍ରିଲ ୧ରୁ ଅକ୍ଟୋବର ୩୧ ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ପଞ୍ଚାୟତରେ ହୋଇଥିବା ଚାରାରୋପଣ, ମୋ ଉପକାରୀ ବଗିଚା, ବିଦ୍ୟାଳୟ ଶୌଚାଳୟ ଓ ରାସ୍ତା ନିର୍ମାଣ ଆଦି କାର୍ଯ୍ୟର କ୍ଷେତ୍ରୀୟ ସ୍ଥିତି ପରଖାଯିବା ସହ ନଥିପତ୍ର ଯାଞ୍ଚ କରାଯାଇଛି। ଏଥିସହିତ ଅନ୍ତ୍ୟୋଦୟ ଗୃହ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଜୁରୀ ବାବଦକୁ ହିତାଧିକାରୀ ହାତେଇଥିବା ଅର୍ଥ ଏବଂ ସେମାନଙ୍କ ଅଭିଯୋଗ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଛି। ଗ୍ରାମ୍ୟ ସମ୍ବଳ ବ୍ୟକ୍ତି ରମାମଣି ସାହୁ ଯୋଗଦେଇ ଏହି ତଥ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟ କରିବାର ଅନ୍ୟୁନ ୧୫ଦିନ ଭିତରେ ମଜୁରୀ ଅର୍ଥ ଜବକାର୍ଡଧାରୀଙ୍କ ଜମାଖାତାକୁ ଯିବାର ବିଧି ରହିଛି। ହେଲେ ଉକ୍ତ ଅର୍ଥ ୪ ମାସ ପରେ ଜମାଖାତାକୁ ଆସୁଛି ବୋଲି ଅଭିଯୋଗ ହୋଇଥିଲା। ସରପଞ୍ଚ ସ୍ମୃତିରେଖା ରାଉତ, ନାଏବ ସରପଞ୍ଚ କେଦାର ଦେଓ, ବ୍ଲକ ସାମାଜିକ ସମୀକ୍ଷକ ରିଙ୍କୁନ ସ୍ୱାଇଁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ଦାସ, ଏଡିଇଓ ବିଶ୍ୱନାଥ ଜେନା ପ୍ରମୁଖ ଉପସ୍ଥିତ ରହି ଜବକାର୍ଡଧାରୀଙ୍କଠାରୁ ଆଗତ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ପାଣ୍ଠି ଆସିବାରେ ବିଳମ୍ବ ହେଉଥିବାରୁ ଏଭଳି ସ୍ଥିତି ଉପୁଜୁଛି ବୋଲି ଅଧିକାରୀମାନେ ଉତ୍ତର ରଖିଥିଲେ। ୭ଦିନ ଧରି ଉକ୍ତ ସମୀକ୍ଷା କାର୍ଯ୍ୟ ଜାରି ରହିଥିଲା। ଭିଆରପି ମଧୁସ୍ମିତା ସାହୁ ଓ ରମାମଣି ସାହୁ ସମୀକ୍ଷା କାର୍ଯ୍ୟକୁ ପରିଚାଳନା କରିଥିଲେ।

# ଲାଞ୍ଚ ଟଙ୍କାକୁ ନେଇ ଥାନାଧିକାରୀ, ଏଏସ୍‌ଆଇ ହାତାହାତି

ବିଞ୍ଝାରପୁର,୩।୧୨(ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକ ଅଧୀନ ଅଳକୁଣ୍ଡ ଥାନାରେ ଲାଞ୍ଚଟଙ୍କା ଆଦାୟ ଓ ଭାଗବଣ୍ଟାକୁ ନେଇ ଥାନାଧିକାରୀ ଦେବାଶିଷ ଶତପଥୀ ଓ ଏଏସ୍‌ଆଇ ପ୍ରକାଶ ସିଂହଙ୍କ ମଧ୍ୟରେ ହାତାହାତି ହୋଇଛି। ସୋମବାର ରାତିରେ ଏହି ଘଟଣା ଘଟିଛି। ଖବର ପାଇ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ମଙ୍ଗଳବାର ସନ୍ଧ୍ୟାରେ ଥାନାରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।




ଏଏସ୍‌ଆଇ ସିଂହ କିଛିଦିନ ପୂର୍ବେ ଏକ ମାମଲାରେ ଜଣେ ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ଆଦାୟ କରିଥିଲେ। ଏସମ୍ପର୍କରେ ଆଇଆଇସି ଜାଣିବାପରେ ସୋମବାର ରାତିରେ ଏଏସ୍‌ଆଇ ସିଂହଙ୍କୁ ଡାକିପଚାରିବା ସହ କେଉଁ କେସ୍‌ରେ କେତେ ଟଙ୍କା ଆଦାୟ କରିଛ ବୋଲି କହି ହିସାବ ମାଗିଥିଲେ। ଏଏସ୍‌ଆଇ ସିଂହ କହିଥିଲେ, ଆପଣ ସବୁଆଡୁ ଆଦାୟ କରୁଛନ୍ତି, ହେଲେ ଆମକୁ ଦେଉନାହାନ୍ତି। ତେଣୁ ମୁଁ ବି ଆପଣଙ୍କୁ ହିସାବ ଦେବାକୁ ବାଧ୍ୟ ନୁହେଁ। ଏତିକିରେ ଆଇଆଇସି ଶତପଥୀ ଉତ୍‌କ୍ଷିପ୍ତ ହୋଇ ଏଏସ୍‌ଆଇ ସିଂହଙ୍କୁ ଏକ ଚାପୁଡ଼ା ମାରିଥିଲେ। ଏଏସ୍‌ଆଇ ସିଂହ ମଧ୍ୟ ଆଇଆଇସିଙ୍କୁ ପାଲଟା ଆକ୍ରମଣ କରିଥିଲେ। ଫଳରେ ଥାନା ଭିତର ରଣକ୍ଷେତ୍ର ପାଲଟିଥିଲା। ବାହାରେ ଥିବା ଅନ୍ୟ କର୍ମଚାରୀ ପହଞ୍ଚି ସେମାନଙ୍କ ଝଗଡ଼ା ବନ୍ଦ କରିଥିଲେ। ଏ ସମ୍ପର୍କରେ ଉଭୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏସ୍‌ଡିପିଓ ମାଝୀଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଏବେ ଦେଖିବାକୁ ଅପେକ୍ଷା ଉଭୟ ଅଧିକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

# ଲଘୁଖଣିଜ ଓଭର ଲୋଡିଂ ବନ୍ଦ ପାଇଁ ଆର୍‌ଟିଓଙ୍କୁ ଦାବିପତ୍ର

ଚଣ୍ଡିଖୋଲ,୩।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ୍ ବିଜେଡି ପକ୍ଷରୁ ଲଘୁଖଣିଜ ଓଭର ଲୋଡିଂ ବନ୍ଦ ପାଇଁ ଦାବି ହୋଇଛି। ଏନେଇ ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ବୁଧବାର ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) ଶିଶିର କୁମାର ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।



ବଡ଼ଚଣା ବ୍ଲକ୍ ବିଜେଡି ପକ୍ଷରୁ ଆର୍‌ଟିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବଡ଼ଚଣାର ବିଭିନ୍ନ ପ୍ରାନ୍ତରୁ ପରିବହନ କରାଯାଉଥିବା ଲଘୁଖଣିଜ ଦ୍ରବ୍ୟ ଯଥା; ବାଲି, ମୋରମ, ଚିପ୍ସ ଓ ମାଙ୍କଡ଼ା ପଥରର ଓଭରଲୋଡିଂ କରାଯାଉଛି। ଫଳରେ ବିଭିନ୍ନ ସମୟରେ ଓଭରଲୋଡ ଗାଡ଼ିଗୁଡ଼ିକ ଭାରସ୍ୟମ ହରାଇ ଦୁର୍ଘଟଣା ଘଟାଉଛନ୍ତି। ଏଥିସହିତ ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ରାସ୍ତା ନଷ୍ଟ ହେଉଛି। ଏକଥା ଆରଟିଓ, ଏମଭିଆଇ ଓ ଟିଆଇ ସବୁ ଜାଣି ମଧ୍ୟ ଚୁପ ରହୁଥିବା ଦଳ ଅଭିଯୋଗ କରିଛି। ତେଣୁ ଓଭରଲୋଡ୍ କରୁଥିବା ଗାଡ଼ିଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧି ଦଳରେ ନିରଞ୍ଜନ ବିଶ୍ୱାଳ, ଆଶିଷ ରଞ୍ଜନ ଚୌଧୁରୀ, ପ୍ରକାଶ ପ୍ରଧାନ, ଯଶୋଦୀପ୍ତ ସାମଲ, ଗୋଲାମ କିବିରିଆ ଖାଁ, ଗଣେଶ୍ୱର ସାମଲ, ଜଗନ୍ନାଥ ମୁଦୁଲି, ତପନ ସିଂ, ଦେବେନ୍ଦ୍ର ଜେନା, ପ୍ରହଲ୍ଲାଦ ବାରିକ, ସୁଶାନ୍ତ ନାୟକ, ଦିଲୀପ ସାମଲ, ମାନଗୋବିନ୍ଦ ସେଠୀ, ସଞ୍ଜୀବ ସାମଲ, ଜ୍ୟୋତିଭୂଷଣ ପ୍ରଧାନ, ସତ୍ୟବ୍ରତ ସାମଲ ଓ ସନ୍ତୋଷ ଯେନାଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ନିମ୍ନମାନ ସିମେଣ୍ଟ ପାଇଁ ଛାତ କାର୍ଯ୍ୟ ବନ୍ଦ

କାଏମା,୩।୧୨(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଇ ଏକ କୋଠାର ଛାତ ପଡୁଥିଲାବେଳେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ପହଞ୍ଚି କାର୍ଯ୍ୟ ବନ୍ଦ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରାୟ ୫୦ଲକ୍ଷ ଟଙ୍କା ବ୍ୟୟରେ ଏକ କୋଠା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହି କାମରେ ନିମ୍ନମାନର ସିମେଣ୍ଟ ଓ ଲୁହାଛଡ଼ ବ୍ୟବହାର କରାଯାଉଥିବା ନେଇ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ। ମଙ୍ଗଳବାର ଛାତ ପଡ଼ିବା ସମୟରେ ବ୍ୟବହାର ହେଉଥିବା ସିମେଣ୍ଟର ଅବଧି ନ ଥିଲା। ସେହିପରି ଲୁହାଛଡ଼ରେ କଳଙ୍କି ଲାଗିଥିବା ଦେଖିବାକୁ ମିଳିଥିଲା। ତେଣୁ



ଛାତ ପାଇଁ ଏହା ବ୍ୟବହାର ଯୋଗ୍ୟ ନ ଥିଲା। ଏହାଦେଖିବା ପରେ ଯନ୍ତ୍ରୀ କାମ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନ ଏହା ଉପରେ ଦୃଷ୍ଟି ଦେବାକୁ ଦାବି ହୋଇଛି। ନିମ୍ନମାନର ସିମେଣ୍ଟ ବ୍ୟବହାର ପାଇଁ କାର୍ଯ୍ୟ ବନ୍ଦଥିବା କଥାକୁ ଏସ୍‌ଡିଓ ଜନ୍ମଜୟ ଷଡ଼ଙ୍ଗୀ ସ୍ୱୀକାର କରିଛନ୍ତି। ତେବେ ସେ କାର୍ଯ୍ୟାଳୟ ବାହାରେ ଥିବାରୁ ଏହି କାମ ସମ୍ପର୍କରେ ଅନ୍ୟ କିଛି ତଥ୍ୟଦେବାକୁ ମନା କରିଛନ୍ତି।

# ୫ରୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସ୍ୱାସ୍ଥ୍ୟ ଶିବିର

କାଏମା,୩।୧୨(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଡିସେମ୍ବର ୫ରୁ, ୨୦୨୬ ଫେବୃଆରୀ ୩ ପର୍ଯ୍ୟନ୍ତ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏନେଇ ଟ୍ରଷ୍ଟ ପକ୍ଷରୁ ବୁଧବାର ଅପରାହ୍ନରେ ଧର୍ମଶାଳା ଷ୍ଟାଡିୟମ ପରିସରରେ ଖବରଦାତା ସମ୍ମିଳନୀ କରାଯାଇ ଏହି ସୂଚନା ଦଆଯାଇଛି। ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ଏହି ଶିବିର ଆୟୋଜନ କରାଯିବ। ଟ୍ରଷ୍ଟ ପକ୍ଷରୁ ଗତ ବର୍ଷ ହୋଇଥିବା ସ୍ୱାସ୍ଥ୍ୟ ଶିବିରରେ ୩୫,୫୨୬ ରୋଗୀଙ୍କୁ ଚିକିତ୍ସା କରାଯାଇ ଔଷଧ ଯୋଗାଇ ଦିଆଯାଇଥିଲା। ସେଥିମଧ୍ୟରୁ ୧,୦୨୧ଜଣଙ୍କୁ ଡାଇବେଟିସ ଔଷଧ ପ୍ରତିଦିନି ମାସକୁ ଯୋଗାଇ ଦିଆଯାଉଛି। ୧୬୮୦ ବ୍ଲଡ ପେସର୍ ରୋଗୀଙ୍କୁ ବର୍ତ୍ତମାନ ଯାଏ ଔଷଧ ଦିଆଯାଉଛି। ସେମାନଙ୍କ ମଧ୍ୟରୁ ୩୧୩ଜଣଙ୍କୁ ହାଇଟେକ ମେଡିକାଲ ପଠାଯାଇ ଚିକିତ୍ସା କରାଯାଉଥିବା ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

ଏଥର ଭୁବନେଶ୍ୱର ହାଇଟେକ ମେଡିକାଲ ସହାୟତାରେ ୨୭ କ୍ୟାମ୍ପ ମାଧ୍ୟମରେ ଶିବିର ଅନୁଷ୍ଠିତ ହେବ। କିଛି ପଞ୍ଚାୟତକୁ ମିଶାଇ କ୍ଲଷ୍ଟର ମାଧ୍ୟମରେ ଏବଂ ଅନ୍ୟ ପଞ୍ଚାୟତଙ୍କୁ ମିଶାଇ ସ୍ୱାସ୍ଥ୍ୟ ଶିବିର କରାଯିବ। ୧୧ନମ୍ବର ଜୋନର ମୁକୁନ୍ଦପାତ୍ର ଡିଗ୍ରୀ କଲେଜ ପଡ଼ିଆରେ ଶିବିର ଉଦ୍‌ଘାଟିତ ହେବ ବୋଲି ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଦେବରାଜ ମିଶ୍ର, ସୁଦୀପ୍ତ ମହାନ୍ତି, ରାଜେଶ ପାଳ, ଭାଜପା ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ଜେନାପୁର ମଣ୍ଡଳ ସଭାପତି ସିବୁଲି ଧୀର, କବାଟବନ୍ଧ ମଣ୍ଡଳ ସଭାପତି ନେତ୍ରାନନ୍ଦ ପାତ୍ର, ଜାରକା ମଣ୍ଡଳ ସଭାପତି ଦେବଦତ୍ତ ପଣ୍ଡା, ବାରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, କୋଟପୁର ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ସଦସ୍ୟ ଆୟୁଷ୍ମାନ ପ୍ରିୟଦର୍ଶନ ଓ ତପନ ମାହୁନ୍ତ ପ୍ରମୁଖ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ।




ଖବରଦାତା ସମ୍ମିଳନୀରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର କର୍ମକର୍ତ୍ତା।

# ରମାଦେବୀଙ୍କ ବାର୍ତ୍ତା ଜନମାନସରେ ଉଜ୍ଜୀବିତ

ବରୀ,୩।୧୨(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ୍ ଅଧୀନ ଗୋପବନ୍ଧୁ ରମାଦେବୀ ଆଶ୍ରମଠାରେ ବୁଧବାର ମା' ରମାଦେବୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶୋଭନୀୟ ଆନ୍ଦୋଳନର ଆନ୍ତର୍ଜାତିକ ନିର୍ଦ୍ଦେଶିକା ଅରୁନ୍ଧତୀ ଦେବୀ ଯୋଗଦେଇ କହିଥିଲେ, ରମାଦେବୀ ଦୀର୍ଘଦିନ ବରୀ ଅଞ୍ଚଳରେ ରହି ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଗରିବ ଲୋକଙ୍କ ସେବା କରିଥିଲେ। ଏଥିସହିତ ସେ ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରି ଯେଉଁ ବାର୍ତ୍ତା ଛାଡ଼ି ଯାଇଛନ୍ତି ତାହା ଆଜି ବି ଜନମାନସରେ ଉଜ୍ଜୀବିତ ହୋଇରହିଛି। ସମ୍ମାନିତ ଅତିଥି ଭାବେ ବରୀ ସରପଞ୍ଚ ସୋନାଲି ସିଂ, କୁଳମଣି ଶୁକ୍ଳ ଓ ଶ୍ୟାମଳୀ ପତି ଯୋଗଦେଇ ରାମଦେବୀଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ଗୋପବନ୍ଧୁ ରମାଦେବୀ ଆଶ୍ରମର ଉପସଭାପତି ପ୍ରଭାସ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଗୋପୀନାଥ ଦାସ ଓ ସାଥୀମାନେ ଗାନ୍ଧୀ ଭଜନ ପରିବେଷଣ କରିଥିଲେ। ଯାଜପୁର ଜିଲାରେ ବିଭିନ୍ନ କ୍ଷେତ୍ରରେ



ବରୀ ଗୋପବନ୍ଧୁ ରମାଦେବୀ ଆଶ୍ରମଠାରେ ରମାଦେବୀଙ୍କ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଯଥା; ଆନନ୍ଦ ଚନ୍ଦ୍ର ଦାସ, ସାମାଜିକ କର୍ମୀ ସେକ୍ ଅବଦୁଲ ସଫିକ, ଅଦ୍ୱୈତ ସାମଲ, ନକୁଳ ଦାସ, ବୃନ୍ଦାବନ ସାମଲ, ଗୋମତି ପଣ୍ଡା, ବାବାଜୀ ଦାସ, ଭାରତୀ ଘୋଷ ଓ ଉମାକାନ୍ତ ବଳ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶ୍ରମର ସମ୍ପାଦକ ନିମାଇଁ ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁବାସ ଚନ୍ଦ୍ର ନାୟକ, ଅଭିରାମ ମଲ୍ଲ, ସ୍ମିତା ସାମଲ, ମାଧବ ଶ୍ୟାନ୍ତିଙ୍କ ସମେତ ଅନୁଷ୍ଠାନର ସଭ୍ୟାସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଜୟନ୍ତୀ ଉତ୍ସବ ଅବସରରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ଆଶ୍ରମ ତରଫରୁ ସୂଚନା ଦିଆଯାଇଥିଲା। ରମାକାନ୍ତ ମଣ୍ଡଳ ଧନ୍ୟବାଦ ଦେଇଥିଲେ।

**ସଡ଼କ ଦୁର୍ଘଟଣାରେ ୨ ଯୁବତୀ ଗୁରୁତର**

ଆଳି, (ବନମାଳୀ ସେନାପତି): କଟକ -ଚାନ୍ଦବାଲି ରାସ୍ତା ସିର୍ଙ୍ଗିରି ଛପୋଲିଆ ନିକଟରେ ବୁଧବାର ସଡ଼କ ଦୁର୍ଘଟଣାରେ ଦୁଇ ଯୁବତୀ ଗୁରୁତର ହୋଇ କେନ୍ଦ୍ରାପଡ଼ା ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି । ସେମାନେ ହେଲେ ଧାନମଣ୍ଡଳ ଗ୍ରାମର ଇନ୍ଦୁରେଖା ଦାସ (୧୯)ଓ ବିଜୟାଲକ୍ଷ୍ମୀ ଦାସ (୨୦)। ଦୁହିଁଙ୍କୁ ଏକ ବାଇକ୍ ଧକ୍କା ଦେବାରୁ ଉଭୟ ପଡି ଯାଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଆଳି ଦମକଳ ସହାୟତାରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡ଼ା ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିବା ଜଣାପଡିଛି।

# ସିଦ୍ଧ ବାରଙ୍ଗ ପୀଠରେ ନିଆରା ଶ୍ରୀକ୍ଷେତ୍ର ଉତ୍ସବ

**ସହସ୍ରାଧିକ ଭକ୍ତଙ୍କ ସମାଗମ**

- ଯେଉଁଠି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଏକାଠି
- ବିଳମ୍ବିତ ରାତିରେ ମାଳଚୂଳ ଉଠିଲା

ଜଗତ୍‌ସିଂହପୁର, ୩।୧୨ (ପ୍ରମୋଦ କୁମାର ନାୟକ)

ପୁରୀ ନୁହେଁ, ସ୍ଥାନୀୟ ପୂର୍ଣ୍ଣଗ୍ରାମ (ପୁନଙ୍ଗ)ସ୍ଥିତ ସିଦ୍ଧ ବାରଙ୍ଗ ପୀଠରେ ଶ୍ରୀକ୍ଷେତ୍ର ଉତ୍ସବ କଥା ଶୁଣିଲେ ଯେ କେହି ବିସ୍ମିତ ହେବା ସ୍ୱାଭାବିକ। କିନ୍ତୁ ପ୍ରତିବର୍ଷ ପୀଠରେ ଶ୍ରୀକୃଷ୍ଣ ଉତ୍ସବ ପାଳନ କରାଯାଉଛି। ଉତ୍ସବରେ ଜିଲାର ଶହସ୍ରାଧିକ ଭକ୍ତଙ୍କ ସମାଗମ ହୁଏ। ବିଶେଷକରି ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଏକାଠି ହେବାର ଏହା ଅପୂର୍ବ ସୁଯୋଗ ସୃଷ୍ଟି କରେ। ଶ୍ରଦ୍ଧାଳୁମାନେ ମାଳଚୂଳ ଦର୍ଶନ ଏବଂ ଚରୁ ଅର୍ଣ୍ଣ ପାଇବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଜାଗର ରହିଥାନ୍ତି। ରାତିରେ ପୀଠ ନିକଟବର୍ତ୍ତୀ ଜଙ୍ଗଲରେ ଚରୁ ଅର୍ଣ୍ଣ ପ୍ରସ୍ତୁତି ହେବା ଏବଂ ଶହସ୍ରାଧିକ ଚୁଲି ଲଗିବା ପ୍ରସଙ୍ଗ ସାଧାରଣରେ ଉତ୍କଣ୍ଠା ସୃଷ୍ଟି କରିଥାଏ। ତେଣୁ ଏହି ଦିନକୁ ପ୍ରତ୍ୟେକଙ୍କ ଅପେକ୍ଷା ଥାଏ। ବୁଧବାର ଉକ୍ତ ପୀଠରେ ଶ୍ରୀକୃଷ୍ଣ ଉତ୍ସବ ମହାସମାରୋହରେ ପାଳନ କରାଯାଉଥିବାରୁ ଶହସ୍ରାଧିକ ଭକ୍ତଙ୍କ ସମାଗମ ନିଆରା ପରିବେଶ ସୃଷ୍ଟି କରିଥିଲା।

ଶ୍ରୀକୃଷ୍ଣ ଉତ୍ସବ ପଛର କାହାଣୀ ବେସ ରୋଚକ। କିମ୍ବଦନ୍ତୀ ଅନୁଯାୟୀ, ୧୫ଶହ ଶତାବ୍ଦୀରେ ଏହି ପୀଠର ମହାତ୍ମ୍ୟ ପ୍ରକାଶ ପାଇଥିଲା। ସେତେବେଳେ ପ୍ରତାପ ରୁଦ୍ର ଦେବ ପୁରୀ ରାଜା ଥିଲେ। ହିମାଳୟରେ ତପସ୍ୟା କରି ଶ୍ରୀକ୍ଷେତ୍ର ଅଭିମୁଖେ ଜଣେ ଅଷ୍ଟାଙ୍ଗ ଯୋଗୀ ଯାତ୍ରା କରିଥିଲେ। ତାଙ୍କ ନାମ ହେଉଛି ବାରଙ୍ଗ ଗୋସେଇଁ। ପୁରୀରେ ପଞ୍ଚଶଖାଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ବିଶେଷକରି ଶିଶୁ ଅନନ୍ତଙ୍କଠାରୁ ଗାରକଟା ବିଦ୍ୟା ଗ୍ରହଣ କରିଥିଲେ। ପରେ ଖଣ୍ଡଗିରି ଗୁମ୍ଫାରେ ତପସ୍ୟା କରିଥିଲେ। ତାଙ୍କର ୫ ଶିଷ୍ୟ ଯଥା ମୁଚୁକୁନ୍ଦ, ବାଉଳି, ବାଳକ ଗୋସେଇଁ, ଗିରିଧାରୀ ମହାରାଜ ଏବଂ ଗୁଣ୍ଡୁଚି ମଲିକ ଥିଲେ। ତେବେ ଏକଦା ଗୋସେଇଁ ମା' ସାରଳାଙ୍କ ଦର୍ଶନ ପାଇଁ ଇଚ୍ଛା କରି ଯାତ୍ରା କରିଥିଲେ। ଶିଷ୍ୟମାନେ ଆଗପଛ ହୋଇଯାଉଥିଲେ। ମୁଚୁକୁନ୍ଦ ସୋମନାଥ ମହାଦେବଙ୍କ ମୂର୍ତ୍ତି ଧରିଥିଲେ। ତେବେ ବର୍ତ୍ତମାନର ହାଟ ବଜାରସ୍ଥିତ ମୁଚୁକୁନ୍ଦ ସୋମନାଥ ମହାଦେବ ମନ୍ଦିର ନିକଟରେ ସେତେବେଳେ ଅଳକା ନଦୀ ପ୍ରବାହିତ ହେଉଥିଲା। ମୁଚୁକୁନ୍ଦ ବାବାଙ୍କୁ ଜୋରରେ ଶୌଚ ଲାଗିଥିଲା। ସେ ପାଖରେ ଛିଡ଼ା ହୋଇଥିବା ଜଣେ ଗାଈ ଚରାଳିଙ୍କୁ ମହାଦେବ ମୂର୍ତ୍ତି ତଳେ ନ ରଖିବାକୁ କହି ଶୌଚ ଚାଲି ଯାଇଥିଲେ। ଫେରିଲା ବେଳକୁ ଗାଈ ଚରାଳି ମହାଦେବଙ୍କୁ ତଳେ ରଖି କୁଆଡେ ପଳାଇଥିଲେ। ସ୍ୱପ୍ନାଦେଶ ହୋଇଥିଲା, ମୋତେ ଏହି ସ୍ଥାନରୁ ଉଠାଅ ନାହିଁ। ତା' ପରେ ଏଠାରେ ମହାଦେବ ମନ୍ଦିର ନିର୍ମାଣ କରାଗଲା। ଯେହେତୁ ମହାଦେବ ଜଗତ୍‌ସିଂହପୁରରେ ରହିଲେ ତେଣୁ ଗୁରୁ ବାରଙ୍ଗ ଆଉ ଜଗତ୍‌ସିଂହପୁର ଛାଡ଼ିବାକୁ ଚାହିଁ ନ ଥିଲେ। ନିକଟବର୍ତ୍ତୀ ପୁନଙ୍ଗ ନିକଟରେ ଅବସ୍ଥାନ କରି ଧ୍ୟାନ, ତପସ୍ୟା ଆଦି କରୁଥିଲେ। ସେଠାରେ ସେ ଧର୍ମ ସାଙ୍ଗକୁ ସାମାଜିକ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରିଥିଲେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ମଣିଷ। ତେଣୁ ଛୁଆଁ, ଅଛୁଆଁ ଭେଦଭାବ ନାହିଁ ବୋଲି ସେତେବେଳେ ପ୍ରଚାର କରିଥିଲେ। ଏଥିପାଇଁ ସେ ଅନେ୍ୟକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। କାଳକ୍ରମେ ସେ ବାର୍ଦ୍ଧକ୍ୟରେ ପହଞ୍ଚି ଥିଲେ। ଜଗନ୍ନାଥଙ୍କୁ ବର୍ଷକୁ ଥରେ ସେ ଏହି ପୀଠରେ ଦର୍ଶନ କରିବାକୁ ପ୍ରାର୍ଥନା କରିଥିଲେ। ପୀଠ ନିକଟବର୍ତ୍ତୀ ଜଙ୍ଗଲରେ ଚରୁ ଅନ୍ନ ପ୍ରସ୍ତୁତ ହୋଇଥିଲା। ଗୋସେଇଁ ଅନ୍ନପୂର୍ଣ୍ଣା ସାଧକ ହୋଇଥିବାରୁ ମା'ଙ୍କ ଅନୁମତିକ୍ରମେ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରିଥିଲେ। ସ୍ୱୟଂ ଭଗବାନ ଦର୍ଶନ ଦେଇ ଗୋସେଇଁଙ୍କ ମନସ୍କାମନା ପୂର୍ଣ୍ଣ ହେଲା ବୋଲି କହିଥିଲେ। ସେବେଠାରୁ ଏହି ଦିବସରେ ଗୋସେଇଁଙ୍କ ସିଦ୍ଧି ଦିବସ ବା ଶ୍ରୀକୃଷ୍ଣ ଉତ୍ସବ ଭାବରେ ପାଳନ କରାଯାଉଛି। ଏହିଦିନ ମଧ୍ୟ ଗୋସେଇଁ ଇଚ୍ଛା ମୃତ୍ୟୁ ପ୍ରାପ୍ତି କରିଥିଲେ। ଏ ସମ୍ପର୍କରେ ସେବାୟତ ଓ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜିବୀଙ୍କ କହିବା କଥା ହେଲା, ବୁଧବାର ସକାଳୁ ଦିନଭଳି ପୂଜାପାଠ, ଭୋଗ ଆଦି ହୋଇଥିଲା। ରାତିରେ ପ୍ରତ୍ୟେକ ମାଳଚୂଳକୁ ଅପେକ୍ଷା କରି ରହିଥିଲେ। ପ୍ରଥା ଅନୁଯାୟୀ ମାଳି ସମ୍ପ୍ରଦାୟର କେତେଗୋଟି ପରିବାର ବର୍ଷରେ ଥରେ ବାସଙ୍ଗ ପତ୍ର ଏବଂ ତୁଳସୀରେ ନିର୍ମିତ ଏହି ମାଳଚୂଳ ପ୍ରସ୍ତୁତ କରିଥାନ୍ତି। ମାଳଚୂଳ ଶୋଭାଯାତ୍ରାରେ ପୁନଙ୍ଗରୁ ଅଣାଯାଇ ଜଗନ୍ନାଥ ମନ୍ଦିର ସାମ୍ନା ବ୍ରହ୍ମ ସ୍ୱର୍ଗରେ ରଖାଯାଇଥାଏ। ସେଠାରୁ ବାମ ପାର୍ଶ୍ୱରେ କରାଯାଇଥିବା ଗୋସେଇଁଙ୍କ ସମାଧୀ ପୀଠକୁ ଅଣାଯିବା ବ୍ୟବସ୍ଥା ହୋଇଥାଏ। ତେବେ ଏହା ଭିତରେ ବିଭିନ୍ନ ଜାତିର ଲୋକେ ଶହସ୍ରାଧିକ ଚୁଲି କରି ଅର୍ଣ୍ଣ, ଡାଲ୍‌ମା ଆଦି ଭୋଗ ପାଇଁ ପ୍ରସ୍ତୁତ କରିଥାନ୍ତି। ମାଳଚୂଳ ଜଙ୍ଗଲରେ କରାଯାଇଥିବା ଚରୁ ଅର୍ଣ୍ଣ ନିକଟକୁ ନିଆଯିବା ବାଟରେ ପ୍ରତ୍ୟେକ ଏହି ଅର୍ଣ୍ଣ ଆଦି ସମର୍ପଣ କରି ସେବନ କରିଥାନ୍ତି। ଶେଷରେ ମାଳଚୂଳ ଏହି ଗାଁରେ ଅବସ୍ଥାନ କରୁଥିବା ଖୁଣ୍ଟିଆ ସମ୍ପ୍ରଦାୟର ଜ୍ୟେଷ୍ଠ ବ୍ୟକ୍ତିଙ୍କ ଘରେ ମାସେ ପର୍ଯ୍ୟନ୍ତ ରଖାଯାଏ। ପୌଷ ପୂର୍ଣ୍ଣମୀରେ ମାଳଚୂଳ ନିକଟରେ ରୁଟି, କ୍ଷିରୀ ଆଦି ଭୋଗ କରାଯାଇ ପୀଠ ନିକଟ ଗୁପ୍ତ ଗଙ୍ଗାରେ ସମର୍ପଣ କରାଯାଇଥାଏ। ଗୁପ୍ତ ଗଙ୍ଗା ସମ୍ପର୍କରେ କୁହାଯାଏ, ଗୋସେଇଁ ଜୀବିତ ଥିଲାବେଳେ ଏକଦା ୧୨ଶହ ନାଗା ସାଧୁ ପ୍ରଥମେ ଶ୍ରୀକ୍ଷେତ୍ର ଏବଂ ପରେ ଏହି ପୀଠକୁ ଆସିଥିଲେ। ଏଠାରେ ପ୍ରସାଦ ସେବନ ସାରି ଗଙ୍ଗା ଜଳ ପାନ କରିବାକୁ ଇଚ୍ଛା କରିଥିଲେ। ସାଧୁମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଗୋସେଇଁ ଚୁମୁଟା ମାରି ମାଟିରୁ ଗଙ୍ଗା ଜଳ ବାହାର କରି ସାଧୁମାନଙ୍କୁ ପାନ କରାଇଥିଲେ। ସେବେଠାରୁ ସେଠାରେ ଥିବା ପୁଷ୍କରିଣୀ ନାମ ଗୁପ୍ତ ଗଙ୍ଗା ରଖାଯାଇଛି। ଦିନକୁ ଦିନ ପୀଠ ଉନ୍ନତି କରୁଛି। ୧୬୭୮ରେ ଗୋସେଇଁଙ୍କ ସମାଧୀ ପୀଠ କରାଯାଇଥିଲା। ପରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ, ରାଧାକୃଷ୍ଣ ମୂର୍ତ୍ତି ସାଙ୍ଗକୁ ମୁଖ୍ୟ ମନ୍ଦିରରେ ଶାଳଗ୍ରାମ ପୂଜା ପାଉଛନ୍ତି। ବାମପାର୍ଶ୍ୱରେ ଗୋସେଇଁଙ୍କ ସମାଧୀ ପୀଠ, ନିକଟରେ ହନୁମାନ ଏବଂ ମହାଦେବ ମନ୍ଦିର ଅଛି। ମୁଖ୍ୟ ମନ୍ଦିର ପଛରେ ବିମଳା, ଲକ୍ଷ୍ମୀ ଏବଂ ରେବତୀଙ୍କ ମନ୍ଦିର ରହିଛି।



ବାରଙ୍ଗ ଗୋସାଇଁଙ୍କ ଗାଦି।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ପାରାଦୀପ, ୩।୧୨ (ଶରତ ରାଉତ)

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବୁଧବାର ନୂଆବଜାରଠାରେ ଥିବା ଭିନ୍ନକ୍ଷମ ଶିକ୍ଷାନୁଷ୍ଠାନ ଜାଗୃତି ପରିସରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନ୍ଦର ଉପସଂରକ୍ଷକ କ୍ୟାପଟେନ୍ ଅଲେଖ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତ, ସିଇଏମ୍‌ଇ ସୁଶୀଲ ଚନ୍ଦ୍ର ନାହାକ, ଲେଡିଜ୍ କ୍ଲବ ସମ୍ପାଦିକା ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷର ସାମାଜିକ ବାର୍ତ୍ତା ସାମାଜିକ ପ୍ରଗତିକୁ ଆଗେଇ ନେବା ପାଇଁ ଭିନ୍ନକ୍ଷମ ସମାବେଶୀ ସମାଜକୁ ପ୍ରୋତ୍ସାହିତ କରିବା ଉପରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ପାରାଦୀପ ବନ୍ଦର ଭିନ୍ନକ୍ଷମମାନଙ୍କ ସମାଜ କଲ୍ୟାଣ ପାଇଁ ଏହି ଅନୁଷ୍ଠାନକୁ ଚଳାଇଛନ୍ତି। ଏଥିରେ ଚଳିତବର୍ଷ ୫୧ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଉପକରଣ ଦିଆଯାଇଥିଲା। ଏହି ଧାରା ଆଗକୁ ବଳବତ୍ତର ରହିବ ବୋଲି ମୁଖ୍ୟ ଅତିଥି କହିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଭିନ୍ନକ୍ଷମଙ୍କ ଅଧିକାର, କଲ୍ୟାଣକୁ ଗୁରୁତ୍ୱ

ମାର୍ଶାଘାଇ, ୩।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଅନେକ ଲୋକ ନିଜର ଭିନ୍ନକ୍ଷମତାକୁ ଅଭିଶାପ ବୋଲି ଧରି ନେଇଥାନ୍ତି। ଏହାକୁ ନେଇ ସେମାନେ ଅନ୍ୟ ଉପରେ ନିର୍ଭର କରି ଜୀବନଯାପନ କରିଥାନ୍ତି। ମାତ୍ର ଆଜିର ଦିନରେ ସରକାର ସେମାନଙ୍କ ଅଧିକାର ଓ କଲ୍ୟାଣକୁ ଗୁରୁତ୍ୱ ଦେଉଛନ୍ତି। ଯେମିତି ସେମାନେ ସ୍ୱାବଲମ୍ବୀ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉପଲକ୍ଷେ ବୁଧବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁଳସାହି ପ୍ରକଳ୍ପ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଭିନ୍ନକ୍ଷମ ଜନ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ସୁଶାନ୍ତ କୁମାର ବେଉରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମରୁ ସପ୍ତମ ଜୁନିୟର ଓ ଅଷ୍ଟମରୁ ଏକାଦଶ ସିନିୟର ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ସାଧାରଣଜ୍ଞାନ ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୪୫ ପିଲାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ବିବେକାନନ୍ଦ ସ୍ୱାଇଁ ଓ ଶିକ୍ଷକ ପର୍ଶୁରାମ ନାୟକ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକ ରିସୋର୍ସ ପର୍ସନ ବିଳାସିନୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ତର୍ନିବେଶୀ ଶିକ୍ଷା ସ୍ବେଚ୍ଛାସେବୀ ଲକ୍ଷ୍ମୀପ୍ରିୟା ଯତି, ହୃଷୀକେଶ ବେହେରା, ପ୍ରହ୍ଲାଦ ସ୍ୱାଇଁ, ଦୀନବନ୍ଧୁ ମହାପାତ୍ର, ଭାଗବତ ନାୟକ, ସରୋଜକାନ୍ତ ସାମନ୍ତରାୟ, ସ୍ୱର୍ଣ୍ଣଲତା ସ୍ୱାଇଁ ଓ ନୃସିଂହ ନାୟକ ଉପସ୍ଥିତ ଥିଲେ। ବିଆର୍‌ସି ଚିତ୍ତରଞ୍ଜନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡଳସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ



ଅତିଥିଙ୍କ ସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ।

ରାଜକନିକା, ୩।୧୨ (ସଞ୍ଜୟ କୁମାର ଦାଶ)

ମଣ୍ଡଳସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ମଣ୍ଡଳ ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ର ରାଜକନିକାର ସ୍ଥାନୀୟ କଣ୍ଟପଡା ପଞ୍ଚାୟତ କଣ୍ଟପଡା କେଶବାନନ୍ଦ ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଖଗେଶ୍ୱର ପଢ଼ିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ରତିକାନ୍ତ ସେନାପତି, ମୁଖ୍ୟ ବକ୍ତା ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସାହୁ ଏବଂ ସମ୍ମାନିତ ଅତିଥି ଆୟୋଜିତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ନାୟକ ପ୍ରମୁଖ ଯୋଗଦେଇଥିବା ବେଳେ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କମଳାକାନ୍ତ କରଣଙ୍କ ସମେତ ସମୂହ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟ ପାଚିକା ଚନ୍ଦନା ବିଶ୍ୱାଳଙ୍କ ଅକାଳ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବ୍ଲକ ରିସୋର୍ସ ଶିକ୍ଷକ ଅମର କୁମାର ବେହେରା ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ଶତପଥୀ ବେଦମନ୍ତ୍ର ପାଠ କରିଥିଲେ। ଏହି ପ୍ରରିପ୍ରେକ୍ଷୀରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ୍, ଚିତ୍ରାଙ୍କନ ଓ ମ୍ୟୁଜିକଚେୟାର ଆଦି ଭିନ୍ନ ଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରଶଂସାପତ୍ର ସହ ପୁରସ୍କୃତ କରିଥିଲେ। ସିଆର୍‌ସିସି କୃଷ୍ଣ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ବିଦ୍ୟାଳୟର ଶିକ୍ଷୟିତ୍ରୀ କନକଲତା ଦାଶ, ମଧୁସ୍ମିତା ପତି, ପ୍ରଜ୍ଞା ପ୍ରିୟଦର୍ଶିନୀ ବିଶ୍ୱାଳ, ଶିକ୍ଷକ ନିର୍ମଳ ଚନ୍ଦ୍ର ଦାଶ ଓ ନରେଶ କୁମାର ବଳଙ୍କ ସମେତ ଛାତ୍ରୀଛାତ୍ର ଓ ଅନ୍ୟ ଅଣଶିକ୍ଷକ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନିରନ୍ତର ବିକାଶ ଲକ୍ଷ୍ୟ ପୂରଣ ପାଇଁ ତାଲିମ ଶିବିର

କେନ୍ଦ୍ରାପଡ଼ା, ୩।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲା ଯୋଜନା ଓ ପର୍ଯ୍ୟାଲୋଚନ କାର୍ଯ୍ୟାଳୟ ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ୨୦୩୦ ସୁଦ୍ଧା ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ପରିଷଦ ସଭାପତି ଲିଲିତା ଦାସ, ପୌରାଧକ୍ଷା ସରିତା ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଯୋଜନା ବିଭାଗ ସହ ନିର୍ଦ୍ଦେଶିକା ଆରତୀ ନାୟକଙ୍କ ସମେତ ସମସ୍ତ ବିଡ଼ିଓ, ତହସିଲଦାର ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସମଗ୍ର ବିଶ୍ୱରୁ ଦାରିଦ୍ର୍ୟ ଦୂରୀକରଣ ତଥା ସମାନତା ଆଣିବା, ପ୍ରକୃତି ଓ ପ୍ରାକୃତିକ ପରିବେଶର ସ୍ଥାୟୀ ସୁରକ୍ଷା, ଏକ ସୁସ୍ଥ ସୁନ୍ଦର ନିରାମୟ ଜୀବନ ବଞ୍ଚିବା ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବା ଓ ବିଶ୍ୱକୁ ଶାନ୍ତି ଓ ପ୍ରଗତି ପଥରେ ଆଗେଇ ନେବା ଉଦ୍ଦେଶ୍ୟରେ ଗତ ସେପ୍ଟେମ୍ବରରେ ମିଳିତ ଜାତିସଂଘ ଅଧକ୍ଷତାରେ ନ୍ୟୁୟର୍କରେ ଅନୁଷ୍ଠିତ ହୋଇଥିବା ବୈଠକରେ ୧୯୩ ସଦସ୍ୟ ରାଷ୍ଟ୍ରଙ୍କ ଦ୍ୱାରା ୧୭ ଲକ୍ଷ୍ୟ ସ୍ଥିର କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା ଜିଲାକୁ ଦାରିଦ୍ର୍ୟ ଓ କ୍ଷୁଧା ଦୂର କରିବା, ଖାଦ୍ୟ ସୁରକ୍ଷା ତଥା ଉନ୍ନତ ପୁଷ୍ଟିକର ଖାଦ୍ୟ ହାସଲ କରିବା, କୃଷିକୁ ପ୍ରୋତ୍ସାହିତ କରିବା, ସୁସ୍ଥ ଓ ନିରାମୟ ଜୀବନ ସହ ଗୁଣାତ୍ମକ ଶିକ୍ଷା ଆଦି ସମ୍ପର୍କରେ ଏଠାରେ ତାଲିମ ପ୍ରଦାନ କରାଯାଇଥିଲା। ଯାଜପୁର ଜିଲା ଡେପୁଟି ଡାଇରେକ୍ଟର ଡିପିଏମ୍‌ୟୁ ଅର୍ଜିତା ଦାସ ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ।

# ଜାତୀୟ ସେବା ଯୋଜନାର ଶୀତକାଳୀନ ଶିବିର ଉଦ୍‌ଯାପିତ

ଡେରାବିଶ, ୩।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାଟରାଚକଡା ପଞ୍ଚାୟତ ଛତା ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଗତ ଗୁରୁବାର ଏକ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ ହୋଇଥିବା ବେଳେ ବୁଧବାର ଏହା ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ଅଧକ୍ଷା ଡ. ରତ୍ନମଣି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ମମତା ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ ଏପରି ଶିବିରର ବହୁ ଆବଶ୍ୟକତା ରହିଥିବା ନେଇ ମତବ୍ୟକ୍ତ କରିଥିଲେ। ଏଥିରେ ଅଧ୍ୟାପିକା ଗାୟତ୍ରୀ ଦାସ, ଜ୍ୟୋତ୍ସ୍ନାମୟୀ ଶତପଥୀ ଓ ଚିନ୍ମୟୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ବିଦ୍ୟାଳୟ ଏନ୍‌ଏସ୍‌ଏସ୍ ସଂଯୋଜିକା ଅଧ୍ୟାପିକା ପୁଷ୍ପିତା ରାଉତ ବାର୍ଷିକ ବିବରଣୀ ପାଠ ସହ ବିଗତ ସପ୍ତାହେ କାଳ ଧରି ଚାଲିଥିବା ଏହି ସ୍ୱତନ୍ତ୍ର ଶିବିରରେ ବିଦ୍ୟାଳୟର ୫୦ ସ୍ୱେଚ୍ଛାସେବୀ ଛାତ୍ରୀ ଭାଗ ନେଇଥିବା ବେଳେ ବିଭିନ୍ନ ଦିବସରେ ନୃତ୍ୟ,ଗୀତ ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ ସମେତ ନିକଟସ୍ଥ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମଠ ଓ ମନ୍ଦିର ପରିସର ସମେତ ଗ୍ରାମ୍ୟ ରାସ୍ତାର ସଫେଇ କରିଥିବା ନେଇ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ଶିବିରାର୍ଥୀ ଛାତ୍ରୀଙ୍କୁ ଅତିଥିମାନେ ସ୍ୱତନ୍ତ୍ର ଶିବିର ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଦିଲୀପ କୁମାର ସାହୁ, କର୍ମଚାରୀ ଅରକ୍ଷିତ ଚରଣ ଦାସ ଓ ନିର୍ମଳ କୁମାର ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିବା ବେଳେ ଶେଷରେ ବିଦ୍ୟାଳୟ ଶିକ୍ଷା ବିଭାଗ ପ୍ରତିପାଦକ କର୍ମଚାରୀ ଶ୍ରୀନିବାସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବ ପରିଚାଳନ ବେଳେ ଏହାର ପରିଚାଳନାରେ ବିଦ୍ୟାଳୟର କର୍ମଚାରୀ ସୌମ୍ୟରଞ୍ଜନ ମହାରଣା, ନନ୍ଦିଆବିହାରୀ ଜେନା ଓ ଦିବାକର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ଭିନ୍ନକ୍ଷମମାନେ ଦୟାର ପାତ୍ର ନୁହନ୍ତି




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

**ଜିଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ**

କେନ୍ଦ୍ରାପଡ଼ା, ୩।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ସହର ନିକଟ ଉଦୟପୁରସ୍ଥ ଜିଲା ସଂସ୍କୃତି ଭବନରେ ଜିଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ବୁଧବାର ପାଳିତ କରାଯାଇଛି । ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ରଘୁରାମ ଆର ଆୟାର, ସମ୍ମାନୀତ ଅତିଥି ଜିଲା ପରିଷଦ ଅଧକ୍ଷା ଲିଲିତା ଦାସ, ପୌରାଧକ୍ଷା ସରିତା ସାହୁ, ସିଡିଏମ୍‌ଓ ମନୋରଞ୍ଜନ ରାଉତ, ସମାଜ କଲ୍ୟାଣ ଅଧିକାରୀ ସୁଷମା ମହାନ୍ତି, ଶିଶୁ ସୁରକ୍ଷା ଅଧିକାରୀ ବିଜୟକେତନ ସାହୁ, କଥାକାର ଡ. ବିରଜା ରାଉତରାୟ ଯୋଗ ଦେଇଥିଲେ । ଅତିଥିମାନେ କହିଥିଲେ, ଭିନ୍ନକ୍ଷମ ଏବେ କାହାରି ଦୟାର ପାତ୍ର ନୁହନ୍ତି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାକୁ ତୃଣମୂଳସ୍ତରରେ ଉପଯୋଗ ପାଇଁ ସେମାନେ ଆହ୍ୱାନ ଦେଇଥିଲେ । ଏଡି ଅବସରରେ ସ୍ୱତନ୍ତ ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରାଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଏହାର ପରିଚାଳନା କରିଥିଲେ।

**ଆନ୍ତଃମହାବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

# ଜାତୀୟ କବି ବୀରକିଶୋର ମହାବିଦ୍ୟାଳୟ ବିଜୟୀ

ପଟ୍ଟାମୁଣ୍ଡାଇ, ୩।୧୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ କଲେଜ ଖେଳ ପଡିଆରେ ଆନ୍ତଃକଲେଜ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ୧୦ ମହାବିଦ୍ୟାଳୟର ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଏଥିରେ ଜାତୀୟ କବି ବୀରକିଶୋର ସରକାରୀ ମହାବିଦ୍ୟାଳୟ କଟକ ବିଜୟୀ ହୋଇଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ କଲେଜରେ ପ୍ରଥମ ଥର ପାଇଁ ଆନ୍ତଃ କଲେଜ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲାଦ୍। କଲେଜ କ୍ରୀଡା ସଂସଦ ଉପ ସଭାପତି ଅଧ୍ୟାପକ ଡ. ଅରବିନ୍ଦ ପାଣ୍ଡବଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ମାନସ ନାୟକ, ଅଧ୍ୟାପିକା ପ୍ରଦ୍ୟୁମ୍ନ ପ୍ରଧାନ, ରଶ୍ମିତା ପ୍ରଣିଗ୍ରାହୀ ଓ ଦେବଦମିତା ତ୍ରିପାଠୀ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଏଥିରେ କେନ୍ଦ୍ରାପଡା କଲେଜ, ରାଜକନିକା ଏସ୍‌ଏନ୍ କଲେଜ, କଟକ ଜେକେବିକେ କଲେଜ, ଯାଜପୁର ଏନ୍‌ସି କଲେଜ, ବଇରାଇ ଓଲଟପୁର କଟକ ଏସ୍‌ଭି ନିରତାର, ବିଜେବି କଲେଜ ଭୁବନେଶ୍ୱର, ଜନତା ଡିଗ୍ରୀ କଲେଜ ଖୋର୍ଦ୍ଧା, ରେଜିଓନାଲ ଇନସ୍ଟିଚ୍ୟୁଟ ଅଫ ଏଜୁକେସନ ଭୁବନେଶ୍ୱର, ପିଜି ଆଥେଲେଟିକ କ୍ଲବ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଓ ରେଜିନାଲ କଲେଜ ଅଫ ମ୍ୟାନେଜମେଣ୍ଟ ଆଦି ଭାଗ ନେଇଥିଲେ । ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ଖେଳ କଟକ ଜେକେବିକେ କଲେଜ ସହ ଭୁବନେଶ୍ୱର ରେଜିଓନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଏଜୁକେଶନ ମଧ୍ୟରେ ହୋଇଥିଲା। ଏହି ଅବସରରେ ପଟ୍ଟାମୁଣ୍ଡାଇ ପୌର ଅଧକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ର, ଅଧ୍ୟାପକ ଡ. ସୁନିଲ ପ୍ରଧାନ, କ୍ୟାପଟେନ ମନୋଜ ପରିଡା, ଅଧ୍ୟାପିକା ଡ. ଅଞ୍ଜଳୀ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲରେ କଟକ ଜାତୀୟ କବି ବୀରକିଶୋର ସରକାରୀ ମହାବିଦ୍ୟାଳୟ ବିଜୟୀ ହୋଇଥିଲା। ଏହି ଅବସରରେ ପଟ୍ଟାମୁଣ୍ଡାଇ ପୌର ଅଧକ୍ଷ ସାହୁ ବିଜୟୀ ଦଳ କଟକ ଜେକେବିକେ ଏବଂ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟାପକ ଆଲୋକ ସାହୁ, ପିଣ୍ଟୁ ପଟେଲ, ରଞ୍ଜନ ବେହୁରାଙ୍କ ସମେତ କଲେଜ କ୍ରୀଡ଼ା ବିଭାଗ କର୍ମକର୍ତ୍ତା ଓ କଲେଜର ଅଧ୍ୟାପିକା/ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇ ସହଯୋଗ କରିବା ସହିତ ଖେଳ ଉପଭୋଗ କରିଥିଲେ ।



ବିଜୟୀ ଖେଳାଳିଙ୍କ ସହ ଅତିଥିମାନେ ।

**ବିନା ପ୍ରଶାସନରେ ନୀଳମାଧବ ଜୀଉଙ୍କ ଯାନୀଯାତ୍ରା**

# ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟକ

ଖଣ୍ଡପଡ଼ା,୩।୧୨
(ଅଜୟ କୁମାର ମହାରଣା)

କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିରରେ ଦୀର୍ଘ ୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିନା ପରାମର୍ଶଦାତା କମିଟି ଓ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ମନ୍ଦିର ପରିଚାଳନା ପାଇଁ ମ୍ୟାନେଜର ପଦବୀ ଖାଲି ପଡ଼ିଥିବାରୁ ମନ୍ଦିର ନୀତିକାନ୍ତି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବିଭ୍ରାଟ ପରିଲକ୍ଷିତ ହେଉଛି। ଏ ନେଇ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଚଳିତ ବିଧାନସଭାରେ ପ୍ରଶ୍ନ ଉଠାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଦେବୋତ୍ତର କମିଶନରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପରାମର୍ଶଦାତା କମିଟି ଗଠନ କରାଯାଇ ନ ଥିବାରୁ ମନ୍ଦିରରେ ପ୍ରବଳ ଗହଳ ଚହଳ ସମୟରେ ବହୁ ତ୍ରୁଟି ପରିଲକ୍ଷିତ ହେଉଥିବା ଅଭିଯୋଗ ହେଉଥିଲା ବେଳେ ହଠାତ୍ କୌଣସି ପ୍ରତିକାର ହେଉନଥିବା ଜଣାଯାଉଛି। ନୀଳମାଧ ମନ୍ଦିର ସମସ୍ତ ପରିଚାଳନା ଦାୟିତ୍ୱ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାରଙ୍କ ତତ୍ତ୍ୱାବଧାନରେ ରହିଥିବା ବେଳେ ଖଣ୍ଡପଡ଼ା ତହସିଲଦାର ସମଗ୍ର ତହସିଲର ଦାୟିତ୍ୱ ଏକାକୀ ନିର୍ବାହ କରୁଥିବାରୁ ନୀଳମାଧ ମନ୍ଦିର ସେବାୟତଙ୍କ ସମସ୍ୟା ଓ ବିଭିନ୍ନ ଯାନିଯାତ୍ରାରେ ଅତୀତରେ ନିର୍ଦ୍ଧାରିତ ସମୟରେ ଯୋଗଦେଇ ପାରୁ ନ ଥିବାରୁ ମନ୍ଦିର ପରିଚାଳନା ପାଇଁ ରାଜ୍ୟ ଆଇନ ବିଭାଗ ହସ୍ତକ୍ଷେପ କରି କଣ୍ଟିଲୋ ମନ୍ଦିର ପାଇଁ ଏକ ସ୍ୱତନ୍ତ୍ର ମ୍ୟାନେଜର ପଦବୀ ସୃଷ୍ଟି କରି ୨୦୧୭ରେ ପରାମର୍ଶଦାତା କମିଟି ପରାମର୍ଶ କ୍ରମେ ଜଣେ ଦକ୍ଷ ମ୍ୟାନେଜରଙ୍କୁ ନିଯୁକ୍ତି ଦିଆଯିବା ସହିତ ସେ ସମ୍ବନ୍ଧୀୟ ସମସ୍ତ ନଥିପତ୍ର ଖଣ୍ଡପଡା ଦେବୋତ୍ତର ବିଭାଗ କାର୍ଯ୍ୟାଳୟରୁ କଣ୍ଟିଲୋକୁ ଅଣାଯାଇଥିଲା ଓ ସମ୍ପୃକ୍ତ ମ୍ୟାନେଜର ୨ରୁ ୩ ବର୍ଷ କାର୍ଯ୍ୟ ସମ୍ପାଦନା କରିବା ପରେ କୌଣସି କାରଣରୁ ସେ ଇସ୍ତଫା ଦେଇ ଚାଲି ଯାଇଥିଲେ। ଇତି ମଧ୍ୟରେ ୨ ବର୍ଷରୁ ଊର୍ଦ୍ଧ୍ୱ ବିତି ଯାଇଥିବା ବେଳେ ଏହି ପଦବୀ ଅଦ୍ୟାବଧି ପୂରଣ କରାଯାଇ ନ ଥିବାରୁ ମନ୍ଦିର ପରିଚାଳନାରେ ସମସ୍ୟା ସୃଷ୍ଟି ହେଉଛି। ଅପର ପକ୍ଷରେ ଜାନୁଆରୀ ୨୯ରେ ଶ୍ରୀ ଜୀଉଙ୍କ ପବିତ୍ର ଭୈମୀ ଏକାଦଶୀ ମେଳା ୧୫ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏହାର ସୁପରିଚାଳନା ନିମନ୍ତେ ଖଣ୍ଡପଡ଼ା ତହସିଲଦାର ଓ ପରାମର୍ଶଦାତା କମିଟିର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଦେବୋତ୍ତର ବିଭାଗ ଗୁରୁତ୍ୱ ଦେଉ ନ ଥିବାରୁ ପ୍ରତି କ୍ଷେତ୍ରରେ ଅସ୍ଥିରତା ଦେଖା ଯାଉଛି। ଉଲ୍ଲେଖଯୋଗ୍ୟ, ଆଗାମୀ ଦିନରେ ନୀଳମାଧ ମନ୍ଦିରରେ ମ୍ୟାନେଜର ନିଯୁକ୍ତି, ଲିଫ୍ଟ ପରିଚାଳନା, ଶୌଚାଳୟ ଓ ଅନ୍ୟାନ୍ୟ ଆୟକାରୀ ଗୃହ ଆବଣ୍ଟନ ଆଦି ସମସ୍ୟା ରହିଛି। ଏନେଇ ଖଣ୍ଡପଡା ଦେବୋତ୍ତର କର୍ତ୍ତୃପକ୍ଷ ଓ ପରାମର୍ଶଦାତା କମିଟି ହସ୍ତକ୍ଷେପ କରିବାର ଆବଶ୍ୟକତା ରହିଛି। ତେଣୁ ଖଣ୍ଡପଡା ଦେବୋତ୍ତର ବିଭାଗ ଏହାର ଗୁରୁତ୍ୱ ଉପଲବ୍ଧି କରି ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ତେବେ ମନ୍ଦିରର ସୁପରିଚାଳନା ଓ ଏହାର ବିକାଶମୂଳକ କାର୍ଯ୍ୟ ନିମନ୍ତେ ଆନୁସଙ୍ଗିକ ଅର୍ଥ ରାଶି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରିବାକୁ ବିଧାୟକ ସ୍ୱାଇଁ ଦୃଢ଼ ଦାବି କରିଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ଶ୍ରୀ ଜୀଉଙ୍କ ପୌଷ ପୂର୍ଣ୍ଣିମା ଅବସରରେ ସୁନା ବେଶ, ଭୈମୀ ଏକାଦଶୀ ମେଳା ଓ ମାଘମେଳା ମହୋତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିବାରୁ ଦେବୋତ୍ତର ବିଭାଗ ସଚେତନ ହୋଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



ନୀଳ ମାଧବଙ୍କ ମନ୍ଦିର।

# ମହିଳାଙ୍କ ଆୟ ବୃଦ୍ଧି ପାଇଁ ପଦକ୍ଷେପ

**ମହିଳା ନିର୍ଦ୍ଦେଶିତ ବାୟୋ ଇନ୍‌ପୁଟ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ**



କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

ନୟାଗଡ଼, ୩।୧୨ (ଲୋକନାଥ ମିଶ୍ର)

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ଭୁବନେଶ୍ୱର ଦ୍ୱାରା ନୟାଗଡ ଜିଲ୍ଲା ରଣପୁର ବ୍ଲକ ଚମ୍ପାପେଡି ଗାଁରେ ମହିଳା ନେତୃତ୍ୱ ଭିତ୍ତିକ ବାୟୋ ଇନ୍‌ପୁଟ ଉତ୍ପାଦନ କେନ୍ଦ୍ର ସ୍ଥାପନ ହୋଇଛି। ଏଥିରେ ମହିଳା କୃଷକ ସକ୍ରିୟ ଭାବେ ଅଂଶଗ୍ରହଣ କରି ପ୍ରାକୃତିକ ଓ ଜୈବିକ କୃଷିକୁ ଅଗ୍ରସର କରିବେ। ମହିଳା ଚାଷୀଙ୍କ ଉଦ୍ୟୋଗୀତା ଏବଂ ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବା ପାଇଁ ଉଦ୍ୟାନ କୃଷି ରାସାୟନିକ ମୁକ୍ତ କୃଷି ମଡେଲର ବିକାଶ ପ୍ରକଳ୍ପ ଅଧୀନରେ କାର୍ଯ୍ୟାନୁଷ୍ଠିତ ଏହି ପ୍ରୟାସ ମାଧ୍ୟମରେ ୫୦ରୁ ଅଧିକ ମହିଳା କୃଷକଙ୍କୁ 'ରଣପୁର ଅର୍ଗାନିକ୍ସ' ନାମକ କୃଷି ଫାର୍ମର୍ସ ଇନଟ୍ରେଷ୍ଟ ଗୋଷ୍ଠୀ ସଂଗଠିତ କରାଯାଇଛି।

ଏହି ଗୋଷ୍ଠୀ, ଜୀବାମୃତ, ଘଣଜୀବାମୃତ, ଭରମିକମ୍ପୋଷ୍ଟ ଓ ହାଣ୍ଡି ଖତ ପରି ଗୁରୁତ୍ୱପୂର୍ଣ୍ଣ ବାୟୋ-ଇନ୍‌ପୁଟ ଉତ୍ପାଦନ କରିବ। ଯାହା ଚାଷୀମାନଙ୍କୁ ଗୁଣଯୋଗ୍ୟ ବାୟୋ ଇନ୍‌ପୁଟ ସହଜ ଓ ସମୟରେ ଉପଲବ୍ଧ ହେବାକୁ ସହାୟକ ହେବ। ମହିଳା କୃଷକମାନଙ୍କର କୌଶଳ ଉନ୍ନୟନ ପାଇଁ ନଭେମ୍ବର ୨୭ରୁ ୨୯ ମଧ୍ୟରେ ପ୍ରାକୃତିକ କୃଷି-ଆଧାରିତ ବାୟୋ-ଇନ୍‌ପୁଟ ଆଦି ବିଷୟରେ ୩-ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ବୈଜ୍ଞାନିକ ଅଙ୍କିତା ସାହୁଙ୍କ ସଂଯୋଜନାରେ ସଂଚାଳିତ ଏହି ପ୍ରୟାସ ମହିଳାଙ୍କ ଆୟ ବୃଦ୍ଧି, ସୁସ୍ଥିର ଜୀବିକାର ସୁନିଶ୍ଚିତତା ଓ ଗ୍ରାମୀଣ ପରିବେଶରେ ମହିଳା-ନେତୃତ୍ୱ ଭିତ୍ତିକ କୃଷି ଉଦ୍ୟମିତ୍ୱକୁ ପ୍ରୋତ୍ସାହନ ଦେବାକୁ ଆଶା କରାଯାଉଛି।

# ଜିଆର୍‌ଏସ୍ ନିଯୁକ୍ତି ପାଇଁ ଆମରଣ ଅନଶନ ୧୦ ମ ଦିନରେ

ନୟାଗଡ,୩।୧୨(ଲୋକନାଥ ମିଶ୍ର)

**ଦାବି ପୂରଣ କରିବାରେ ପ୍ରଶାସନର ନୀରବତା**

ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପ୍ରଶାସନର ଅଣଦେଖା ପ୍ରତିବାଦରେ ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ ବରକୋଳା ଗାଁର ସୁରସେନ ନାଏକ ଗ୍ରାମ ରୋଜଗାର ସେବକ (ଜିଆରଏସ୍) ଭାବେ ନିଯୁକ୍ତି ପାଇବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କରିଥିବା ଆମରଣ ଅନଶନ ୧୦ମ ଦିନରେ ପହଞ୍ଚିଛି। ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ପୋଲିସର ଅସହଯୋଗ ସତ୍ତ୍ୱେ ସୁରସେନ ଆମରଣ ଅନଶନ ଚାଲୁ ରଖିଛନ୍ତି। ନ୍ୟାୟ ନ ପାଇଲା ପର୍ଯ୍ୟନ୍ତ ଆମରଣ ଅନଶନ ଚାଲୁ ରହିବ ବୋଲି ସୁରସେନ କହିଛନ୍ତି। ଅଭିଯୋଗ ଅନୁସାରେ ବରକୋଳା ଗାଁର ସୁରସେନ ନାଏକ ଜଣେ ଦଳିତ ବର୍ଗର ଯୁବକ। ସେ କିଛି ବର୍ଷ ହେଲା ନିଜ ଗାଁ ପଞ୍ଚାୟତ କାପ୍ତାପଲ୍ଲିରେ ଅସ୍ଥାୟୀ ଭାବେ ଜିଆରଏସ୍ କାମ କରୁଥିଲେ। କାପ୍ତାପଲ୍ଲୀ ପଞ୍ଚାୟତ ପାଇଁ ଜିଆରଏସ୍ ପଦବୀର ବିଜ୍ଞପ୍ତି ପ୍ରକାଶନ ପରେ ସୁରସେନ ତୃତୀୟ ସ୍ଥାନରେ ରହିଲେ। ପ୍ରଥମ ଓ ୨ୟ ପ୍ରାର୍ଥୀଙ୍କ ନିଯୁକ୍ତି ବାତିଲ ହୋଇଯିବାରୁ ସୁରସେନଙ୍କ ନିଯୁକ୍ତି ନିଶ୍ଚିତ ହୋଇ ଯାଇଥିଲା। ତେବେ ସୁରସେନ ପ୍ରତି ଅନ୍ୟାୟ ହେବାରୁ ସେ ହାଇକୋର୍ଟରେ ଡବ୍ଲ୍ୟୁପିସି ୧୩୮୪/୨୦୧୧ ନଂ ରିଟ୍ ପିଟିସନ କରିଥିଲେ। ସେହି ରିଟ୍‌ରେ ୧୮।୨।୨୦୧୧ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ସୁରସେନଙ୍କ ଦରଖାସ୍ତକୁ ବିଚାରକୁ ନେଇ ସିଲେକ୍ସନ ଲିଷ୍ଟ ପ୍ରସ୍ତୁତ କରାଯାଉ। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ପ୍ରଶାସନ ପକ୍ଷରୁ ୬୩୩୧/୨୦୧୧ରେ ମିସ୍ କେସ୍ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ହାଇକୋର୍ଟ ମିସ୍‌କେସ୍‌କୁ ୬।୭।୨୦୧୧ରେ ଡିସ୍‌ମିସ୍ କରି ପୂର୍ବ ଅର୍ଡରକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ହଟିଲା ଧାରଣା



ଅତିରିକ୍ତ ଏସପି ସୁବାସ ପଣ୍ଡା ଖବରଦାତାଙ୍କ ସହ ଆଲୋଚନା କରୁଛନ୍ତି।

ନୟାଗଡ଼,୩।୧୨(ଲୋକନାଥ ମିଶ୍ର)

**ଖବର ସଂଗ୍ରହ ବେଳେ ଖବରଦାତାଙ୍କୁ ଆକ୍ରମଣ ଘଟଣା**

**ଭୁଲ୍ ସ୍ୱୀକାରକଲେ ଆକ୍ରମଣକାରୀ**

ଧରିତ୍ରୀର ଭାପୁର ବ୍ଲକ ପ୍ରତିନିଧି ପ୍ରଭାତ ବରାଡଙ୍କ ଆକ୍ରମଣକାରୀଙ୍କୁ ଗିରଫ ଓ ଖବରଦାତାଙ୍କ ବିରୋଧରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର ଦାବିରେ ନୟାଗଡ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ୨ୟ ଦିନରେ ପ୍ରତ୍ୟାହାର ହୋଇଛି। ଏସ୍‌ପିଙ୍କ ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବୁଧବାର ରାତିରେ ଫତେଗଡ ଥାନାରେ ଆକ୍ରମଣକାରୀ ନିଜର ଭୁଲ ସ୍ୱୀକାର କରିବା ପରେ ଘଟଣାର ସମାଧାନ ହୋଇ ଯାଇଛି।

ପ୍ରକାଶଯେ, ଗତ ୨୦ ତାରିଖ ସନ୍ଧ୍ୟାରେ ବିଜିପୁର ରାସ୍ତାରେ ହାଇୱା ଧକ୍କାରେ ୩ଜଣ ଆହତ ହୋଇଥିଲେ। ଏଥିରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଥିଲେ। ଦୁର୍ଘଟଣା ପରେ ରାସ୍ତାରୋକୋ ହୋଇଥିଲା। ପ୍ରଭାତ ଖବର ସଂଗ୍ରହ ପାଇଁ ଘଟଣାସ୍ଥଳରେ ପହଞ୍ଚି ଥିଲେ। ତେବେ ଏତିକିବେଳେ ବିନା କାରଣରେ ବିଜିପୁର ଗାଁର ଲକ୍ଷ୍ମୀଧର ନାୟକ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏପରିକି ବେକରୁ ସୁନାଚେନ ଛିଣ୍ଡାଇ ନେଇ ଯାଇଥିଲେ।

ଘଟଣା ସମ୍ପର୍କରେ ଫତେଗଡ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ପ୍ରଭାତଙ୍କ ଅଭିଯୋଗକୁ ଭିତି କରି ନଂ.୩୫୨/୨୫ରେ ମାମଲା ରୁଜୁ କରି ଥିଲା।ପରେ ପାଲଟା ଅଭିଯୋଗ ରଖି ନଂ.୩୫୩/୨୫ରେ ଅନୁରୂପ ମାମଲା ରୁଜୁ ହୋଇଥିଲା। ନ୍ୟାୟ ନ ପାଇବାରୁ ନୟାଗଡ ଜିଲ୍ଲା ପ୍ରତିନିଧି, ଭାପୁର ଓ ଖଣ୍ଡପଡା ବ୍ଲକର ଖବରଦାତାମାନେ ସୋମବାର ଓ ମଙ୍ଗଳବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଦୁଇ ଦିନ ଧରି ଅତିରିକ୍ତ ଏସ୍‌ପି ସୁବାସ ପଣ୍ଡା ବୁଝାଶୁଝା କରିଥିଲେ ମଧ ସ୍ଥିତି ବଦଳିନଥିଲା।

# ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

ଦଶପଲ୍ଲା,୩।୧୨ (ପ୍ରକାଶ କୁମାର ପାଣି)

ସ୍ଥାନୀୟ ଡିଜାବଲ ରିଲିଫ ଅର୍ଗାନାଇଜେଶନ ପକ୍ଷରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ବୁଧବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ କେତେକ ଭିନ୍ନକ୍ଷମଙ୍କ ସହ କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ଗାନ୍ଧୀ, ଗୋପବନ୍ଧୁ, ମଧୁବାବୁ ଏବଂ ବିପ୍ଳବୀ ଗୋବିନ୍ଦ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପରେ ଗାନ୍ଧୀ ପଡିଆଠାରୁ ଏକ ସଚେତନତା ରାଲି ଶିକ୍ଷକ ଭବନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଡା. ପ୍ରଫୁଲ୍ଲ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱର୍ଣ୍ଣ ସାରିକା ଜେନା, ବରିଷ୍ଠ ନାଗରିକ ପ୍ରାଣକୃଷ୍ଣ ବେହେରା, ଖବରଦାତା ପ୍ରଶାନ୍ତ କୁମାର ସାହୁ, କିଶୋର ଚନ୍ଦ୍ର ସାହୁ, ସରୋଜ ପଣ୍ଡା, ଅନିରୁଦ୍ଧ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଲକ୍ଷ୍ମୀଧର ବେହେରା ନିଜର ବକ୍ତବ୍ୟରେ ଭିନ୍ନକ୍ଷମଙ୍କୁ ଚାକିରି କ୍ଷେତ୍ରରେ ସଂରକ୍ଷଣ ପାଞ୍ଚ ପ୍ରତିଶତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ ୫ ପ୍ରତିଶତକୁ ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ। ଅନୁଷ୍ଠାନର ସ୍ଥାୟୀ ଘରଟିଏ କରିବା ପାଇଁ ଜାଗା ଟିକିଏ ଦେବାକୁ ସଭା ସଦ ମାନଙ୍କ ଜରିଆରେ ନିବେଦନ କରିଥିଲେ। ଶେଷରେ ସୁମନ୍ତ କୁମାର ସାଥୁଆ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ଭିନ୍ନକ୍ଷମ ଦିବସ ପାଳିତ




ଭିନ୍ନକ୍ଷମ ଦିବସରେ ଅତିଥିଭାବେ ଯୋଗଦେଇଥିବା ବିଚାରପତିମାନେ।

ଓଡଗାଁ, ୩।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲ୍ଲା ଓ ଅଦାଲତ ପରିସରରେ ଓ ତାଲୁକ୍ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପ୍ରାଧିକରଣ ସଚିବ ତଥା ଓ ଅତିରିକ୍ତ ଜିଲା ଦୌରାଜଜ୍ ସଂଘମିତ୍ରା ଶର୍ମାଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ସଭାରେ ଓ ଦେୱାନୀ (ବରିଷ୍ଠ) ବିଭାଗ ବିଚାରପତି ଜନ୍ମେଜୟ ଦାସ, ଦେୱାନୀ (କନିଷ୍ଠ) ବିଚାରପତି ପ୍ରେରଣାଶ୍ରୀ ଦେଓ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୌମ୍ୟାଶ୍ରୀ ମହାପାତ୍ର ଏବଂ ଓକିଲ ସଂଘ ଉପସଭାପତି ଯଜ୍ଞ ନାରାୟଣ ପାତ୍ର, ସମ୍ପାଦକ ବଟକୃଷ୍ଣ ମିଶ୍ର, ସରକାରୀ ଆଇନଜୀବୀ ଇନ୍ଦୁଭୂଷଣ ମିଶ୍ର, ବରିଷ୍ଠ ଆଇନଜୀବୀ ପବିତ୍ର ମୋହନ ସାହୁ, ରବିନାରାୟଣ ବରା ଓ ସୁବାସ ଚନ୍ଦ୍ର ପାତ୍ର, ଆଇନଜୀବୀମାନେ ତଥା ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୭୦ ମହିଳା ଓ ପୁରୁଷ ଭିନ୍ନକ୍ଷମ ଯୋଗ ଦେଇଥିଲେ। ବକ୍ତାମାନେ ଭିନ୍ନକ୍ଷମମାନଙ୍କ ଅଧିକାର ଓ ଆଇନର ଦିଗ ସମ୍ପର୍କରେ ମଞ୍ଚାସୀନ ଅତିଥିଙ୍କ ସମେତ ଆଇନଜୀବୀମାନେ ମତାମତ ରଖିଥିଲେ। କାର୍ଯ୍ୟକ୍ରମକୁ ତାଲୁକ୍ ଆଇନସେବା ପ୍ରାଧିକରଣ ସଂଯୋଜିକା ଶ୍ରଦ୍ଧାଞ୍ଜଳି ରଥ ସଂଯୋଜନା କରିଥିଲେ।

# ୮ମ ଛାତ୍ରଙ୍କୁ ୧୦ମ ଶ୍ରେଣୀର ୩ ଛାତ୍ର ପିଟିଲେ

ନୟାଗଡ,୩।୧୨(ଲୋକନାଥ ମିଶ୍ର)

**୩ ମାସ ତଳର ଭିଡିଓ ବଖାଣୁଛି ରାଗିଂ ସମୟର ଦୃଶ୍ୟ**

- ଉଲଗ୍ନ କରି ବାଡି, ବ୍ୟାଟ, ରଡରେ ପିଟିଲେ
- ୩ ଛାତ୍ର, କୋଚିଂ ସେଣ୍ଟର ମାଲିକ ଅଟକ

ନୟାଗଡ ଜିଲ୍ଲା ଦଶପଲ୍ଲା ଥାନା ମହାବୀର ଘରୋଇ କୋଚିଂ ସେଣ୍ଟର ହଷ୍ଟେଲରେ ୩ମାସ ତଳେ ସୁଟିଂ ହୋଇଥିବା ଏକ ଭିଡିଓ ବଖାଣୁଛି ରାଗିଂର ଦୃଶ୍ୟ। ଜଣେ ଅଷ୍ଟମ ଛାତ୍ରଙ୍କୁ ଦଶମ ଶ୍ରେଣୀର ୩ ଛାତ୍ର କିପରି ବାଡି, ବ୍ୟାଟ ଓ ରଡ୍‌ରେ ପିଟୁଛନ୍ତି ତାହା ଦେଖିବାକୁ ମିଳୁଛି। ପୁଣି ଉଲଗ୍ନ କରି ମାଡ ମାରୁଛନ୍ତି। ଟ୍ରେ ଧୋଇବାକୁ ଅରାଜି ହେବା ପରେ ୧୦ମ ଶ୍ରେଣୀର ଛାତ୍ରମାନେ ରାଗିଂ କରି ମାଡ ମାରିବା ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ଗୁରୁତର ସହ ନେଇ ନିଜ ଆଡୁ ନଂ. ୩୨୩/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ଘଟଣାରେ କୋଚିଂ ସେଣ୍ଟର ମାଲିକ ରଶ୍ମୀ ରଞ୍ଜନ ପଟ୍ଟନାୟକ ଓ ୩ଜଣ ୧୦ମ ଶ୍ରେଣୀ ଛାତ୍ରଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ତେବେ ଏନେଇ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇ ନାହିଁ।

ସୂଚନା ଅନୁସାରେ, ଅଷ୍ଟମ ଶ୍ରେଣୀର ଛାତ୍ରଙ୍କ ମାଡମରା ଘଟଣାକୁ ଅନୁଧ୍ୟାନ କଲେ ମହାବୀର ଘରୋଇ କୋଚିଂ ସେଣ୍ଟରରେ ରାଗିଂ ଚାଲିଥିବା ସ୍ପଷ୍ଟ ହେଉଛି। ଦଶମ ଶ୍ରେଣୀ ଛାତ୍ର ଖାଇସାରିବା ପରେ ଟ୍ରେ ନ ମାଜିବାରୁ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ଜଣେ ଜଣେ କିରି ମାଡ ମାରୁଛନ୍ତି। ଛାତ୍ରଟି ବାରମ୍ବାର ଭୁଲ ସ୍ୱୀକାର କରୁଥିଲେ ମଧ ତା କଥା କେହି ଶୁଣୁ ନାହାନ୍ତି। ୩ମାସ ତଳର ସମ୍ପୃକ୍ତ ଘଟଣାକୁ କାହାକୁ ନ କହିବାକୁ ଅଷ୍ଟମ ଶେଣୀର ଛାତ୍ରଙ୍କୁ ତାଗିଦା କରାଯାଇଥିଲା। ବୋଧ ହୁଏ ଛାତ୍ର ଜଣକ ଘଟଣା ସମ୍ପର୍କରେ ମୁହଁ ଖୋଲି ନହାନ୍ତି। ତେବେ ଭିଡିଓ ଭାଇରାଲ ପରେ ମାଡ ମାରିଥିବା ଛାତ୍ର ଓ କୋଚିଂ ସେଣ୍ଟର ମାଲିକଙ୍କ ଅଡୁଆ ବଢ଼ିବାରେ ଲାଗିଛି।

# ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଖଣ୍ଡପଡା,୩।୧୨(ଅଜୟ କୁମାର ମହାରଣା)

କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ଓ ଶିକ୍ଷକ ମଙ୍ଗଳବାର ପୂର୍ବାହ୍ନରେ ନୀଳମାଧବଜୀଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ଶୃଙ୍ଖଳାର ସହ କ୍ରୀଡା ସମାପନ ପାଇଁ ଶ୍ରୀ ଜୀଉଙ୍କ ଆଜ୍ଞାମାଳ ଆଣିଥିଲେ। ପରେ ପରେ ଏକ ମଶାଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସ୍ଥାନୀୟ ପଲଟନ ପଡିଆକୁ ଆସିଥିଲେ। ପଲଟନ ପଡିଆରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ସାହୁ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ପଣ୍ଡା ବିଦ୍ୟାୟର କ୍ରୀଡା ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସେଠାରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗୀତା ହୋଇଥିଲା। ଏହି କ୍ରୀଡା ଉତ୍ସବ ୨ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ବେଳେ ବୁଧବାର ଉଦ୍‌ଯାପନୀ ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ପରବର୍ତ୍ତୀ ଉତ୍ସବରେ ମାନପତ୍ର ସହ ପୁରସ୍କାର ବିତରଣ କରାଯିବ।

# ଖଣ୍ଡପଡ଼ା ମାଟିରେ ସମ୍ବର୍ଦ୍ଧିତ ହେଲେ ବରିଷ୍ଠ ଡାକ୍ତର, ରୋଟାରିଆନ

ଖଣ୍ଡପଡ଼ା, ୩।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ କିଆଝର ଗ୍ରାମର ସୁନାମଧନ୍ୟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. ଶ୍ୟାମସୁନ୍ଦର ସ୍ୱାଇଁ ଓ ରୋଟାରିଆନ ତଥା ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ସମ୍ପାଦକ ଡ. ଯୁଗଳ କିଶୋର ସାହୁଙ୍କୁ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ବିଶିଷ୍ଟ ବ୍ୟକ୍ତି ୨ ଜଣ ଖଣ୍ଡପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ଭାବେ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରି ଜନ୍ମମାଟି ଖଣ୍ଡପଡ଼ାକୁ ଗୌରାବନ୍ୱିତ କରିଥିବା ଜଣାଯାଇଛି। ଅସ୍ଥିଶଲ୍ୟ ବିଶେଷଜ୍ଞ ସ୍ୱାଇଁ ଆମେରିକାର ଫ୍ଲୋରିଡାରେ ସ୍ଥାୟୀ ଭାବେ ଅବସ୍ଥାନ କରି ରୋଗୀ ସେବାରେ ନିୟୋଜିତ ଥିବା ବେଳେ ରୋଟାରିଆନ ସାହୁ ଜଣେ ବିଶିଷ୍ଟ ସମାଜିକକର୍ମୀ ଭାବେ ବିଭିନ୍ନ ମହଲରେ ପରିଚିତ ଅଟନ୍ତି। ସମାଜରେ ପ୍ରତିଷ୍ଠିତ ହୋଇ ପାରିଥିବା ଉଭୟେ ବିଶିଷ୍ଟ ବ୍ୟକ୍ତି ୧୯୬୬ ମସିହାରେ ଖଣ୍ଡପଡ଼ା ସହରସ୍ଥିତ ସୁନାମଧନ୍ୟ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟଲରେ ପଢୁଥିଲେ ବୋଲି ସାକ୍ଷାତ୍‌କାରରେ ପ୍ରକାଶ କରିଥିଲେ। ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ୨ ବିଶିଷ୍ଟ ବ୍ୟକ୍ତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।



ଡାକ୍ତର ଓ ରୋଟାରିଆନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ରାଜିଙ୍ଗିରେ ଗୀତାଯଜ୍ଞ

ଗଣିଆ, ୩।୧୨(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ରାଜିଙ୍ଗି ଗ୍ରାମରେ ବୁଧବାର ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ଓ ଶ୍ରୀ ଶ୍ରୀ ଚିନ୍ତାମଣି ଜୀଉ ଗୀତା ଗୋଷ୍ଠୀଙ୍କ ପ୍ରେରଣାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳୁ ଗ୍ରାମର ଛୋଟ ଛୋଟ ଶ୍ରୀକୃଷ୍ଣ, ବଳରାମ, ପଞ୍ଚପାଣ୍ଡବ, ଗୋପୀ ଗୋପାଳ ଓ ହନୁମାନ ଆଦି ବେଶରେ ସଜ୍ଜିତ କରାଯାଇ ନାମ ସଂକୀର୍ତ୍ତନ ସହ ନଗର ପରିକ୍ରମା କରାଯାଇଥିଲା। ପରେ ଯଜ୍ଞନାରାୟଣ ପୂଜା ଓ ବିଶ୍ୱ କଲ୍ୟାଣ ନିମିତ୍ତ ଘୃତାହୁତି ପ୍ରଦାନ କରାଯାଇଥିଲା। ଗ୍ରାମର ଛୋଟ ଛୋଟପିଲାମାନଙ୍କ ଦ୍ୱାରା ଗୀତା ୧୮ ଅଧ୍ୟାୟର ୭ ଶହ ଶ୍ଳୋକ ପାଠ କରାଯାଇଥିଲା। ଗୀତା ପାଠରେ ଅଂଶଗ୍ରହଣ କରିଥିବା ପିଲାମାନଙ୍କ ମନରେ ଗୀତା ଶାସ୍ତ୍ର ପ୍ରତି ରୁଚି ଓ ଆଗ୍ରହ ଜନ୍ମାଇବା ପାଇଁ ସମସ୍ତଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଚୈତନ୍ୟ ସାହୁ ଓ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ଧର୍ମୀୟ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ମଝିଆଖଣ୍ଡରେ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ

ରଣପୁର,୩।୧୨
(ସୁକାନ୍ତ କିଶୋର ଡକୁଆ)

ରଣପୁର ବ୍ଲକ ମଝିଆଖଣ୍ଡ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ମେଳା ଉଦ୍‌ଯାପିତ ହୋଇଯାଇଛି। ରଣପୁର ବ୍ଲକ ଶିକ୍ଷା ଅଧିକାରୀ ପିଣ୍ଟୁ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରଣପୁର ବ୍ଲକ ଚେୟାରମ୍ୟାନ ନିର୍ମଳା ବେହେରା, ମୁଖ୍ୟ ବକ୍ତା ରଣପୁର ବିଡିଓ ମନୋଜ କୁମାର ନାୟକ, ସମ୍ମାନିତ ଅତିଥି ଏମ୍‌ପି ପ୍ରତିନିଧି ତଥା ଆଇନିଜୀବୀ ପ୍ରିୟବ୍ରତ ପ୍ରହରାଜ, ରଘୁନାଥ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ, ସରପଞ୍ଚ ମଧୁମିତା ତରାଇ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ରସାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ଅତିଥିମାନେ ଏପରି ମେଳା ଛୋଟଦିନରୁ ବୈଜ୍ଞାନିକ ଚେତନା ଓ ନବଚିନ୍ତନ ଶକ୍ତିକୁ ଉତ୍ତେଜିତ କରେ। ଯାହା ଭବିଷ୍ୟତରେ ଦେଶ ଗଠନରେ ସହାୟକ ହେବ। ଏହି ମେଳା ପିଲାଙ୍କୁ ନୂତନ ଅନୁସନ୍ଧାନ ପାଇଁ ପ୍ରେରଣା ଯୋଗାଇ ଥାଏ ବୋଲି କହିଥିଲେ।

ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶ୍ରେଷ୍ଠ ପ୍ରକଳ୍ପ ସହ ମୋଟ ୭୦୦ ଶିକ୍ଷାର୍ଥୀ ଓ ୨୫୦ ଗାଇଡ଼ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଏଥିରେ ୨୪୩ ପ୍ରକଳ୍ପ ଆସିଥିଲା। ପ୍ରକଳ୍ପଗୁଡିକ ମଧ୍ୟରୁ ବାଲ ବୈଜ୍ଞାନିକ ପ୍ରକଳ୍ପରୁ ଶ୍ରେଷ୍ଠ ୭ ପ୍ରକଳ୍ପ, ପରିବେଶ ଭିତ୍ତିକ ଶ୍ରେଷ୍ଠ ୭ ପ୍ରକଳ୍ପ ଓ ଉପ କନିଷ୍ଠ ବିଭାଗରେ ଶ୍ରେଷ୍ଠ ୩ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିବା ଜଣାପଡିଛି। ମେଳାରେ ପ୍ରାକୃତିକ ସମସ୍ୟାର ବୈଜ୍ଞାନକ ସମାଧାନ, ନବୀନ ଆବିଷ୍କାର, ପରିବେଶ ସୁରକ୍ଷା, ନବୀକରଣଯୋଗ୍ୟ ଶକ୍ତି, ମଡେଲ ନିର୍ମଣ, ସ୍ମାର୍ଟ ଟେକ୍ନୋଲୋଜି ସହ ଅନେକ ଆକର୍ଷଣୀୟ ମଡେଲ ପ୍ରଦର୍ଶନୀ କରାଯାଇଥିଲା।

ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଅତିଥି ଭାବେ ଜିଲା ଶିକ୍ଷକ ପ୍ରଶିକ୍ଷକ ପ୍ରତିଷ୍ଠାନ ଅଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀ, ବାଚସ୍ପତିଙ୍କ ପ୍ରତନିଧି ତଥା ଯୁବ ସାମାଜିକକର୍ମୀ ଅଭିଷେକ ସାମନ୍ତରାୟ, ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତରେଇ, ସହକାରୀ ବ୍ଲକ ଶିକ୍ଷା ଅଧିକାରିଣୀ ଲକ୍ଷ୍ମୀ ଦେଇ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ପିଲାଙ୍କୁ ଉତ୍ସାହିତ ତଥା ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥିଲେ। ପରେ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ସଫଳ ପରିଚାଳନାରେ ସମସ୍ତ ସାଧନ କେନ୍ଦ୍ର ସଂଯୋଜକ, ବିଭିନ୍ନ ଶିକ୍ଷକ ସଂଗଠନ, ବିଦ୍ୟାଳୟ ପରିଚାଳନା କମିଟି, ଅଞ୍ଚଳବାସୀ ଓ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ପୂର୍ଣ ସହଯୋଗ କରିଥିଲେ।



ମେଳାରେ ପ୍ରଦର୍ଶିତ ପ୍ରକଳ୍ପକୁ ଅତିଥିମାନେ ବୁଲି ଦେଖୁଛନ୍ତି।

# ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସବୁ ଦିଗରୁ ସହଯୋଗ ପାଇଁ ପରାମର୍ଶ



ଯାଜପୁର ମ୍ୟୁନିସିପାଲ ହାଇସ୍କୁଲଠାରେ ଅନୁଷ୍ଠିତ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ଯାଜପୁର ଟାଉନ,୩।୧୨ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ମ୍ୟୁନିସିପାଲ ହାଇସ୍କୁଲଠାରେ ଜିଲା ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ବୁଧବାର ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଯାଜପୁର ଜିଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅମ୍ବର କୁମାର କର, ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ ମିଶ୍ର, ବ୍ଲକ ଶିକ୍ଷା ଅଧିକାରୀ ଦେବୀଲାଲ ମଲ୍ଲିକ ଯୋଗ ଦେଇଥିଲେ। ଜିଲାପାଳ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସବୁ ଦିଗରୁ ସହଯୋଗ କରିବା ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମାଜର ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କ ଉଦାହରଣ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମଗ୍ର ଶିକ୍ଷାର ଅନ୍ତର୍ଭେଶୀ ଶିକ୍ଷା ସଂଯୋଜିକା ବନ୍ଦନା ଜେନା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର ଓ ସବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଯୋଗ ଦେଇଥିଲେ। ଜିଲାସ୍ତରରେ ସେହି ପିଲାମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା କରାଯାଇ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମ୍ୟୁନିସିପାଲ ହାଇସ୍କୁଲର ଶିକ୍ଷୟିତ୍ରୀଶିକ୍ଷକମାନେ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

**ଯାଜପୁର ଟାଉନ,୩।୧୨ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)**

ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଜିଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବୁଧବାର ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାର କିଭଳି ଭିନ୍ନକ୍ଷମଙ୍କ ଦକ୍ଷତା ବିକାଶ ଉପରେ ଧ୍ୟାନ ଦେଉଛନ୍ତି ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ ଯୋଗଦେଇ ସ୍ୱାଗତ ସୂଚନା ପ୍ରଦାନ କରିବା ସହ ବିଭିନ୍ନ ସହାୟତା ଯୋଜନା ଉପରେ ଆଲୋକପାତ କରିଥିଲେ।

ମୁଖ୍ୟ ବକ୍ତା ମଞ୍ଜୁ ଦାସ ଦିବ୍ୟାଙ୍ଗଙ୍କ ସଶକ୍ତିକରଣ ଏବଂ ଏକ ସମାବେଶୀ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଦିବସ ପାଳନ ଅବସରରେ ପ୍ରଥମେ ଗୌତମ ବୁଦ୍ଧ ସଂସ୍କୃତି ଭବନ ପର୍ଯ୍ୟନ୍ତ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାକୁ ଜିଲାପାଳ ଅମ୍ବର କୁମାର କର ଉଦ୍‌ଘାଟନ କରିବା ସହ ନିଜେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟଗୁଡ଼ିକରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ପାରା-ସନ୍ତରଣକାରୀ ଗୋଲାପୀ ସାର୍କୀ ନିଜ ଅଭିଜ୍ଞତା ବାଣ୍ଟିଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଭିନ୍ନକ୍ଷମ କଳାକାର ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି କର୍ମୀଙ୍କ ଆକ୍ରମଣରେ ଭାଜପା ଯୁବନେତା ଗୁରୁତର

**କାଳିଆପାଣି,୩।୧୨ (ଅସିତ ମହାନ୍ତ)**



ଆହତ ଚିରଞ୍ଜୀବ

କାଳିଆପାଣି ଥାନା ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ବିଜେଡି କର୍ମୀଙ୍କ ଆକ୍ରମଣରେ ଜଣେ ଭାଜପା ଯୁବନେତା ଗୁରୁତର ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦାବିରେ ବେଦାନ୍ତ ଖଣି କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯାଉଛି। ଏହି ଆନ୍ଦୋଳନକୁ ଭଣ୍ଡୁର କରିବାକୁ କେତେକଣ ବିଜେଡି କର୍ମୀ ଘଟଣାସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କ ସହ ଯୁକ୍ତିତର୍କ କରିଥିଲେ। ଆନ୍ଦୋଳନକାରୀଙ୍କ ଘୋର ବିରୋଧ ଯୋଗୁ ବିଜେଡି କର୍ମୀମାନେ ସେଠାରୁ ଚାଲିଆସିଥିଲେ। କଲୋନୀ ନିକଟରେ ଛକି ବସିଥିଲେ। ସନ୍ଧ୍ୟାରେ ଯୁବନେତା ଚିରଞ୍ଜୀବ ବେହୁରା, ସନ୍ତୋଷ ମୁଦୁଲି ଓ ମଣ୍ଡଳ ସଭାପତି ମନୋଜ ନାୟକ ଆନ୍ଦୋଳନସ୍ଥଳରୁ ଘରକୁ ଫେରୁଥିଲେ। ଏହି ସମୟରେ ସେଠାରେ ଜଗିରହିଥିବା ବିଗିନଗର ହଟିଁର ମନୋଜ ମାଲସାଣ୍ଡି, କୁନା ମାଲସାଣ୍ଡି, ଗୌରବ ସିଂ ଓ କାଳିଆପାଣି ହଟିଁର ଦୀପକ ନାୟକ ରାସ୍ତାରେ ଗାଡ଼ି ପକାଇ ସେମାନଙ୍କ ଗାଡ଼ିକୁ ଅଟକାଇଥିଲେ। ଏହାପରେ ଗାଡ଼ି ଚଳାଉଥିବା ଚିରଞ୍ଜୀବଙ୍କୁ ଭିଡ଼ିଆଣି ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ତାଙ୍କ ତଣ୍ଟିକୁ କାମୁଡ଼ି ପକାଇଥିଲେ। ଖବର ପାଇ କାଳିଆପାଣି ଥାନା ଆଇଆଇସି ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ପହଞ୍ଚି ଆକ୍ରମଣକାରୀ ୩ ଯୁବକଙ୍କୁ ଅଟକ ରଖିବା ସହ ଗୁରୁତରଙ୍କୁ ଖଣି ନିଗମ ଡାକ୍ତରଖାନାକୁ ପଠାଇଥିଲେ। ପରେ ଚିରଞ୍ଜୀବଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ଘଟଣାକୁ ନେଇ ଭାଜପା କର୍ମୀମାନେ ଥାନା ଘେରାଉ କରି ହୋହାଲ୍ଲା କରିଥିଲେ। କଳିଙ୍ଗନଗର ଅତିରିକ୍ତ ଏସ୍‌ପି ସୁପ୍ରସନ୍ନ ମଲ୍ଲିକ ଥାନାରେ ପହଞ୍ଚି ଉଭୟ ଲୋକଙ୍କୁ ବୁଝାସୁଝା କରିବା ସହ ଆକ୍ରମଣକାରୀଙ୍କୁ କଳିଙ୍ଗନଗର ଥାନାକୁ ନେଇଯାଇଥିବା ସୂଚନା ମିଳିଛି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ



ଅବସରପ୍ରାପ୍ତ କର୍ମଚାରୀ ସଂଘ ପ୍ରତିଷ୍ଠା ଦିବସରେ ମଞ୍ଚାସୀନ କର୍ମକର୍ତ୍ତା।

**ଧର୍ମଶାଳା,୩।୧୨ (ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ବ୍ଲକ ଅଧୀନ ଜାରକା ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଂଘ କାର୍ଯ୍ୟାଳୟ ପରିସରରେ ସଭାପତି ଆଶାଦତ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସମ୍ପାଦକ ବୈକୁଣ୍ଠନାଥ ପାଣି ଅତିଥିଭାବେ ଯୋଗଦେଇ ସଂଘର ପ୍ରତିଷ୍ଠାତା ସଭାପତି ବାଉରିକିଶୋର ପାଢ଼ୀ, କାର୍ଯ୍ୟକାରୀ ସଭାପତି ମଧୁସୂଦନ ମିଶ୍ର, ପ୍ରତିଷ୍ଠାତା ସମ୍ପାଦକ ସୁଦର୍ଶନ ଶତପଥୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସଂଘ ପ୍ରତିଷ୍ଠା ଦିଗରେ ସେମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସଭାପତି ବିଜୟ ମିଶ୍ର, ସଂଗଠନ ସମ୍ପାଦକ ପାଟବାସ ପାତ୍ର, ସହସମ୍ପାଦକ ସୁବାସ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଭିକାରୀ ଚରଣ ମଲ୍ଲିକ, ସଦସ୍ୟ ବ୍ରଜକିଶୋର ଦାଶ, ବିବେକାନନ୍ଦ ନାୟକ, ରଘୁନାଥ ମିଶ୍ର, ଅମୂଲ୍ୟ ସୁତାର, ନିକୁଞ୍ଜ ବିହାରୀ ମହାନ୍ତି, ହୃଷୀକେଶ ସାମଲ, କଳାକାର ସ୍ୱାଇଁ, ଚିନ୍ତାମଣି ବେହେରା ପ୍ରମୁଖ ଯୋଗଦେଇ ସଂଘର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ସଦସ୍ୟ କୈଳାଶ ଚନ୍ଦ୍ର ବାରିକ, ପବନେଶ୍ୱର ବେହେରା ଓ ସୁବୋଧ ସାମଲଙ୍କ ଅମରାତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଦସ୍ୟ ବଟକୃଷ୍ଣ ସାହୁ ଧନ୍ୟବାଦ ଦେଇଥିଲେ।


## କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ

KNDA ତୋରଡା, ପୋ.: ଫେରୋକ୍ରମ ପ୍ଲାଣ୍ଟ, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର

**ବିଜ୍ଞାପନ**

[illegible]

ସ୍ୱା./- ସଚିବ, କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ

## କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ

ସା/ପୋ.: କେନ୍ଦୁଝରଗଡ଼, କେନ୍ଦୁଝର – ୭୫୮୦୦୧ (ଓଡ଼ିଶା)

**KEONJHAR CENTRAL CO-OPERATIVE BANK LTD.**

At/P.O.: Keonjhargarh, Keonjhar - 758001 (Odisha)
Telephone: (06766) 255183, 251745, Fax: 253137
Email: kendujharccb@gmail.com

No. KCCB/5808/HRD/2025-26 Date: 03.12.2025

**CORRIGENDUM NOTICE**

In reference to the Expression of Interest (EOI) notice published on **2nd December, 2025** in the Newspapers The Dharitri and The Anupam Bharat, it is hereby clarified that the Group Mediclaim Insurance Policy is applicable only to the employees of the Bank and not to the Directors of the Bank.

All concerned are requested to take note of this correction.

**Sd./- Chief Executive Officer**
**Keonjhar Central Cooperative Bank Ltd.**

## ସର୍ବସାଧାରଣ ବିଜ୍ଞପ୍ତି

ଫର୍ମ ୪୯ — ଡିଣ୍ଡୋଶୀସ୍ଥିତ ସିଟି ସିଭିଲ କୋର୍ଟରେ — କୋର୍ଟ ରୁମ ନଂ. ୬ — ବାଣିଜ୍ୟିକ ସାରାଂଶ ମକଦ୍ଦମା ସଂ. ୨୦୨୦ର ୮୯

ଆରାମେକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼ ... ବାଦୀ

ବନାମ

ଫାଲକନ ଟ୍ରେଡର୍ସ ପ୍ରାଇଭେଟ ଲିମିଟେଡ଼ ... ପ୍ରତିବାଦୀ

[illegible]

ରେଜିଷ୍ଟ୍ରାର, ସିଟି ସିଭିଲ କୋର୍ଟ ଡିଣ୍ଡୋଶୀ

ମେସର୍ସ ହାଲାଇ ଆଣ୍ଡ କୋ., ବାଦୀଙ୍କ ଅଧିବକ୍ତା — ଇମେଲ୍ ଠିକଣା: halai_co@yahoo.com

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

Bank of Maharashtra — ଏକ ପରିବାର ଏକ ବ୍ୟାଙ୍କ

ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର — ଇ-ମେଲ: dzmbbsr@mahabank.co.in

**ଦଖଲ ନୋଟିସ୍ [ନିୟମ - ୮ (୧)]**

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ... [illegible]

| କ୍ରମିକ ନଂ. / ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ବନ୍ଧକ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶି | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| ବ୍ରହ୍ମପୁର ଶାଖା / ଋଣଗ୍ରହୀତା: ମେସର୍ସ ପ୍ରିନ୍ସ ବଜାର, ... [illegible] | ଶ୍ରୀ ପ୍ରକାଶ ଚନ୍ଦ୍ର ସାହୁଙ୍କ ନାମରେ ଥିବା ... [illegible] | ତା.୧୭.୦୭.୨୦୨୫ରିଖ ସୁଦ୍ଧା ଟ.୨୪,୯୪,୩୪୭.୨୫ + ସେବାକର ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୧୭.୦୭.୨୦୨୫ / ୦୧.୧୨.୨୦୨୫ (ସାଙ୍କେତିକ) |
| କଟକ ଶାଖା / ଋଣଗ୍ରହୀତା: ଶ୍ରୀ ବିଜୟ କୁମାର ସାହୁ, ... [illegible] | ଶ୍ରୀ ବିଜୟ କୁମାର ସାହୁ, ଶ୍ରୀ ସଞ୍ଜୟ କୁମାର ସାହୁ, ଶ୍ରୀ ବିବେକାନନ୍ଦ ସାହୁ ଏବଂ ଶ୍ରୀ ପରମାନନ୍ଦ ସାହୁଙ୍କ ନାମରେ ଥିବା ... [illegible] | ତା.୦୬.୦୯.୨୦୨୫ରିଖ ସୁଦ୍ଧା ଟ.୩୧,୩୪,୫୩୯.୩୦ + ସେବାକର ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୦୬.୦୯.୨୦୨୫ / ୨୯.୧୧.୨୦୨୫ (ସାଙ୍କେତିକ) |
| କଟକ ଶାଖା / ଋଣଗ୍ରହୀତା: ମେସର୍ସ ଶ୍ରୀ ଶ୍ୟାମ ଜନରଲ ... [illegible] | ଶ୍ରୀ ସନ୍ଦିପ କୁମାର ଅଗ୍ରୱାଲଙ୍କ ନାମରେ ଥିବା ... [illegible] | ତା.୦୬.୦୯.୨୦୨୫ରିଖ ସୁଦ୍ଧା ଟ.୩୭,୩୫,୮୯୦.୦୭ + ସେବାକର ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୦୬.୦୯.୨୦୨୫ / ୨୯.୧୧.୨୦୨୫ (ସାଙ୍କେତିକ) |

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୪.୧୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.: SBP-ELECT-2025-T-266

[illegible]

ଆନୁମାନିକ ମୂଲ୍ୟ (ଟ): 14,40,187.97; EMD: 28,800.00 — ଖୋଲିବା ତାରିଖ ଓ ସମୟ: ତା.16.12.2025 ରିଖ 1530 ଘଣ୍ଟାରେ। — www.ireps.gov.in

PR-857/Q/25-26

## ଦ.ପୂ. ରେଳପଥ – ଟେଣ୍ଡର

[illegible] — www.ireps.gov.in (PR-904)

## OFFICE OF THE EXECUTIVE ENGINEER, MINOR IRRIGATION DIVISION, MEDININAGAR

**e-Procurement Tender Notice**
**Two Envelope System**
**Tender Reference No:- WRD/MID/MEDININAGAR/B.D/S.L.I.-05 /2025-26**
**Letter no:- 557Date:- 02/12/2025**

| | | |
|---|---|---|
| 1 | Name of Work:- | Construction of Baliyari Mukhyamantri Solar Lift Irrigation Scheme at Vill-Baliyari, G.P.-Naugarh, Block-Tarhasi, (Palamu) |
| 2 | Estimated Cost (Rs.) | 1 ,38,65,900=00 |
| 3 | Cost of tender document (Rs) | Rs. 10,000=00only (non-refundable). |
| 4 | Earnest Money Deposit (Rs.) | Rs. 1,38,659=00 only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website http://jharkhandtenders.gov.in | Date: 13.12.2025 ,Time :-04 .00P M |
| 8 | Last Date/Time for downloading of bidding documents and Submission of Tender on Website | Date: -27.12.2025 , Time :- 04.00 PM |
| 9 | Submission of Tender Fee and EMD | Start Date: 13 .12.2025 , Time :-04 .00P M; Last Date:- 27. 12.2025 , Time :- 04.00 PM |
| 10 | Technical Bid Opening Date | Date: - 29 .12.2025 , Time :- 05 .00 PM |
| 11 | Officer Inviting Bids | Executive Engineer, Minor Irrigation Division, Medininagar |
| 12 | (a) Contact No. of e-Procurement Officer (b) e-mail of e-Procurement Officer | 7764987718; eemid041@gmail.com |
| 13 | Help line No. of e-Procurement Cell | 0651-2214784 |

**Note:- Estimated Cost May Decrease or Increase.**

Work will be awarded to those bidders (specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes). Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.

**Only e-Tender will be accepted.**

Further details can be seen on website http://jharkhand tenders.gov.in

**Executive Engineer, Minor Irrigation Division, Medininagar**

PR 367585 (Minor Irrigation)25-26*D

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ — ODISHA POWER TRANSMISSION CORPORATION LIMITED

(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ) (A Government of Odisha Undertaking)

OFFICE OF THE SENIOR GENERAL MANAGER, (PROJECTS) - I
OPTCL TECH TOWER, JANPATH, SAHEED NAGAR, BHUBANESWAR-751007

**NOTIFICATION**

No. 748 Dated : 27.11.2025

In accordance with section-164 of Indian Electricity Act, 2003 and in exercise of the power conferred upon OPTCL vide departmental of Energy, Government of Odisha Order no: R&R-II-10/2006/2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 3,11,94,339 Crores. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager (Projects)-I, OPTCL, Bhubaneswar within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect) EHT (Projects) Division Cuttack, as mentioned against the work, on any working day during office hours.

**Name of the Work:-** Construction of 132 kV LILO line from 132 kV OCL-Salipur line to proposed 132 kV switchyard of M/s. My Home Industries at Byree.

**Name of the Village in which the line will Pass :**
**Tahasil:** Tangi-Choudwar, **R.I Circle:** Uchapada, **Revenue Village:** Mania; **Tahasil:** Darpan, **R.I Circle:** Byree, **Revenue Village:** Byree.

**Perceived benefit that may accrue :** This will facilitate the connectivity of M/s. My Home Industries to OPTCL transmission system.

ER. SUNIL KUMAR DANDSENA
Sr. General Manager (Projects- I)

FIPR-63/2025-26

/optcl.odisha /optcl_odisha

## ODISHA COAL AND POWER LTD.

OCPL Odisha Coal and Power Limited

(A GOVT. OF ODISHA COMPANY)
Zone-A, 4th Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 0674-2300664

**NOTICE INVITING TENDER**

Date: 04.12.2025

Sealed bids in prescribed format for the following tenders are invited from reputed Companies/ Firms/Agenciesfor execution of the following work:

| Sl. No. | Name of the Work | Cost of Tender Paper (Inclusive of GST) - Rs. | Last Date of Sale/ Download of Tender Document | Date of Submission/ Opening |
|---|---|---|---|---|
| 1 | Selection of Agency for development of Dairy Farming in Vill-Sarbahal, Block-Hemgir, District Sundargarh. Tender No.: OCPL/MCMP/SER-174/2025 | 1000 | 15.12.2025 | 3.00 P.M./ 3.30 P.M. on 02.01.2026 |
| 2 | Construction of Boundary wall and Toilet Complex at Jhadeswar Temple Hemgir, Sundargarh Odisha. Tender No.: OCPL/MCMP/SER-181/2025 | 1000 | 16.12.2025 | 3.00 P.M./ 3.30 P.M. on 03.01.2026 |

Any further clarifications may please be addressed to the undersigned at the above address or by email to: **Contracts@ocpl.org.in**

**Sd./- Sr. Manager (Commercial & Contracts)**

**ଗୀତା ଜୟନ୍ତୀରେ ସାମୂହିକ ଗୀତାପାଠ**

ରାଜନଗର,(ଭାସ୍କର ରାଉତରାୟ): ରାଜନଗର ବ୍ଲକ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଗୀତା ଜୟନ୍ତୀ ଅବସରରେ ସାମୂହିକ ଗୀତାପାଠ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଡ. ଘନଶ୍ୟାମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଗୀତାପାଠରେ ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅଧ୍ୟାପକ ନୀହାର ରଞ୍ଜନ ପଣ୍ଡା ଓ ଆଦିତ୍ୟ ତ୍ରିପାଠୀଙ୍କ ସହିତ ଛାତ୍ରୀଛାତ୍ରମାନେ ସାମୂହିକ ଗୀତାପାଠ କରିଥିଲେ। ଏହି ଅବସରରେ ଭଗବାନ ଶ୍ରୀକୃଷ୍ଣଙ୍କ ଆଳତି କରାଯାଇଥିଲା। କାର୍ଯ୍ୟକ୍ରମରେ ଅରୁଣକୁମାର ରାଉତ, ଦୟାନିଧି ସାହୁ, ରବିନାରାୟଣ ଦାସ ଓ ସାଧୁଚରଣ ଅଭିରାମ ଦାସ ସହଯୋଗ କରିଥିଲେ।

# ରମାଦେବୀ ଥିଲେ ମହିଳାମାନଙ୍କ ପ୍ରେରଣାର ଉତ୍ସ



ରମାଦେବୀଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଜଗତ୍‌ସିଂହପୁର, ୩।୧୨ (ପ୍ରମୋଦ କୁମାର ନାୟକ)

ସ୍ଥାନୀୟ ବୃନ୍ଦାବନଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଜଗତ୍‌ସିଂହପୁର ମାଟିର ଗର୍ବ ରମାଦେବୀଙ୍କ ୧୨୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ପାଠକମଣ୍ଡଳୀ ପ୍ରତିଷ୍ଠିତ ରମାଦେବୀ ପାଠାଗାର ଓ ସର୍ବୋଦୟ ମଣ୍ଡଳର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ସତ୍ୟଜିତ ଶତପଥୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ନିକୁଞ୍ଜ ବିହାରୀ ଭଞ୍ଜ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ରମାଦେବୀଙ୍କ ଭୂମିକା ସମ୍ପର୍କରେ ବର୍ଣ୍ଣାଇଥିଲେ। ତାଙ୍କ ତ୍ୟାଗ ମହିଳାମାନଙ୍କୁ ପ୍ରେରଣାଦାୟୀ ଥିଲା। ମୁଖ୍ୟ ବକ୍ତା ଭାବେ ସ୍ୱାମୀ ବିବେକାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୂର୍ବତନ ଅଧକ୍ଷ ଡ. ବିଜୟ କୁମାର ବିଶ୍ୱାଳ ସ୍ୱାଧୀନତା ପରେ ରମାଦେବୀ କିଭଳି ସର୍ବୋଦୟ ଆନ୍ଦୋଳନ ଓ ଓଡ଼ିଶାର ରଚନାତ୍ମକ କାଯର୍ୟରେ ନିଜକୁ ନିୟୋଜିତ କରିଥିଲେ ତା ଉପରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ବିଜୟନ୍ତୀ ତ୍ରିପାଠୀ ଓ ସର୍ବୋଦୟ ମଣ୍ଡଳର ବରିଷ୍ଠ କର୍ମୀ ଆର୍ତ୍ତତ୍ରାଣ ପତି ପ୍ରମୁଖ ଯୋଗଦେଇ ରମାଦେବୀଙ୍କ ଜୀବନ ଦର୍ଶନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପାଠାଗାର ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର ଉକ୍ତ ଜୟନ୍ତୀ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିବାବେଳେ ଉତ୍କଳ ସର୍ବୋଦୟ ମଣ୍ଡଳର କାର୍ଯ୍ୟକାରୀ ସଦସ୍ୟ ଗୋବିନ୍ଦ ଓଝା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଶ୍ରୀମୟୀ ସ୍ୱାଇଁ, ଚିନ୍ମୟୀ ଆଚାର୍ଯ୍ୟ, ତୃପ୍ତିମୟୀ ରଥ ଓ ସୁଜନ ଭୋଇ ପ୍ରମୁଖ ଯୋଗଦେଇ ରମାଦେବୀଙ୍କ ଜୀବନୀ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଦ୍ୟାଳୟର ୮ମ ଓ ୯ମ ଶ୍ରେଣୀର ୮୫ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ରାଜ୍ୟ ଅଭିଭାବକ ମହାସଂଘର ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ନିଃସହାୟ, ଭିନ୍ନକ୍ଷମ, ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ପାଇଲେ ଗୃହ

କୁଜଙ୍ଗ, ୩।୧୨ (ମନୋଜ ପ୍ରଧାନ)

**କୁଜଙ୍ଗ ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଉପକୃତ ହେଲେ ୫୬୯ ଜଣ**





ଅନ୍ତ୍ୟୋଦୟ ଗୃହ ବିଧବା ମହିଳା, ଭିନ୍ନକ୍ଷମ ଛେଳି ଚରାଳି ପାଇଛନ୍ତି।

ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନାରେ କୁଜଙ୍ଗ ବ୍ଲକରୁ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ସମୁଦାୟ ୫୬୯ ଜଣ ଉପକୃତ ହୋଇଛନ୍ତି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ହୋଇଥିବା ୫୬୯ ଜଣ ହିତାଧିକାରୀଙ୍କ ମଧ୍ୟରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୪୭ ଜଣ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ୩୬ ଜଣ ମୋଟ ୮୩ ଜଣ ଘର ସମ୍ପୂର୍ଣ୍ଣ କରିଥିବା ଜଣାପଡ଼ିଛି। ସେଥିମଧ୍ୟରୁ ଦୀର୍ଘବର୍ଷ ଧରି ସରକାରୀ ଯୋଜନାରେ ମୁଣ୍ଡ ଗୁଞ୍ଜିବା ପାଇଁ ପକ୍କାଘରୁ ବଞ୍ଚିତ ୯୪ ଜଣ ଭିନ୍ନକ୍ଷମ, ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ୨୦ ଜଣ, ଘର ପୋଡ଼ି ପ୍ରପୀଡ଼ିତ ୭ ଜଣ, ବିଧବା ନିଃସହାୟ ୫୫ ଜଣ ଓ ନିହାତି ଆବଶ୍ୟକ ୪୦୩ ଜଣ ଅନ୍ତର୍ଭୁକ୍ତ ହୋଇଛନ୍ତି। ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି, ତାଳପଡ଼ା ପଞ୍ଚାୟତ ଅନ୍ତର୍ଗତ ପୁଷ୍ପା ପ୍ରଧାନ ହେଉଛନ୍ତି ଜଣେ ବିଧବା ଓ କେଜା ସମ୍ପ୍ରଦାୟର। ସେ ସ୍ୱାମୀଙ୍କୁ ହରାଇବା ପରେ ୧୮ ବର୍ଷରୁ କମ ପିଲାଙ୍କୁ ଧରି ଏକ ଭଙ୍ଗା କୁଡ଼ିଆରେ ରହିବା ସହ ପର ଘରେ ମାଟି ଖୋଳି ପେଟ ପୋଷୁଥିଲେ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ ହେବାରୁ ପକ୍କା ଘରେ ମୁଣ୍ଡ ଗୁଞ୍ଜିବାକୁ ସୁଯୋଗ ପାଇଛନ୍ତି। ସେହିପରି କାଠକୋଟ ପଞ୍ଚାୟତ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗାଁର ଭିନ୍ନକ୍ଷମ ଜୟନ୍ତ ଦାସ ଛେଳି ଚରାଇ ଘର ଚଳାଉଥିଲେ। ହେଲେ ମୁଣ୍ଡ ଗୁଞ୍ଜିବାକୁ ଛାତଟିଏ ନ ଥିଲା। ସେ ମଧ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାରୁ ଛାତ ତଳେ ମୁଣ୍ଡ ଗୁଞ୍ଜିବାକୁ ସକ୍ଷମ ହୋଇଛନ୍ତି। କର୍କଟ ଓ ଏଡ୍ସ ଭଳି ଦୁରାରୋଗ୍ୟ ବ୍ୟାଧିରେ ଆକ୍ରାନ୍ତ ମଧ୍ୟ ଉପକୃତ ହୋଇଛନ୍ତି। ଯେଉଁମାନେ ଯୋଗ୍ୟ ହିତାଧିକାରୀ ସେମାନେ ଯେପରି ବଞ୍ଚିତ ନ ହେବେ ସେଥିପାଇଁ ତନ୍ନ ତନ୍ନ କରି ତଦନ୍ତ କରାଯାଉଛି ବୋଲି ବିଡିଓ ଦୀପକ ପ୍ରସାଦ ସ୍ୱାଇଁ କହିଛନ୍ତି। ଯଦି କେହି ଭୁଲ୍ ବଶତଃ ହାତେଇ ଥିବେ ଜଣାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସରକାର ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯେଉଁ ସବୁ ସର୍ତ୍ତ ରଖିଛନ୍ତି ଅଧିକାରୀମାନେ ସର୍ତ୍ତ ଆଧାରରେ ତଦନ୍ତ କରି ସାମିଲ କରିଛନ୍ତି। କିନ୍ତୁ ସରକାର ଗୃହ ନିର୍ମାଣର ନିର୍ଦ୍ଦିଷ୍ଟ ନକ୍ସା କରି ନ ଥିବାରୁ କେତେଜଣ ବାସଗୃହ ପରିବର୍ତ୍ତେ ଦୋକାନ ଘର ଉଦ୍ଦେଶ୍ୟରେ ନିର୍ମାଣ କରି ଅନ୍ତ୍ୟୋଦୟ ଗୃହ ଯୋଜନା ଲେଖିଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ କେତେଜଣ ବ୍ୟକ୍ତି ଭିନ୍ନକ୍ଷମ ହୋଇଥିଲେ ବି ଧନୀକ ଶ୍ରେଣୀର ଓ ତାଙ୍କର ଆର୍ଥିକ ସ୍ୱଚ୍ଛଳତା ସାଙ୍ଗକୁ ବିଲ୍ଡିଂ ଥାଇ ମଧ ଘର ହାତେଇ ଥିବା ଜଣାପଡ଼ିଛି।

# ତାଲୁକ ଆଇନ ସେବା କମିଟି ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

କୁଜଙ୍ଗ, ୩।୧୨ (ମନୋଜ ପ୍ରଧାନ)

କୁଜଙ୍ଗ ତାଲୁକ ଆଇନ ସେବା କମିଟି ପକ୍ଷରୁ ବୁଧବାର କୁଜଙ୍ଗ ଓକିଲ ସଂଘ ସଭା ଗୃହରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟିର ରିଟେନର ନୃସିଂହ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଓ ଦୌରାଜଜ ଦୀପ୍ତି ପ୍ରକାଶ ବ୍ରହ୍ମା, ସବଜଜ୍ ଅବକାଶ ଚୌଧୁରୀ, ମୁନସଫ ଡ. ବିଶ୍ୱଭୂଷଣ ନାୟକ, ଜେଏମ୍‌ଏଫ୍‌ସି ଅଙ୍କିତ ଦେୱାଗନ ବକ୍ତବ୍ୟ ପ୍ରଦାନ କରି କରି ଭିନ୍ନକ୍ଷମମାନଙ୍କ ବଞ୍ଚିବାର ଅଧିକାର, ସାମାଜିକ ସମ୍ମାନ, ସାମାଜିକ ସୁରକ୍ଷା ଓ ସାମ୍ବିଧାନିକ ତଥା ସେମାନଙ୍କ ପାଇଁ ରହିଥିବା ବିଭିନ୍ନ ଆଇନଗତ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। କୁଜଙ୍ଗ ଓକିଲ ସଂଘ ସଭାପତି ଅନ୍ତର୍ଯାମୀ ନାରାୟଣ ଦାସ, ବରିଷ୍ଠ ଓକିଲ ତଥା ପୂର୍ବତନ ସଭାପତି ଅମୃତ ଦାସ, ସତ୍ୟାନନ୍ଦ ବିଶ୍ୱାଳ, ରମେଶ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ପରିଡା, ଦୀପକ ମହାନ୍ତି, ଅଞ୍ଜଳି ପ୍ରଭା ଦାସ, କୈଳାସ ମହାପାତ୍ର, ପ୍ରମୋଦ ରାଉତ, ପ୍ରଦୀପ କିଶୋର ମଲ୍ଲ, ସୁବାସ ନାୟକ, ନିତ୍ୟାନନ୍ଦ ଦଳାଇ, ବିଜୟ ଖଟେଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କୁଜଙ୍ଗ ଓକିଲ ସଂଘର ସମ୍ପାଦକ ବ୍ରଜକିଶୋର ରାଉତ ଧନ୍ୟବାଦ୍ ଦେଇଥିଲେ। ତାଲୁକ ଆଇନ ସେବା କମିଟି ପକ୍ଷରୁ ପ୍ରଦୀପ କୁମାର ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ**
KNDA
ଚୋରଦା, ପୋ.: ଫେରୋକ୍ରମ ପ୍ଲାଣ୍ଟ, ଯାଜପୁର ରୋଡ, ଜିଲ୍ଲା: ଯାଜପୁର

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ-୧୯୮୨, ଧାରା-୧୬ ଅନୁଯାୟୀ କଳିଙ୍ଗ ନଗର ଉନ୍ନୟନ ଅଞ୍ଚଳ ମଧ୍ୟରେ ସୁକିନ୍ଦା ତହସିଲ, ଦାନଗଦି ତହସିଲ, ବ୍ୟାସନଗର ତହସିଲ ଓ ରସୁଲପୁର ତହସିଲ ଅଧୀନରେ ଥିବା ପୂର୍ବର ୧୬୧ଟି ଗ୍ରାମ ଏବଂ ପରବର୍ତ୍ତୀ ସମୟରେ ମିଶ୍ରିତ ଯାଜପୁର ତହସିଲ, ଦଶରଥପୁର ତହସିଲ ଓ ଯାଜପୁର ପୌରାଞ୍ଚଳ ଅଧୀନସ୍ଥ ଅତିରିକ୍ତ ୮୪ଟି ଗ୍ରାମକୁ ନେଇ ସମୁଦାୟ ୨୪୫ଗୋଟି ଗ୍ରାମ ମଧ୍ୟରୁ ବ୍ୟାସନଗର ପୌରାଞ୍ଚଳସ୍ଥିତ ୨୦ଗୋଟି ଗ୍ରାମ ଓ ଯାଜପୁର ପୌରାଞ୍ଚଳସ୍ଥିତ ୧୯ଗୋଟି ଗ୍ରାମକୁ ବାଦ୍ ଦେଇ ଅବଶିଷ୍ଟ ୨୦୬ଗୋଟି ଗ୍ରାମ ମଧ୍ୟରେ ଯେ କୌଣସି ଗୃହ ନିର୍ମାଣ କାର୍ଯ୍ୟ ବା ଜମି ବିଭକ୍ତୀ କରଣ କରିବା ପୂର୍ବରୁ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ଏହାର ନକ୍ସା ମଞ୍ଜୁରୀ କରାଇବା ବାଞ୍ଛନୀୟ। କିନ୍ତୁ ଏ ସମ୍ବନ୍ଧରେ ବାରମ୍ବାର ବିଭିନ୍ନ ନୋଟିସ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ କଲା ପରେ ମଧ କିଛି ବ୍ୟକ୍ତି ଏହାକୁ ଅବମାନନା କରୁଥିବା କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନଜରକୁ ଆସିଛି।

ଏଣୁ ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁ କି କଳିଙ୍ଗ ନଗର ଉନ୍ନୟନ ଅଞ୍ଚଳ ମଧ୍ୟରେ ଯେ କୌଣସି ପ୍ରକାରର ଗୃହ (Building) କିମ୍ବା ଜମି ବିଭକ୍ତୀ କରଣ (Plot Lay-out) କରିବା ପୂର୍ବରୁ ଆଇନ ଅନୁଯାୟୀ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ଏହାର ନକ୍ସା Online ମାଧ୍ୟମରେ ମଞ୍ଜୁରୀ କରାଇ ନିଅନ୍ତୁ। କୌଣସି ବ୍ୟକ୍ତି ବା ସଂସ୍ଥା ଏହାର ଅବମାନନା କଲେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ-୧୯୮୨, ଧାରା ୯୦, ୯୧, ୯୨ ଓ ୯୪ ଅନୁଯାୟୀ ଉକ୍ତ ବ୍ୟକ୍ତି ବା ସଂସ୍ଥା ବିରୁଦ୍ଧରେ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./- ସଚିବ, କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ

# ୫ ବର୍ଷରେ ଜଗତ୍‌ସିଂହପୁର, ନାଉଗାଁରେ ୮୬୨ ଆବାସ ମଞ୍ଜୁର

ଜଗତ୍‌ସିଂହପୁର, ୩।୧୨ (ପ୍ରମୋଦ କୁମାର ନାୟକ)

**ବିଧାନସଭାରେ ଜଗତ୍‌ସିଂହପୁର ବିଧାୟକଙ୍କ ପ୍ରଶ୍ନର ଉତ୍ତର**

- ୨୦୨୦-୨୧ ଓ ୨୦୨୩-୨୪ରେ ଗୋଟିଏ ବି ମଞ୍ଜୁର ହୋଇନି
- ଜଗତ୍‌ସିଂହପୁର, ନାଉଗାଁର ସବୁ ଗାଁରେ ରାସ୍ତା ଅଛି

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜଗତ୍‌ସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳ ପାଇଁ ୫ ବର୍ଷରେ ଅର୍ଥାତ୍ ୨୦୨୦-୨୧ରୁ ୨୦୨୪-୨୫ ବର୍ଷ ପାଇଁ ମୋଟ ୮୬୨ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଗୃହ ମଞ୍ଜୁର ହୋଇଛି। ବିଧାନସଭାରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ଏହି ସୂଚନା ଦେଇଛନ୍ତି। ସେ ଦର୍ଶାଇଛନ୍ତି, ଯୋଜନାରେ ୨୦୨୦-୨୧ ଓ ୨୦୨୩-୨୪ରେ ଜଗତ୍‌ସିଂହପୁର, ନାଉଗାଁ ବ୍ଲକରେ ଗୋଟିଏ ବି ଆବାସ ଗୃହ ମଞ୍ଜୁର ହୋଇନାହିଁ। ୨୦୨୧-୨୨ରେ ଜଗତ୍‌ସିଂହପୁର ୪୪୦, ନାଉଗାଁ ୨୩୦, ୨୦୨୨-୨୩ରେ ଜଗତ୍‌ସିଂହପୁର ୧୨୪, ନାଉଗାଁ ୫୫ ଓ ୨୦୨୪-୨୫ରେ ଜଗତ୍‌ସିଂହପୁର ୧୧ ଓ ନାଉଗାଁ ବ୍ଲକ ପାଇଁ ୨ଟି ଗୃହ ମଞ୍ଜୁର ହୋଇପାରିଛି। ଏହି ଚିତ୍ର ଦେଖିଲେ ଜଣାଯାଏ ଏହି ୫ ବର୍ଷରେ ଜଗତ୍‌ସିଂହପୁରରେ ୫୭୫ ଓ ନାଉଗାଁ ବ୍ଲକ ଅଞ୍ଚଳରେ ୨୮୭, ଏହିପରି ମୋଟ ୮୬୨ଟି ଘର ମଞ୍ଜୁର ସମ୍ଭବ ହୋଇଛି। ଯୋଜନାରେ ଆୱାସ ପ୍ଲସ ୨୦୨୪ ସର୍ଭେ ମାଧମରେ ନିର୍ବାଚନମଣ୍ଡଳୀରେ ୧୪,୯୩୭ ପରିବାରଙ୍କୁ ଚିହ୍ନଟ କରାଯାଇଛି। ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟଠାରୁ ଧାର୍ଯ୍ୟ ଲକ୍ଷ୍ୟ ପ୍ରାପ୍ତ ପରେ ଯୋଗ୍ୟ ପରିବାରଙ୍କୁ ଗୃହ ମଞ୍ଜୁର କରାଯିବା ବ୍ୟବସ୍ଥା ହେବ। କିନ୍ତୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ବର୍ତ୍ତମାନ ଗୃହ ନିର୍ମାଣ ସହାୟତା ରାଶି ବୃଦ୍ଧି କରିବାର ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ନ ଥିବା ମନ୍ତ୍ରୀ ଉତ୍ତର ଦେଇଛନ୍ତି। ସେହିପରି ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜଗତ୍‌ସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳର ସମସ୍ତ ଗାଁକୁ କଂକ୍ରିଟ ରାସ୍ତା ଯୋଗେ ସଂଯୋଗ କରାଯାଇଛି। ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳର ସମସ୍ତ ୩୦ଟି ପଞ୍ଚାୟତରେ ୧୬୭ କିଲୋମିଟର ଓ ନାଉଗାଁର ୧୬ଟି ପଞ୍ଚାୟତରେ ୧୨୪.୫୮ କିଲୋମିଟର ରାସ୍ତା ରହିଛି।

**ସର୍ବସାଧାରଣ ବିଜ୍ଞପ୍ତି**

ଫର୍ମ ୪ଏ | ମୂଳ କୋର୍ଟ ରୁମ୍ ନଂ.୩

**ଦିଣ୍ଡୋଶୀସ୍ଥିତ ସିଟି ସିଭିଲ କୋର୍ଟରେ**
**ବାଣିଜ୍ୟିକ ସାରାଂଶ ମକଦ୍ଦମା ସଂ. ୨୦୨୦ର ୮୯୯**
**(ସିଭିଲ କାର୍ଯ୍ୟବିଧି ସଂହିତା, ୧୯୦୮ର ଆଦେଶ XXXVII, ଆର୍ ୨ ଅଧୀନରେ)**

ଆରାମେକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, )
ଏହାର ପଞ୍ଜୀକୃତ କାର୍ଯ୍ୟାଳୟ ସ୍ଥାନ ୮୨୧, )
ସଲିଟାୟର୍ କର୍ପୋରେଟ୍ ପାର୍କ, ଅନ୍ଧେରୀ ଘାଟକୋପର )
ଲିଙ୍କ୍ ରୋଡ୍, ଚକାଲା, ଅନ୍ଧେରୀ (ପୂର୍ବ), ମୁମ୍ବାଇ-୪୦୦ ୦୯୩ )... **ବାଦୀ**
ବନାମ
ୱାଇକାର୍ଟ ଟ୍ରେଡର୍ସ ପ୍ରାଇଭେଟ୍ ଲିମିଟେଡ୍ )
ଏହାର ପଞ୍ଜୀକୃତ କାର୍ଯ୍ୟାଳୟ ସ୍ଥାନ ପ୍ଲଟ୍ ନଂ. ୧୪୭୮, )
ଶହୀଦ ନଗର, ଭୁବନେଶ୍ୱର, )
ଖୋର୍ଦ୍ଧା, ଓଡ଼ିଶା - ୭୫୧୦୦୭ ଓ ଆହୁରି ମଧ )
ପ୍ଲଟ୍ ନଂ. ୧୩୦/ଏ, ଲ୍ୟାଣ୍ଡ ମାର୍କ, ପ୍ୟାଣ୍ଟାଲୁନ୍ସ **ସମୀପ** )
ପଛ ପାର୍ଶ୍ୱରେ, ଶହୀଦ ନଗର, ଭୁବନେଶ୍ୱର - ୭୫୧୦୦୭ )...**ପ୍ରତିବାଦୀ**

**ପ୍ରାପ୍ତେଷୁ, ୱାଇକାର୍ଟ ଟ୍ରେଡର୍ସ ପ୍ରାଇଭେଟ୍ ଲିମିଟେଡ୍**
ଉପରନାମିତ ପ୍ରତିବାଦୀ

ନୋଟିସ ଗ୍ରହଣ କରନ୍ତୁ ଯେ, ଏହି ମକଦ୍ଦମା ନିମ୍ନଲିଖିତ ଉପଶମ ପାଇଁ ୪ ଡିସେମ୍ବର, ୨୦୨୫, ପୂର୍ବାହ୍ନ ୧୧.୦୦ ଘଟିକା କିମ୍ବା ତତ୍‌ପଶ୍ଚାତ୍ ଯେକୌଣସି ସମୟରେ ମାନ୍ୟବର ବିଚାରପତି ଶ୍ରୀମତୀ ଏସ୍.ଏସ୍. ତୋଡ଼କରଙ୍କ ଇଜିଲାସରେ କୋର୍ଟ ରୁମ୍ ନଂ.୩ ରେ ତାଲିକାଭୁକ୍ତ ହେବ:-

କ. ଉକ୍ତ ମାନ୍ୟବର ଅଦାଲତ ପ୍ରତିବାଦୀଙ୍କୁ ଡିକ୍ରି ଓ ଆଦେଶ ଦେଉଛନ୍ତି ଯେ ସେ ବାଦୀଙ୍କୁ ଏକ୍ଜିବିଟ୍ -ଏଲ୍ ଅନୁଯାୟୀ ସବିଶେଷ ଦାବି ଅନୁସାରେ ଟ.୩,୩୮,୪୧୯/- (ତିନିଲକ୍ଷ ଅଠତିରିଶ ହଜାର ଚାରିଶହ ଉଣେଇଶ ଟଙ୍କା) ସମେତ ଡିକ୍ରି ଏବଂ/କିମ୍ବା ପରିଶୋଧ କିମ୍ବା ଖର୍ଚ୍ଚର ଅସୁଲି ପର୍ଯ୍ୟନ୍ତ ବାର୍ଷିକ @୧୮% ହାରରେ ପରବର୍ତ୍ତୀ ସୁଧ ପୈଠ କରିବେ;

**ତାରିଖ: ଅଦ୍ୟ ୨୫ ନଭେମ୍ବର, ୨୦୨୫**

ମୋହର ଦାତା

ରେଜିଷ୍ଟ୍ରର, ସିଟି ସିଭିଲ କୋର୍ଟ ଦିଣ୍ଡୋଶୀ ପାଇଁ
ମେସର୍ସ ହାଲାଇ ଆଣ୍ଡ କୋ.,
ବାଦୀଙ୍କ ଅଧିବକ୍ତା,
୧୮୬/୧୮୭, ୧ମ ମହଲା, ଅଶୋକ ଶପିଂ ସେଣ୍ଟର, ଏଲ୍.ଟି. ମାର୍ଗ,
ଜି.ଟି. ହସ୍ପିଟାଲ ସମୀପ, ମୁମ୍ବାଇ-୪୦୦୦୦୧। ମୋବାଇଲ ନଂ. ୯୮୨୦୯୫୨୩୫୬
ଇମେଲ୍ ଠିକଣା: halai_co@yahoo.com

**କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ**
ସା/ପୋ.: କେନ୍ଦୁଝରଗଡ଼, କେନ୍ଦୁଝର - ୭୫୮୦୦୧ (ଓଡ଼ିଶା)

**KEONJHAR CENTRAL CO-OPERATIVE BANK LTD.**
At/P.O.: Keonjhargarh, Keonjhar - 758001 (Odisha)
Telephone: (06766) 255183, 251745, Fax: 253137
Email: kendujharccb@gmail.com

**No. KCCB/5808/HRD/2025-26** **Date: 03.12.2025**

**CORRIGENDUM NOTICE**

In reference to the Expression of Interest (EOI) notice published on **2nd December, 2025** in the Newspapers The Dharitri and The Anupam Bharat, it is hereby clarified that the Group Mediclaim Insurance Policy is applicable only to the employees of the Bank and not to the Directors of the Bank.

All concerned are requested to take note of this correction.

**Sd./- Chief Executive Officer**
**Keonjhar Central Cooperative Bank Ltd.**

# ଗୀତା ମାନବସମାଜ ପାଇଁ ଅମୂଲ୍ୟ ସମ୍ପଦ

ରଘୁନାଥପୁର,୩।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଅନ୍ତର୍ଗତ ଚାନ୍ଦପୁରଠାରେ ଗୀତାଜ୍ଞାନ ଯଜ୍ଞ କମିଟି ପକ୍ଷରୁ ମହୋତ୍ସବ ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଫେସର ଶରତ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୀତା ମାନବ ସମାଜ ପାଇଁ ଅମୂଲ୍ୟ ସମ୍ପଦ ବୋଲି କହିଥିଲେ। ବକ୍ତା ଭାବେ ଶ୍ରୀମଦ୍ ଭଗବଦ୍ ଗୀତା ବିଦ୍ୟାଳୟର ପ୍ରତିଷ୍ଠାତା ଗଦାଧର ମହାରଣା ଓ ସମ୍ମାନିତ ଅତିଥି ଭାବେ ବିଜୟ କୁମାର ସ୍ୱାଇଁ ଯୋଗଦେଇଥିଲେ। ଏଥିରେ ଗୀତା ବିଦ୍ୟାଳୟର ସଭାପତି ସୁମିତ୍ରା ଆଚାର୍ଯ୍ୟ ପୌରୋହିତ୍ୟ କରିଥିବା ବେଳେ କମିଟିର ଆବାହକ କବିସୂର୍ଯ୍ୟ ସ୍ୱାଇଁ ସ୍ୱାଗତ ଭାଷଣ ଓ ସଂଯୋଜକ ଅଜୟ କୁମାର ସ୍ୱାଇଁ ସଞ୍ଚାଳନ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ଗୀତା ବିଦ୍ୟାଳୟର ସମସ୍ତ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୂପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ଏହା ପରେ ସରଫେଶୀ ଆକ୍ଟ, ୨୦୦୨ କୁହାଯିବ) (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| ବ୍ରହ୍ମପୁର ଶାଖା / ଋଣଗ୍ରହୀତା: ମେସର୍ସ ପ୍ରିନ୍ସ ବଜାର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରକାଶ ଚନ୍ଦ୍ର ସାହୁ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଜୋଛନା ସାହୁ, ସ୍ୱାମୀ: ଶ୍ରୀ ପ୍ରକାଶ ଚନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: ଗଙ୍ଗା ନଗର ୩ୟ ଲେନ୍, ଆଙ୍କୁଲି, ବ୍ରହ୍ମପୁର, ଗଞ୍ଜାମ, ଓଡିଶା-୭୬୧୦୦୧ | ଶ୍ରୀ ପ୍ରକାଶ ଚନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଆଙ୍କୁଲି, ଏସ୍‌ଆରଓ: ବ୍ରହ୍ମପୁର-୨, ତହସିଲ: ବ୍ରହ୍ମପୁର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଗଞ୍ଜାମ, ସବ୍ ଡିଷ୍ଟ୍ରିକ୍ଟ: ବ୍ରହ୍ମପୁର, ପରିମିତ କ୍ଷେତ୍ର: ଏକର୦.୦୧୯ ଡିସିମଲି ଏବଂ ସିଟିଏସ୍/ସର୍ଭେ ନଂ./ଖତିଆନ ନଂ.: ୮୬୩/୬୩୪୮, ସର୍ଭେ/ପ୍ଲଟ୍ ନଂ.: ୪୩୧/୧୦୩୩୨, ଏହାର ଚାରିପାର୍ଶ୍ୱରେ ପୂର୍ବ: ରଞ୍ଜନ ନାୟକଙ୍କ ଗୃହ, ପଶ୍ଚିମ: ଗୀତାଞ୍ଜଳି ପ୍ରଧାନଙ୍କ ସମ୍ପତ୍ତି, ଉତ୍ତର: ସନ୍ତୋଷ ପାତ୍ରଙ୍କ ଗୃହ, ଦକ୍ଷିଣ: ରାସ୍ତା | ତା.୧୭.୦୭.୨୦୨୫ରିଖ ସୁଦ୍ଧା ଟ.୨୪,୯୫,୩୪୭.୭୫ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୭.୦୭.୨୦୨୫ / ୦୧.୧୨.୨୦୨୫ (ସାଙ୍କେତିକ) |
| କଟକ ଶାଖା / ଋଣଗ୍ରହୀତା: ଶ୍ରୀ ବିଜୟ କୁମାର ସାହୁ, ପିତା: ବିଷ୍ଣୁ ଚରଣ ସାହୁ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ସଞ୍ଜୟ କୁମାର ସାହୁ, ପିତା: ବିଷ୍ଣୁ ଚରଣ ସାହୁ, ୨) ଶ୍ରୀ ବିବେକାନନ୍ଦ ସାହୁ, ପିତା: ବିଷ୍ଣୁ ଚରଣ ସାହୁ, ୩) ଶ୍ରୀ ପରମାନନ୍ଦ ସାହୁ, ପିତା: ଦୟାନନ୍ଦ ସାହୁ, ସମସ୍ତଙ୍କ ଠିକଣା- ସା: ବକ୍ସି ବଜାର, ଗଙ୍ଗା ମନ୍ଦିର ଗଳି, କଟକ ସଦର, କଟକ, ଓଡିଶା-୭୫୩୦୦୧ | ଶ୍ରୀ ବିଜୟ କୁମାର ସାହୁ, ଶ୍ରୀ ସଞ୍ଜୟ କୁମାର ସାହୁ, ଶ୍ରୀ ବିବେକାନନ୍ଦ ସାହୁ ଏବଂ ଶ୍ରୀ ପରମାନନ୍ଦ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର ୟୁନିଟ୍-୧୪ ନୟାସଡକ, ଥାନା: ଲାଲବାଗ, ଥାନା ନଂ.: ୪, ତହସିଲ: କଟକ, ତହସିଲ ନଂ.: ୨୧୪, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: କଟକ, ସିଟିଏସ୍/ସର୍ଭେ/ଖାତା ନଂ.: ୫୧୫, ପ୍ଲଟ୍ ନଂ.: ୫୭୫, ପରିମିତ କ୍ଷେତ୍ର: ଏକର୦.୧୪୭ ଡିସିମିଲି, ପ୍ଲଟ୍ ନଂ.: ୫୭୬, କ୍ଷେତ୍ର: ଏକର୦.୦୦୪ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୧୫୧ ଡିସିମିଲି,** କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ମ୍ୟୁନିସିପାଲିଟି ରୋଡ (ପ୍ଲଟ୍ ନଂ.: ୨୭୬୮), ପଶ୍ଚିମ: ପ୍ଲଟ୍ ନଂ.: ୫୩୭ ଏବଂ ୨୯୦୬, ଉତ୍ତର: ପ୍ଲଟ୍ ନଂ.: ୫୭୪, ଦକ୍ଷିଣ: ପ୍ଲଟ୍ ନଂ.: ୨୯୦୪, ୨୯୦୫, ୨୯୦୬ ଏବଂ ୫୭୭ ସହିତ ଜମିର ସମସ୍ତ ଅଂଶରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର ପରିମିତ କ୍ଷେତ୍ର: ୬୫୭୭.୫୬ ବର୍ଗଫୁଟ (ଏକର୦.୧୫୧ ଡିସିମିଲି) ଏବଂ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର | ତା.୦୬.୦୯.୨୦୨୫ରିଖ ସୁଦ୍ଧା ଟ.୩୧,୩୪,୫୩୯.୩୦ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୬.୦୯.୨୦୨୫ / ୨୯.୧୧.୨୦୨୫ (ସାଙ୍କେତିକ) |
| କଟକ ଶାଖା / ଋଣଗ୍ରହୀତା: ମେସର୍ସ ଶ୍ରୀ ଶ୍ୟାମ ଇନ୍‌ଫ୍ରା ଆଲଏନ୍ସ, ସା: ପ୍ଲଟ୍ ନଂ.: ୩୪୪/୨୯୫୩/୩୨୯୮, ଚୌଦ୍ୱାର, ମଙ୍ଗଳା ମନ୍ଦିର ନିକଟ, ଚୌଦ୍ୱାର କଲେଜ ପଛପାର୍ଶ୍ୱ, କଟକ, ଓଡିଶା-୭୫୪୦୭୧, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସନ୍ଦିପ କୁମାର ଅଗ୍ରୱାଲ, ପିତା: ଶ୍ରୀ ସୁବାଷ ଚନ୍ଦ୍ର ଅଗ୍ରୱାଲ, ସା: ଗଙ୍ଗା ମନ୍ଦିର, କଟକ ସଦର, କଟକ, ଓଡିଶା-୭୫୩୦୦୧ | ଶ୍ରୀ ସନ୍ଦିପ କୁମାର ଅଗ୍ରୱାଲଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଯେନିପୁର ନରସିଂହପୁର, ପୋ: ଟାଙ୍ଗି-ଚୌଦ୍ୱାର, ଥାନା: ଜଗତ୍‌ପୁର, ତହସିଲ: ଟାଙ୍ଗି-ଚୌଦ୍ୱାର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: କଟକ, ସିଟିଏସ୍/ସର୍ଭେ/ଖାତା ନଂ.: ୬୦୯/୧୦୯୯, ମ୍ୟୁଟେସନ୍ ଖାତା ନଂ.: ୬୦୯/୧୯୧୯, ପ୍ଲଟ୍ ନଂ.: ୧୮୯୯/୩୨୦୪, ପରିମିତ କ୍ଷେତ୍ର: ୨୦୦୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ସମ୍ପତ୍ତି, ପଶ୍ଚିମ: ରାସ୍ତା, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୮୯୬ ସହିତ ଜମିର ସମସ୍ତ ଅଂଶରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର ପରିମିତ କ୍ଷେତ୍ର: ୨୦୦୦ ବର୍ଗଫୁଟ (ଏକର୦.୦୪୬ ଡିସିମିଲି) ଏବଂ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର | ତା.୦୬.୦୯.୨୦୨୫ରିଖ ସୁଦ୍ଧା ଟ.୩୭,୩୫,୮୯୮.୦୬ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୬.୦୯.୨୦୨୫ / ୨୯.୧୧.୨୦୨୫ (ସାଙ୍କେତିକ) |

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୪.୧୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: SBP-ELECT-2025-T-266

**କାର୍ଯ୍ୟର ନାମ :** ଗୋଡ଼ଭଗା(GBQ) ଠାରେ ନବ ନିର୍ମିତ ଟ୍ରାକ୍ ମେସିନ୍ (TM) ସାଇଡ଼ିଙ୍ଗ୍ ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 14,40,187.97, EMD/ବିଡ୍ ସୁରକ୍ଷା ଜମା (₹) : 28,800.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LoA)ଜାରୀ ହେବା ତାରିଖ ଠାରୁ 06 (ଛଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.12.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-857/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**

ନୟାଗଡ ବ୍ଲକ ଉଦୟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଉଳ ବିକ୍ରିକୁ ନେଇ ସୋମବାରଠାରୁ ଲାଗି ରହିଥିବା ଅଚଳାବସ୍ଥାର ସମାଧାନ ହେବା ବଦଳରେ ବଢ଼ିବାରେ ଲାଗିଛି। ବୁଧବାର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନି ଦାଶ ଓ ସହକାରୀ ଶିକ୍ଷକ ମନୋଜ କୁମାର ସାହୁ ଛୁଟିରେ ରହିବାରୁ ସମାଧାନ ହେବାକୁ ଥିବା ଚାଉଳ ଚୋରି ଘଟଣା ଉଗ୍ରରୂପ ନେଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ନିଜ ସ୍ୱାମୀଙ୍କ ଦ୍ୱାରା ପଠାଇଥିବା ସ୍କୁଲ ଚାବିକୁ ଗାଁ ଲୋକ ଓ ସ୍କୁଲ ପରିଚାଳନା କମିଟି (ଏସ୍ଏମସି) ଗ୍ରହଣ କଲାନାହିଁ। ଏଣୁ ବୁଧବାର ପୂର୍ବାହ୍ନ ୧୦ଟାରେ ସ୍କୁଲ ନ ଖୋଲିବାରୁ ପାଠପଢ଼ା ବନ୍ଦ ହୋଇଥିଲା। ଛାତ୍ରୀଛାତ୍ର ଫାଟକ ବାହାରେ ବସିଲେ। ଗାଁ ସଭା ଓ ସ୍କୁଲ ପରିଚାଳନା କମିଟି ବୈଠକ ମଧ୍ୟ ଫାଟକ ବାହାରେ ହୋଇଥିଲା। ସ୍କୁଲରେ ଶୈକ୍ଷିକ ପରିବେଶ ଫେରାଇ ଆଣିବା ଓ ଚାଉଳ ଚୋରି ଘଟଣାରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଖବର ପାଇ ନୟାଗଡ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠି ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଗାଁ ଲୋକଙ୍କୁ ବୁଝାସୁଝା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶ୍ରୁତି ଦେବା ପରେ କେତେକାଂଶରେ ବିବାଦ ହଟିଛି। ଅନ୍ୟପକ୍ଷେ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ପ୍ରତିଶ୍ରୁତି ପାଇବା ପରେ ସାଢ଼େ ୧୧ଟାରେ ସ୍କୁଲରୁ ତାଲା ଖୋଲିଥିଲା। ପ୍ରକାଶଯେ, ଉଦୟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଛି। ଏଠାରେ ୮ ଶ୍ରେଣୀ ପାଇଁ ପ୍ରଧାନଶିକ୍ଷକଙ୍କୁ ମିଶାଇ ୪ଜଣ ଶିକ୍ଷକ ଅଛନ୍ତି। ତେବେ ସ୍କୁଲରେ ମଧ୍ୟାହ୍ନଭୋଜନ ଚାଉଳ ଚୋରି ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନି ଦାଶ ଓ ସହକାରୀ ଶିକ୍ଷକ ମନୋଜ କୁମାର ସାହୁ ଛନ୍ଦି ହୋଇ ପଡ଼ିଥିଲେ। ଏନେଇ ଗତ ୧ ତାରିଖରେ ଗାଁଲୋକ ସ୍କୁଲ ସମ୍ମୁଖରେ ବିକ୍ଷୋଭ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ପହଞ୍ଚି ଗାଁ ଲୋକ ଓ ଶିକ୍ଷକଙ୍କୁ ବୁଝାଇଥିଲେ। ପରେ ବୁଧବାର ଏହାର ସମାଧାନ ହେବାର ଥିଲା। ତେବେ ବୁଧବାର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ସ୍କୁଲକୁ ଆସି ନ ଥିଲେ। ଗାଁଲୋକ ବୁଝିବାରେ ଜଣା ପଡ଼ିଥିଲା ସହକାରୀ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ ଛୁଟିରେ ଅଛନ୍ତି। ଏଣୁ ଚାଉଳ ଚୋରି ଘଟଣାର ସମାଧାନ ହୋଇପାରି ନ ଥିଲା। ଏନେଇ [illegible] ମାଧବ ବେହେରା କୁହନ୍ତି, ସ୍କୁଲରେ ପାଠପଢ଼ା ଅପେକ୍ଷା ଚାଉଳ ଚୋରିକୁ ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ ଗୁରୁତ୍ୱ ଦେଉଥିଲେ। ଏଣୁ ପାଠପଢ଼ା ଠିକରେ ହେଉନାହିଁ। ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକଙ୍କ ଚାଉଳ ଚୋରି ଧରା ପଡ଼ିବା ପରେ ଗତ ସୋମବାର ଆନ୍ଦୋଳନ ହୋଇଥିଲା। ଗୋଟିଏ ଦିନରେ ଉଭୟ କିପରି ଛୁଟିରେ ରହିଲେ ସେନେଇ ଗାଁଲୋକ ପ୍ରଶ୍ନକରି ସ୍କୁଲ ସମ୍ମୁଖରେ ରୁଣ୍ଡ ହେଲେ। ପ୍ରଧାନଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ ସ୍କୁଲକୁ ଆଉ ଆସିବେନି ବୋଲି କହିଛନ୍ତି। ଅନ୍ୟପକ୍ଷେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ଗାଁ ଲୋକ ଆନ୍ଦୋଳନ ହଟାଇଥିଲେ। ତେବେ ପ୍ରଧାନଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ ସ୍କୁଲକୁ ଆସିଲେ ପୁଣି ବିରୋଧ କରିବେ ବୋଲି କହିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠି କୁହନ୍ତି, ଚାଉଳ ଚୋରି ନେଇ ଗାଁଲୋକ ମୌଖିକ ଅଭିଯୋଗ କରିଥିବାବେଳେ ଲିଖିତ ଅଭିଯୋଗ କରି ନାହାନ୍ତି। ଅନ୍ୟପକ୍ଷେ ଚାଉଳ ଚୋରି ନେଇ ଗତ ୧ ତାରିଖ ଓ ୩ ତାରିଖ ସ୍କୁଲରେ ପାଠପଢ଼ା ହୋଇପାରି ନାହିଁ। ବୁଧବାର ସ୍କୁଲକୁ ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ ନ ଆସିବାରୁ ବିବାଦ ହୋଇଥିଲା। ସ୍କୁଲରେ ଶୈକ୍ଷିକ ବାତାବରଣ ଫେରାଇ ଆଣିବା ପାଇଁ ଦୁଇ ଶିକ୍ଷକଙ୍କୁ ବଦଳି କରାଯିବାକୁ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷେ ଜଣେ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଯୋଗାଇ ଦିଆଯିବ। ଅପରପକ୍ଷେ ସହକାରୀ ଶିକ୍ଷକ ମନୋଜ କୁମାର ସାହୁ ଛୁଟିରେ ରହିବାକୁ ଦରଖାସ୍ତ ଦେବା ପରେ ପ୍ରଧାନଶିକ୍ଷୟିତ୍ରୀ ଛୁଟି ଦେଇଥିଲେ। ତେବେ ସେ ନିଜେ ଅସୁସ୍ଥତା ଥିବାରୁ ଛୁଟି ନେଇଛନ୍ତି ବୋଲି କହିଛନ୍ତି।

## ଆଜି ମାଣବସା ଶେଷ ଗୁରୁବାର

ଖଣ୍ଡପଡ଼ା,୩।୧୨ (ଅଜୟ କୁମାର ମହାରଣା)

ଓଡ଼ିଆମାନଙ୍କ ସୁଖ ଏବଂ ସମୃଦ୍ଧି ପାଇଁ ମା'ଲକ୍ଷ୍ମୀଙ୍କୁ ମାର୍ଗଶିର ମାସର ପ୍ରତି ଗୁରୁବାର ଆରାଧନା କରାଯାଇଥାଏ। ୪ ତାରିଖ ପବିତ୍ର ମାର୍ଗଶିର ମାସର ଶେଷ ଗୁରୁବାର। ଚଳିତ ଗୁରୁବାର ମାର୍ଗଶିର ମାସର ଶେଷ ପାଳି ବ୍ରତ ମନେକରି ଅନେକ ପରିବାର ଗ୍ରାମାଞ୍ଚଳରେ ଏହି ପୂଜା ନିମନ୍ତେ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଯାଇଛି। ବୁଧବାର କଣ୍ଡିଲୋ, ଖଣ୍ଡପଡ଼ା ଅଞ୍ଚଳର ଗୃହିଣୀ ତଥା ବୟସ୍କ ବ୍ୟକ୍ତିମାନେ ମା'ଲକ୍ଷ୍ମୀଙ୍କ ଖଡ଼ୁଲି ଓ ମାଣ ପେଡ଼ିକୁ ନେଇ ସଫା କରିବା ପରେ ଘର ଗୋବର ପାଣି ପକାଇ ଲିପାପୋଛା କରିଥିଲେ। ଝିଅ ବୋହୂମାନେ ଘର କାନ୍ଥ, କବାଟ, ଅଗଣା, ପିଣ୍ଡା, ତଉରା ମୂଳରେ ଅରୁଆ ଚାଉଳର ବଟା ଦ୍ୱାରା ଓଳଟ ଝୁଣ୍ଟା, ଧାନଶିଷା ଓ ଲକ୍ଷ୍ମୀପାଦର ଚିତା ପକାଉଥିବା ଦେଖିବାକୁ ମିଳିଥିଲା।

## ଖବରଦାତାଙ୍କ ପତ୍ନୀ ବିୟୋଗ


ରଞ୍ଜୁ ବାଳା ମହାରଣା

ଖଣ୍ଡପଡ଼ା,୩।୧୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ କଣ୍ଡିଲୋ ପଞ୍ଚାୟତ ଛାମୁସାହି ପାଟଣାସାହିର ଜଣେକ ଖବରଦାତା ଶ୍ରୀପତି ମହାରଣାଙ୍କ ସ୍ତ୍ରୀ ରଞ୍ଜୁ ବାଳା ମହାରଣା(୭୪)ଙ୍କ ବୁଧବାର ହଠାତ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମ ପରାୟଣା, ମେଳାପୀ ମହିଳା ଥିଲେ। ନିକଟସ୍ଥ ଅଲେଖ ମହିମା ଗୁଙ୍ଗୀ ଆଶ୍ରମ ସମ୍ମୁଖରେ ମହାନଦୀ କୂଳରେ ଥିବା ଶ୍ମଶାନ ଘାଟରେ ରଞ୍ଜୁଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏକ ମାତ୍ର ପୁତ୍ର ରବୀନ୍ଦ୍ର ମୁଖାଗ୍ନି ଦେଇଥିଲେ।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ



ଭିନ୍ନକ୍ଷମ ଦିବସରେ ବାହାରିଥିବା ସଚେତନତା ରାଲି।

ଗଣିଆ, ୩।୧୨ (ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ଶିକ୍ଷକ ଭବନରେ ବୁଧବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ନୟାଗଡ଼ ଜିଲା ସମଗ୍ର ଶିକ୍ଷା ଓ ଗଣିଆ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୫୦ ଦିବ୍ୟାଙ୍ଗ ଛାତ୍ରୀ ଛାତ୍ର ଓ ୫୦ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ବ୍ୟାନର, ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଶିକ୍ଷକ ଭବନ ପରିସରରୁ ବାହାରି ଗଣିଆ ଗ୍ରାମ ପରିକ୍ରମା କରିଥିଲେ। ଦିବ୍ୟାଙ୍ଗମାନେ କେବେ ହେଲେ ଅକ୍ଷମ ନୁହନ୍ତି। ସେମାନଙ୍କ ମଧ୍ୟରେ ଅନେକ ଗୁଣ, ପ୍ରତିଭା ଭରି ରହିଛି। ଦିବ୍ୟାଙ୍ଗଙ୍କ ମନରେ ଉତ୍ସାହ ଓ ପ୍ରେରଣା ଜାଗ୍ରତ କରିବା ସହ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଭିନ୍ନକ୍ଷମ ଦିବସରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ରାଉତରାୟ, ସହ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ବେହେରା, ନିରୁପମା ମହାପାତ୍ର, ବିନୋଦିନୀ ପଣ୍ଡା, ସମ୍ବଳ ଶିକ୍ଷୟିତ୍ରୀ ଅନାମିକା ମିଶ୍ର, ସୁଲୋଚନା ସାହୁ ଦିବ୍ୟାଙ୍ଗମାନଙ୍କ ଶିକ୍ଷା ସ୍ୱେଚ୍ଛାସେବୀ ଭରତ ସାହୁ, ପ୍ରମୋଦ କୁମାର ନାୟକ ଓ ମିନତିବାଳା ସାହୁ ଯୋଗ ଦେଇଥିଲେ।

## ବସ୍ ଦୁର୍ଘଟଣାରେ ମହିଳା ଗୁରୁତର, ଥାନାରେ ଅଭିଯୋଗ

ଖଣ୍ଡପଡ଼ା,୩।୧୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ବେଗୁନିଆଠାରୁ ଭୁବନେଶ୍ୱର ନଭେମ୍ବର ୧୯ ଭୋରରେ ଯାଉଥିବା ଏକ ଯାତ୍ରିବାହୀ ବସ୍ ଧକ୍କାରେ ମର୍ଦ୍ଦରାଜପୁର ପଞ୍ଚାୟତ ହରିଚନ୍ଦନପୁର ଗ୍ରାମର ମହିଳା ଜେମା ପ୍ରଧାନ ଗୁରୁତର ହୋଇଥିଲେ। ଏବେ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଆହତଙ୍କ ସାଂସାରିକ ଅବସ୍ଥା ଭଲ ନ ଥିବା ବେଳେ ଅର୍ଥ ଅଭାବରୁ ତାଙ୍କର ଉପଯୁକ୍ତ ଚିକିତ୍ସା ହୋଇପାରୁ ନାହିଁ। ଦୁର୍ଘଟଣା ଘଟାଇଥିବା ଯାତ୍ରିବାହୀ ବସ୍ ମାଲିକ ଆହତଙ୍କ ଚିକିତ୍ସା ନିମନ୍ତେ ସହଯୋଗର ହାତ ବଢାଇ ନ ଥିବାରୁ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ବସ୍ ଚାଳକ ଗୁନା ନାୟକଙ୍କ ବିରୁଦ୍ଧରେ ଆହତ ମହିଳାଙ୍କ ଝିଅ ଜନକ ପ୍ରଧାନ ଖଣ୍ଡପଡ଼ା ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ଅପରପକ୍ଷେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ମହିଳାଙ୍କୁ ସରକାରୀସ୍ତରରୁ ସହାୟତା ଯୋଗାଇ ଦେବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ୪ ବଙ୍ଗଳା ଭାଷାଭାଷୀଙ୍କୁ ତଡ଼ାଯାଇଥିବା ଅଭିଯୋଗର ଜବାବ ଦେଲେ ଏସ୍‌ପି

ନୟାଗଡ, ୩।୧୨ (ଲୋକନାଥ ମିଶ୍ର)

ଓଡ଼ଗାଁ ଅଞ୍ଚଳର ୪ ଜଣ ବଙ୍ଗଳା ଭାଷାଭାଷୀ ବ୍ୟକ୍ତିଙ୍କୁ ତଡ଼ାଯାଇଥିବାର ଅଭିଯୋଗ ପଶ୍ଚିମବଙ୍ଗ ରାଜ୍ୟ ତୃଣମୂଳ ଏମ୍‌ପି ମହୁଆ ମୈତ୍ର ଆଣିବା ପରେ ନୟାଗଡ ଏସ୍‌ପି ଏନେଇ ଜବାବ ରଖିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁସାରେ ଜିଲାରେ ବଙ୍ଗଳା ଭାଷାଭାଷୀ ବ୍ୟକ୍ତିଙ୍କର ପରିଚୟ ପତ୍ର ଯାଞ୍ଚ କରାଯାଉଥିଲା। ଓଡ଼ଗାଁରେ ୧୬ ଜଣଙ୍କର ଯାଞ୍ଚ ହୋଇଥିଲା। ସେମାନଙ୍କର ପରିଚୟ ପତ୍ର ଠିକ୍ ଥିବାର ଜଣାପଡିଥିଲା। ତେବେ ଏଥିରୁ ୪ଜଣ ନିଜକୁ ନିଜେ ଚାଲି ଯାଇଥିଲେ। ନୟାଗଡ ପୋଲିସ କୌଣସି ବଙ୍ଗଳା ଭାଷାଭାଷୀ ବ୍ୟକ୍ତିଙ୍କୁ ତଡି ନାହିଁ ବୋଲି ଏସ୍‌ପି ସ୍ପଷ୍ଟ କରିଛନ୍ତି।


**OFFICE OF THE DIVISIONAL FOREST OFFICER TITILAGARH (KL) DIVISION, TITILAGARH**
Near Titidungri, At/Po-Titilagarh, Dist-Balangir (Odisha)
e-mail: dfokltgr@gmail.com
Order No.265, Date: 29.11.2025
No.MM-326
NOTICE INVITING TENDER
Bid Identification No.FE&CC-DFO(KL) TIG-01/2025-26

| | | |
|---|---|---|
| 1. | Name of Work | Construction of Range Office cum Residence at Mahipur of Tusura KL Range under Titilagarh KL Division under Mukhyamantri Kendu Leaf Welfare Fund. |
| 2. | No. of Work | 01 |
| 3. | No. of Covers | Double Cover |
| 4. | Estimated Cost (Excluding GST) | 59,21,500/- |
| 5. | Period of Completion | 03 (Three) Calendar Months |
| 6. | Date & Time of availability of bid document in portal | From 10.00 AM of Date 03.12.2025 to 05.00 PM of Date 17.12.2025 |
| 7. | Last date / time for receipt of bids in the portal | Upto 5.00 P.M. of Date 17.12.2025 |
| 8. | Date of opening of Bid documents | At 11.30 AM of Date 18.12.2025 |
| 9. | Class of Contractor | "B" Class Contractor |
| 10. | Name and address of Officer Inviting Bid | Divisional Forest Officer, Titilagarh (KL) Division, Titilagarh |

Further details can be seen from the e-Procurement portal www.tenderodisha.gov.in. The Addendum/Corrigendum if any will be hoisted in the website only.
Sd./- Divisional Forest Officer
Titilagarh (KL) Division
OIPR-08056/11/0001/2526

**OFFICE OF THE NOTIFIED AREA COUNCIL, PIPLI, DIST.: PURI**
Letter No. 2075 Dt.01.12.2025
CORRIGENDUM NOTICE
No. C-1646: In pursuance of DTCN No. 2036, Dtd.24.11.2025 and Bid Reference No. PIPILI-NAC-5(71)/2025-26, the all "C" & "D" Class of contractors are eligible for participation in bidding process having no experience.
Sd./- Executive Officer, Pipli NAC
OIPR-13107/11/0010/2526

**CHILIKA DEVELOPMENT AUTHORITY**
Chilika Development Authority
Plot No. 493(P), Palaspalli, Pokhariput Road, Bhubaneswar - 751020, Odisha
Phone: 91-674-2591544, Fax: 91-674-2590485
Email: chilika@chilika.com
No. CAD-2550
e-PROCUREMENT
Tender Call Notice No. 1753/CDA/2025 Dtd.01.12.2025

| | | | |
|---|---|---|---|
| 01. | Name of the Work | : | Repairing of Self Propelled Barge (M.V. Sollery) |
| 02. | Estimated Cost | : | Rs.24.89 Lakhs (Excluding GST) |
| 03. | Period of Completion | : | 3 (Three) Calendar Months |
| 04. | Date & time of availability of Bid document in the portal | : | 04.12.2025 at 11.00 A.M. to 18.12.2025 upto 5 P.M. |
| 05. | Last date/time for submission of Bids in the portal | : | 18.12.2025 upto 5.00 P.M. |
| 06. | Date & time of opening of Bids | : | On 19.12.2025 at 11.30 A.M. in the O/o. the Chief Executive, Chilika Development Authority, Plot No. 493(P), Palaspalli, Bhubaneswar - 751020 |
| 07. | Name and address of the Officer Inviting Tender (O.I.T.) | : | Addl. Chief Executive Chilika Development Authority, Odisha, Bhubaneswar, Plot No. 493(P), Palaspalli, Pokhariput Road, Bhubaneswar - 751020 |

Further information and other details are available for downloading from the e-procurement portal "https://tendersodisha.gov.in". Addendum/Corrigendum if required will be available only in the website e-procurement portal "https://tendersodisha.gov.in".
Sd./- Addl. Chief Executive
Chilika Development Authority
OIPR-08138/11/0011/2526

**Government of Odisha** No.O-1600
**"e" Procurement Notice**
No.5320, Dated 26.11.25
e-mail ID- rw_sambalpur@yahoo.co.in
Phone No.0663-2401850
Bid Identification No.TENDER ONLINE SBPR-14 OF 25-26
1. Name of the Work : Building works as per DTCN available in the website www.tenderorissa.gov.in
2. Total No. of Work : 03 (Three) Nos.
3. Estimated Cost : Rs.64.61 Lakhs to 66.16 Lakhs
4. Period of Completion : 09 (Nine) Calendar Months
5. Period and time of availability of bid document in the portal for bidding : 03.12.2025 at 11.00 AM to 12.12.2025 upto 5.00 PM
6. Date and time of opening of Tender: a) Technical Bid dt.15.12.2025 at 11.00 AM b) Financial Bid will be intimated later
7. Name and address of the officer inviting bid : S.E.R.W. Divn. Sambalpur
(1) Other details can be seen from detailed notice inviting tenders, available in website www.tenderorissa.gov.in
(2) Corrigendum if any shall only be published in the above website.
Sd./- Superintending Engineer
Rural Works Division, Sambalpur
OIPR-25076/11/0036/2526

**GOVERNMENT OF ODISHA** No.i-401
**OFFICE OF THE PANCHAYAT SAMITI, JAJPUR**
'E' PROCUREMENT NOTICE No.Tender Online 02/2025-26
1. Name of Work : Building Works
2. Total No. of Work : 03 No. of Work
3. Estimated Cost (Approx.) : 18.33 & 20.60 Lakhs
4. Period of Completion : 180 days
5. Class of Contractors : C & D, B & C
Other details as follows:
a) Procurement Officer : Block Development Officer, Jajpur
b) Availability of tender online submission of bid : 14.12.2025 at 11.00 AM to 30.12.2025 upto 5.00 P.M.
c) Last date & time of seeking of tender clarification : 29.12.2025 upto 1.00 P.M.
d) Opening of Tender : 06.01.2026 at 11.30 A.M.
Further details can be seen from the Govt. website www.tendersodisha.gov.in
Sd./- Block Development Officer, Jajpur
OIPR-19196/11/0002/2526

**OFFICE OF THE SUPERINTENDING ENGINEER MINOR IRRIGATION DIVISION, BALASORE**
No.3357, Dt.01.12.2025
"e" Procurement Notice
Bid Identification No. SEMIDBLS-08/2025-26
No.A-1049
e-mail ID: mibalasore@yahoo.co.in.
The Superintending Engineer, Minor Irrigation Division, Balasore on behalf of the Governor of Odisha invites online percentage rate tender through e-procurement (Single cover & Double Cover) for the works as detailed in the Annexure to this bid notice.

| | |
|---|---|
| Name of the Work: | Improvement to Canal Service Road and Repair to Minor Irrigation Project in different Blocks of Balasore & Bhadrak District under CAPEX and Critical Scheme for the year 2025-26. |
| No. of Works: | 02 (Two) Nos. only |
| Estimated Cost: | Varies from Rs.8.37 Lakh to Rs.68.60 lakh (Approximately) |
| Cost of Tender Paper: | Rs.4,000/- & Rs.10,000/- (Non-Refundable) |
| Period of Completion: | As Mentioned against work |
| Availability of bid documents for sale and receipt through on-line | From dt.04.12.2025, 10.00 A.M. to dt.18.12.2025, upto 5.00 P.M. |
| Last date/time of receipt of bids in the portal | 18.12.2025 (5.00 PM) |
| Date of Opening of Technical Bid through online | On dt.19.12.2025 at 11.00 AM in the Office of the S.E., M.I. Division, Balasore |
| Mode of Payment of Bid cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC) of Class-II Or Class-III |
| The detail tender call notice can also be seen in the DOWR website http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Balasore, At/Po/District-Balasore, Ph.No./ Fax No.-06762-224461, Email ID:mibalasore@yahoo.co.in |
| Further details can be seen from the e-market place website www.tendersodisha.gov.in/ District NIC Portal (baleswar.nic.in) | |

Note: Corrigendum/Addendum/Modifications/Additions if any can be seen through online only.
Superintending Engineer
M.I. Division, Balasore
OIPR-32014/11/0023/2526

**Odisha State Road Transport Corporation**
Paribahan Bhawan, Sachivalaya Marg
Bhubaneswar, Odisha 751009
Email: osrtc@od.gov.in, Phone No.0674-2530908
Notice No.14427, Date:01.12.2025
REQUEST FOR PROPOSAL (RFP)
SELECTION OF SERVICE PROVIDER FOR CAFETERIA MANAGEMENT AT PARIBAHAN BHAVAN, ODISHA STATE ROAD TRANSPORT CORPORATION (OSRTC)
No.CAD-2552: Odisha State Road Transport Corporation (OSRTC) invites Proposal from service providers for the above mentioned RFP. Please refer to the RFP document for details.
- The RFP document shall be available from 03.12.2025 onwards in the following web portal: www.osrtc.org
- Applicants are required to submit a duly filled Request for Proposal as per the prescribed formats through offline mode only on or before 15.12.2025 by 05.00 PM. The Technical Proposals received shall be opened at 04.00 PM on 16.12.2025. The Financial Proposals received shall be opened at 04.00 PM on 20.12.2025.
- In case of any queries/ clarifications should be sent to the office address mentioned.
- OSRTC reserves the right to accept or reject bid process without assigning any reasons thereof.
Sd./- General Manager (Admin)
Odisha State Road Transport Corporation
OIPR-38002/11/0028/2526

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER cum DISTRICT MISSION DIRECTOR, NHM, KHORDHA**
(ZILLA SWASTHYA SAMITI (ZSS))
Advt. No. 19151 Date; 02.12.2025
TENDER CALL NOTICE
No. E-558: Sealed tenders are invited from authorized firms for supply of Food Catering Services under NHM, Khordha, the details are available in the district website: https://khordha.odisha.gov.in. The sealed quotation should reach at O/o. CDM & PHO, Khordha, PIN - 752055 in any working day by Dt.22.12.2025 till 11.00 A.M. along with all required documents by Speed Post/Courier only by super scribing on the top of the envelope "Supply of Food Catering Services Under NHM, Khordha", the undersigned will not held responsible for Postal/ Courier delay and no tender documents will be accepted after due date and time. The tender will be opened on Dt.22.12.2025 at 12.30 P.M. in the office of the undersigned in presence of the bidders/authorized representative of the bidders. Details regarding items, terms & conditions may be download from website: https://khordha.odisha.gov.in. The undersigned reserves the right to accept or reject any or all the tenders without assigning any reason thereof.
Sd./- CDM & PHO-cum-DMD, Khordha
OIPR-10029/11/0017/2526

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER PHULBANI KENDU LEAF DIVISION**
AT/PO/PS: PHULBANI, e-mail Id:dfoklplb@gmail.com
BID IDENTIFICATION No.F.E.&CC/PLB/01 (online)/2025-26
E-Procurement Notice
No.01 Dated 01.12.2025
No.MM-331: The Divisional Forest Officer, Phulbani K.L. Division on behalf of Governor of Odisha invites Percentage Rate bids in Single Cover and Double Cover System in ONLINE MODE.
1. Nature of Work : Construction of Forest Guard Quarter at Phulbani Division Office Campus.
2. Tender Cost : Rs.6000/-
3. Class of Contractor : "C" & "D" Class Contractors
4. Availability of bid document in the website : 18.00 Hours of 06.12.2025 to 17.30 Hours of 15.12.2025
5. Date of Opening of Tenders : 11.30 Hours on Dt.16.12.2025
6. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in only. Any Corrigendum/Addendum/Cancellation of tender will be displayed in the website said only.
Sd./- Divisional Forest Officer
Phulbani K.L. Division
OIPR-08069/11/0004/2526

**e-Procurement Notice**
**OFFICE OF THE NOTIFIED AREA COUNCIL, CHIKITI, GANJAM**
Tender Call Notice No. 1541, Dt.28.11.2025
Bid Identification No. - CHKT-NAC-02/2025-26
No. C-1620: Bid document consisting for selection of an agency for execution and management of the Sanitation Work of Chikiti NAC, Estimated Cost, Cost of tender paper, E.M.D. and the set of terms and condition and other necessary documents can be seen in Govt. i.e. www.tenderorissa.gov.in.

| | |
|---|---|
| Total Number of Works | 01 No. |
| Estimated Cost | Rs.1,15,99,138/- |
| Date & Time of availability of Bid documents in the portal | 11.00 A.M. of Dt.29.11.2025 to 05.00 P.M. of Dt.17.12.2025 for Online Bidding |
| Last date of receive of Bid through Online | 05.00 P.M. of Dt.17.12.2025 |
| Last date of receive of Bid through Offline | 05.00 P.m. of Dt.18.12.2025 |
| Date and time of Opening of Technical Bid received Online | 01.00 P.M. on Dt.19.12.2025 |
| Date and time of Opening of Price Bid | To be informed later on to the bidder who are found qualified after evaluation of Technical Bid |

OIPR-13222/11/0003/2526 Sd./- Executive Officer, NAC, Chikiti

# ହ୍ୱାଟ୍ସ ଆପ୍, ଟେଲିଗ୍ରାମ୍‌ରେ ପଠାଯାଇଥିଲା ପ୍ରଶ୍ନପତ୍ର

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

■୨ ଦିନିଆ ରିମାଣ୍ଡ ସରିବା ପରେ ଜେଲ ଗଲେ ଅରବିନ୍ଦ

■ଶଙ୍କର, ମୁନା, ସୁରେଶଙ୍କୁ ୫ଦିନିଆ ରିମାଣ୍ଡ ପାଇଁ ଆବେଦନ

ଭୁବନେଶ୍ୱର,୩।୧୨(ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ୨ଦିନିଆ ରିମାଣ୍ଡରେ ଆସିଥିବା ଅରବିନ୍ଦ ଦାସଙ୍କ ରିମାଣ୍ଡ ଅବଧି ଶେଷ ହୋଇଛି। ବୁଧବାର ଅପରାହ୍ନରେ ସିବିଆଇ କୋର୍ଟରେ ଅରବିନ୍ଦଙ୍କୁ ହାଜର କରିବା ପରେ କୋର୍ଟ ତାଙ୍କୁ ପୁଣି ଝାରପଡ଼ା ଜେଲକୁ ପଠାଇ ଦେଇଛନ୍ତି। ରିମାଣ୍ଡ ସମୟରେ ସିବିଆଇ ତାଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିବାବେଳେ ଏହି ଆଧାରରେ ତଦନ୍ତ ଆଗକୁ ବଢ଼ିଛି। ପରୀକ୍ଷା ପୂର୍ବରୁ ଏକାଧିକ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଦିଆଯାଇଥିବା ସିବିଆଇ ଜାଣିବାକୁ ପାଇଛି। ବହୁ ପରୀକ୍ଷାର୍ଥୀଙ୍କଠାରୁ ଟଙ୍କା ନେବା ପରେ ହ୍ୱାଟ୍ସଆପ୍ ଏବଂ ଟେଲିଗ୍ରାମ୍ ମାଧ୍ୟମରେ ପ୍ରଶ୍ନପତ୍ର ପଠାଯାଇଥିଲା। ତେଣୁ ସିବିଆଇ ଟେଲିଗ୍ରାମ୍ ଓ ହ୍ୱାଟ୍ସଆପ୍‌ର ତଥ୍ୟ ଦେବାକୁ 'ମେଟା'କୁ ମାଗିଥିବା ଜଣାପଡ଼ିଛି। ଏହି ତଥ୍ୟ ଆସିବା ପରେ କିଏ ପ୍ରଶ୍ନପତ୍ର ପରୀକ୍ଷାର୍ଥୀଙ୍କୁ ପଠାଉଥିଲା ତାହା ସ୍ପଷ୍ଟ ହେବ। ଆହୁରି ମଧ୍ୟ ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ମୁନା ମହାନ୍ତି ଏବଂ ସୁରେଶଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବାକୁ ସିବିଆଇ କୋର୍ଟରେ ଆବେଦନ କରିଛି। ଅନୁମତି ମିଳିବା ପରେ ୩ଜଣଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରି ଅଧିକ ତଥ୍ୟ ହାସଲ କରିବ। ମାଷ୍ଟରମାଇଣ୍ଡ୍ ଶଙ୍କରଙ୍କ ସହଯୋଗୀ ଥିବା ଅରବିନ୍ଦଙ୍କ ଆପରାଧିକ ତାଲିକା ପାଇଛି ସିବିଆଇ। ପରୀକ୍ଷାର୍ଥୀଙ୍କଠାରୁ ଆଦାୟ ଟଙ୍କାକୁ ଶଙ୍କର ଶେୟାର ମାର୍କେଟରେ ଲଗାଇଥିବା ସିବିଆଇ ଜାଣିବାକୁ ପାଇଛି। ସେହିପରି ଶଙ୍କର ରାଜ୍ୟ ବାହାରେ ରହି ପୂରା ରାକେଟକୁ ଚଳାଉଥିଲା। ଫୋନ୍ କଲ୍‌ରେ ପିଲା ଯୋଗାଡ଼ଠାରୁ ଆରମ୍ଭ କରି ପ୍ରଶ୍ନପତ୍ର ଲିକ୍ କରିବା କାର୍ଯ୍ୟ ସବୁ ହେଉଥିଲା। ତାଙ୍କୁ ସହଯୋଗ କରୁଥିଲେ ମୁନା ମହାନ୍ତି। ସେ ଗାଁରେ ଆଲିସାନ ଘର କରିବା ସହ ଏକାଧିକ ଟ୍ରକ୍ ଏବଂ ପେଟ୍ରୋଲ ପମ୍ପ କରିଛନ୍ତି। ଆହୁରି ମଧ୍ୟ ମୁନା ନୟାଗଡ଼ର ଏକାଧିକ ବାଲିଘାଟକୁ କରାୟତ୍ତ କରିଥିଲେ। ସିବିଆଇ ଶଙ୍କର ଏବଂ ମୁନାର ସମ୍ପତ୍ତି ତାଲିକା କରିଛି। ରିମାଣ୍ଡରେ ଆଣିବା ପରେ କଳାଧନ, ଶେୟାର ମାର୍କେଟ କାରବାର ଆଦି ବିଭିନ୍ନ ସମ୍ପର୍କରେ ପଚରାଉଚରା କରି ଅଧିକ ତଥ୍ୟ ହାସଲ କରିବାକୁ ସିବିଆଇ ଲକ୍ଷ୍ୟ ରଖିଛି।

ସୂଚନାଯୋଗ୍ୟ, ପୋଲିସ ଏସ୍‌ଆଇ ପରୀକ୍ଷା ପାଇଁ ଅଭିଯୁକ୍ତମାନେ ପିଲା ପିଛା ୨୫ଲକ୍ଷ ଟଙ୍କା ଡିଲ୍ କରିଥିଲେ। ପ୍ରଶ୍ନପତ୍ର ଦେବା ସହ ପୂରା ଉତ୍ତର ଘୋଷିବାକୁ ବ୍ୟବସ୍ଥା ହୋଇଥିଲା। ଏହି ମାମଲାରେ ମୋଟ ୧୨୬ଜଣଙ୍କୁ ଗିରଫ କରାଯାଇଥିବାବେଳେ ଏମାନଙ୍କ ମଧ୍ୟରୁ ୧୧୪ଜଣ ପରୀକ୍ଷାର୍ଥୀ ଓ ୫ଜଣ ଦଲାଲ ରହିଛନ୍ତି। ତେବେ କେଲେଙ୍କାରୀରେ ଆହୁରି ଦଲାଲଙ୍କ ସମ୍ପୃକ୍ତି ଥିବା ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି।

# କୁଳଡିହା ଅଭୟାରଣ୍ୟରୁ ୫ ଶିକାରୀ ଗିରଫ

**୨ ଦେଶୀ ବନ୍ଧୁକ ଜବତ**

ନୀଳଗିରି, ୩।୧୨(ପ୍ରଶାନ୍ତ ବିଶ୍ୱାଳ)



ଜବତ ମାରଣାସ୍ତ୍ର ସହ ଗିରଫ ଅଭିଯୁକ୍ତ।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କୁଳଡ଼ିହା ଅଭୟାରଣ୍ୟରେ ବୁଧବାର ବନବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ୫ ଶିକାରୀଙ୍କୁ ଗିରଫ କରାଯାଇଛି। ୨ ଦେଶୀ ବନ୍ଧୁକ ଜବତ ହୋଇଛି। ବିଗତ ଦେଢ଼ବର୍ଷ ମଧ୍ୟରେ ୬୦ରୁ ଊର୍ଦ୍ଧ୍ୱ ଶିକାରୀଙ୍କୁ କାବୁ କରି ଜେଲ୍ ପଠାଗଲାଣି।

କୁଳଡିହା ବନବିଭାଗର ଏସିଏଫ୍ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ବୁଧବାର ବନବିଭାଗର ଏକ ଟିମ୍ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଖୁଲିଆଟୁଆ ମୁହଁ ପ୍ରବେଶ ପଥରେ ଜଗି ରହିଥିବା ବେଳେ ଶିକାର ଉଦ୍ଦେଶ୍ୟରେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବା ୫ଜଣ ଶିକାରୀଙ୍କୁ କାବୁ କରିବା ସହିତ ସେମାନଙ୍କୁ ବନ୍ୟଜନ୍ତୁ ଆଇନ ଧାରା ୫୧ ଅନୁଯାୟୀ ଗିରଫ କରିଛି। ଅଭିଯୁକ୍ତ ଶିକାରୀ ହେଲେ ନିର୍ମଳ ସିଂ(୪୩), ଚିନ୍ତାମଣି ସିଂ(୪୫), ଶ୍ୟାମ ସିଂ(୩୦), ବ୍ରଜକିଶୋର ସିଂ(୫୧) ଏବଂ ହରିମୋହନ ସିଂ(୪୦)। ସମସ୍ତ ଅଭିଯୁକ୍ତ ନୀଳଗିରି ଥାନା ଔପଦା ବ୍ଲକ୍ କାଣ୍ଡଗରଡ଼ି ପଞ୍ଚାୟତ ଖୁଲିଆ ଗ୍ରାମର। ସେମାନଙ୍କ ନିକଟରୁ ୨ଟି ଗୁଳି ଭର୍ତ୍ତି ଦେଶୀବନ୍ଧୁକ ଜବତ କରାଯିବା ସହିତ ୧୦ଗ୍ରାମ ଲାଲବାରୁଦ, ୧୦୦ଗ୍ରାମ କଳାବାରୁଦ, ୩ଟି ଧନୁ, ୧୭ଟି ତୀର, କାଚଗୁଳି ଆଦି ବିଭିନ୍ନ ପ୍ରକାରର ଶିକାରସାମଗ୍ରୀ ଜବତ କରିଛି। ଏନେଇ ବନବିଭାଗ ପକ୍ଷରୁ ଏକ ମାମଲା (ନଂ.୧୩କେ-୨୫/୨୬) ରୁଜୁ କରି ଅଭିଯୁକ୍ତ ଶିକାରୀଙ୍କୁ ଗିରଫ କରାଯାଇଛି।

# ସାଇନପଡ଼ା ପୋଷ୍ଟମାଷ୍ଟର ଗିରଫ

**ସୁକନ୍ୟା ଯୋଜନା ଟଙ୍କା ଆତ୍ମସାତ୍ ଘଟଣା**

କ.ନୂଆଗାଁ/ବାଲିଗୁଡ଼ା ୩।୧୨
(କାଳି ପ୍ରସାଦ ତ୍ରିପାଠୀ/
ସଞ୍ଜୟ କୁମାର ପାଣିଗ୍ରାହୀ)



ଗିରଫ ସାଇନପଡ଼ା ଶାଖା ପୋଷ୍ଟମାଷ୍ଟର ରମେଶ ଚନ୍ଦ୍ର ସାହୁ।

କନ୍ଧମାଳ ଜିଲା କ.ନୂଆଗାଁ ଥାନା ଅନ୍ତର୍ଗତ ସାଇନପଡ଼ା ଶାଖା ପୋଷ୍ଟମାଷ୍ଟର (ବିପିଏମ୍) ରମେଶ ଚନ୍ଦ୍ର ସାହୁ (୩୨) ଜନସାଧାରଣଙ୍କ ଲକ୍ଷାଧିକ ଟଙ୍କା ଠକି ଧରାପଡ଼ିଛନ୍ତି। ତାଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବାଲିଗୁଡ଼ା ଜେଲକୁ ପଠାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ, ସାଇନପଡା ପୋଷ୍ଟ ଅଫିସରେ ୨୦୨୧ରୁ ରମେଶ ବିପିଏମ୍ ଭାବେ କାର୍ଯ୍ୟରତ ଥିଲେ। ସେ ବାଲିଗୁଡ଼ାର ଭଗାମୁଣ୍ଡାଠାରେ ରହି ସାଇନପଡା କାର୍ଯ୍ୟାଳୟକୁ ଯାତାୟାତ କରି ଅଫିସ୍ କରୁଥିଲେ। ଗ୍ରାମାଞ୍ଚଳର ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ରମେଶ ସେମାନଙ୍କୁ ସୁକନ୍ୟା ଯୋଜନା, ଆରଡି ସହ ବିଭିନ୍ନ ଯୋଜନାରେ ପୋଷ୍ଟ ଅଫିସରେ ଟଙ୍କା ବାନ୍ଧିବା ପାଇଁ ପ୍ରବର୍ତ୍ତାଇଥିଲେ। ବିଭିନ୍ନ ଯୋଜନାରେ ଟଙ୍କା ବାନ୍ଧିବା ଲାଗି ସେ ଲୋକଙ୍କଠାରୁ ଟଙ୍କା ସଂଗ୍ରହ କରି ଏହାକୁ ନ ବାନ୍ଧି ଆତ୍ମସାତ୍ କରୁଥିଲେ। ପୋଷ୍ଟମାଷ୍ଟରଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଲୋକେ ଜାଣିବା ପରେ ସେ ଛୁଟି ନେଇ ଫେରାର ହୋଇଯାଇଥିଲେ। ଟଙ୍କା ଫେରିପାଇବାକୁ ଗତ ୩୦।୯।୨୫ରେ ସାଇନପଡାର କଳ୍ପନା ମଲ୍ଲିକ, ରୁକ୍ମିଣୀ ବେହେରା, ପ୍ରାଣକୃଷ୍ଣ ମହାପାତ୍ର କ.ନୂଆଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ନଂ.୧୪୮/୨୫ରେ ଏକ ମାମଲା ରୁଜୁ କରି ଏହି ଠକେଇ ଘଟଣାର ତଦନ୍ତ ଜାରି ରଖିଥିଲା। ବ୍ରହ୍ମପୁରର ପାର୍କସାହିରେ ଅଭିଯୁକ୍ତ ପୋଷ୍ଟମାଷ୍ଟର ରମେଶ ଥିବା ଜାଣି ମଙ୍ଗଳବାର ତାଙ୍କୁ ସେଠାରୁ ପୋଲିସ ଗିରଫ କରିଥିଲା। ଏହି ଠକେଇ ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଅଶୋକ ହାଁସଦା କହିଛନ୍ତି। ତେବେ ବିଭିନ୍ନ ଯୋଜନାରେ ବାନ୍ଧିଥିବା ଟଙ୍କା ଲୋକେ ଫେରିପାଇବେ କି ନାହିଁ ସେନେଇ ସେମାନେ ଚିନ୍ତାରେ ଅଛନ୍ତି।

# ଆନ୍ତଃ ଜିଲା ଡକାୟତ ଗ୍ୟାଙ୍ଗ୍‌ର ୫ ଗିରଫ

■୯୮ ହଜାର ଟଙ୍କା, କାର୍ ସମେତ ମାରଣାସ୍ତ୍ର ଜବତ

■ଗୋରୁ, ଛେଳି ବେପାରୀଙ୍କଠାରୁ କରିଥିଲେ ଲୁଟ୍

ବଲାଙ୍ଗୀର, ୩।୧୨
(ବୀରେନ୍ଦ୍ର କୁମାର ଝାଙ୍କର)



ଗିରଫ ୫ ଡକାୟତଙ୍କ ସହ ଜବତ ଟଙ୍କା ଏବଂ ମାରଣାସ୍ତ୍ର।

ବଲାଙ୍ଗୀର ପୋଲିସ ବୁଧବାର ଏକ ଆନ୍ତଃ ଜିଲା ଡକାୟତି ଗ୍ୟାଙ୍ଗକୁ ଧରିଛି। ଗତ ମାସ ୨୮ ତାରିଖରେ ପୁଇଁନ୍ତଲା ଥାନା ଅନ୍ତର୍ଗତ ବନ୍ଦନାକଟା ଗାଁ ନିକଟରେ ୨ ଜଣ ଗୋରୁ ଓ ଛେଳି ବେପାରୀଙ୍କୁ କେତେଜଣ ଡକାୟତ ମାରଣାସ୍ତ୍ର ଭୟ ଦେଖାଇ ୨ ଲକ୍ଷ ୨ ହଜାର ୫ ଶହ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏହି ଡକାୟତି ଗ୍ୟାଙ୍ଗର ୫ ଜଣ ସଦସ୍ୟଙ୍କୁ ପୋଲିସ ଗିରଫକରିବା ସହ ସେମାନଙ୍କଠାରୁ ୯୭ ହଜାର ୯୩୦ ଟଙ୍କା, ଏକ କାର୍, ଗୋଟିଏ ମୋଟର ସାଇକେଲ, ୭ଟି ମୋବାଇଲ ଫୋନ ଏବଂ ଏକ ଭୁଜାଲି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ବାଗଭାଡି ଗାଁର ଗୋପାଳ ବାରିକ (୩୩), ପୁଇଁତଲା ଥାନା ପୁଡାପାଲି ଗାଁର ସୁରୁ ଓରଫ ସୁଶାନ୍ତ ଦୀପ (୪୦), ସୁଶାନ୍ତ ପୋଢ଼ (୨୯), ରାଜା ଓରଫ କର୍ମା ନାଏକ (୪୨), ସୁବର୍ଣ୍ଣପୁର ଜିଲା ତରଭା ଥାନା ଶରଧାପାଲି ଗାଁର ଜୟଦୀପ ଓରଫ ଜୟଦ୍ରଥ କୁଅଁର (୩୬)। ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. ପୁଇଁନ୍ତଲା ଥାନାରେ ଖବରଦାତା ସମ୍ମିଳନୀ କରି ଆନ୍ତଃ ଜିଲା ଡକାୟତି ସମ୍ପର୍କରେ ସୂଚନା ଦେଇଥିଲେ।

ଏସ୍‌ପି ଅଭିଲାଷ କହିଥିଲେ, ଗତ ୨୮ ତାରିଖ ଭୋର ସମୟରେ ବୁଢ଼ୀସିଣ୍ଢୋଲ ଗାଁର ଗୋରୁ ଏବଂ ଛେଳି ବେପାରୀ କ୍ଷେତି ବାରିକ ଓ ବାଗଦଲ ଗାଇଗରିଆ ଏକ ମୋଟର ସାଇକେଲ ଯୋଗେ ଆଗଲପୁର ବ୍ଲକ୍‌ର ରୋତ ବଜାରକୁ ଯାଉଥିଲେ। ବନ୍ଦନାକଟା ଗାଁ ନିକଟ ରାସ୍ତାକଡ଼ରେ ଏକ କାର୍ ଅଟକି ରହିଥିଲା ଓ ସେହି ସ୍ଥାନରେ ଲୁଚି ରହିଥିବା ୪-୫ ଜଣ ଡକାୟତ ହଠାତ୍ ବାଇକ୍‌ରେ ଯାଉଥିବା ୨ ବେପାରୀଙ୍କୁ ଆକ୍ରମଣକରି ସେମାନଙ୍କଠାରୁ ଲୁଟପାଟ କରିଥିଲେ। ଏ ନେଇ କ୍ଷେତି ପୁଇଁନ୍ତଲା ଥାନାରେ ଅଭିଯୋଗ କରିବା ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ଓ ପୁଇଁନ୍ତଲା ଥାନା ଆଇଆଇସି ତଥା ଡିଏସ୍‌ପି ଅନିତା ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଅନୁସନ୍ଧାନ ଆରମ୍ଭ କରିଥିଲେ। ପ୍ରାରମ୍ଭିକ ତଦନ୍ତରୁ ଗିରଫ ଅଭିଯୁକ୍ତ ଜୟଦୀପ କୁଅଁର କିଛି ବର୍ଷ ହେଲା ତାଙ୍କର ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୨ବେପାରୀଙ୍କ ଗୋରୁ, ଛେଳି, ମେଣ୍ଢା ନେବା ଆଣିବା କରୁଥିଲେ। ୨ ବେପାରୀ କେତେବେଳେ ଟଙ୍କା ନେଇ ଯିବା ଆସିବା କରୁଛନ୍ତି ତା'ର ସୂଚନା ତାଙ୍କ ପାଖରେ ଥିଲା। ଏହାପରେ ଗୋପାଳ ଓ ତାଙ୍କ ସହଯୋଗୀମାନେ ୨ ବେପାରୀଙ୍କ ଠାରୁ ଲୁଟ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଘଟଣାଦିନ ଏକ କାର୍‌ରେ ଡକାୟତ ମାନେ ପ୍ରଥମେ ବୁଢ଼ୀସିଣ୍ଢୋଲ ଆସି ଗାଁ ମୁଣ୍ଡରେ ଅଟକି ରହିଥିଲେ। ୨ ବେପାରୀ ରୋତ୍ ବଜାରକୁ ବାଇକ୍‌ରେ ବାହାରିବା ପରେ ସେମାନଙ୍କୁ ଓଭରଟେକ୍ କରି ଆଗକୁ ଯାଇ ଅଟକି ରହିଥିଲେ। ଏହାପରେ ସେମାନେ ୨ବେପାରୀଙ୍କୁ ମାରପିଟକରି ଲୁଟ୍ କରିଥିବା ଏସ୍‌ପି ସୂଚନା ଦେଇଥିଲେ। ଗିରଫ ଅଭିଯୁକ୍ତମାନଙ୍କ ନାଁରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି ଜିଲାର ଏକାଧିକ ଥାନାରେ ୨୨ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଏହି ଡକାୟତି ଗ୍ୟାଙ୍ଗ୍ ଆନ୍ତଃ ଜିଲା ସୀମାରେ ସକ୍ରିୟ ରହି ଡକାୟତି କରିବା ସହ ୪ଟି ଜିଲାର ପୋଲିସକୁ ଚକ୍‌ମା ଦେଉଥିଲେ। ଏମାନଙ୍କ ନାଁରେ ଅନ୍ୟ ଥାନାରେ ଆଉ କ'ଣ ମାମଲା ରହିଛି। ପୋଲିସ ଖୋଲତାଡ଼ କରୁଥିବା ଏସ୍‌ପି କହିଥିଲେ।

# ସ୍ତ୍ରୀ ସାମ୍ନାରେ ସ୍ୱାମୀଙ୍କୁ ଛୁରାମାଡ଼

**ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,୩।୧୨(ସତ୍ୟଜିତ ରାଉତ)

ବଡ଼ଗଡ଼ ଥାନା ଅନ୍ତର୍ଗତ ରାଜାରାଣୀ ବସ୍ତିରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ସାମ୍ନାରେ ଛୁରାମାଡ଼ ହୋଇଛି। ମଙ୍ଗଳବାର ରାତିରେ ଏହି ଘଟଣା ଘଟିଛି। ଛୁରାମାଡ଼ରେ ଆହତ ବ୍ୟକ୍ତିଜଣକ ହେଲେ ଉକ୍ତ ବସ୍ତିରେ ରହୁଥିବା ଶଙ୍କର ସାମନ୍ତରାୟ। ପ୍ରାଥମିକ ଚିକିତ୍ସା ପରେ ଶଙ୍କର ଏନେଇ ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୬୬୪/୨୦୨୫) ରୁଜୁ କରି ଅଭିଯୁକ୍ତ ତଥା ରାଜାରାଣୀ ବସ୍ତିରେ ରହୁଥିବା ଜଟଣୀ ଅଞ୍ଚଳର କାଳିଆ ଓରଫ ଅମରଜିତ୍ ପ୍ରଧାନ (୨୯)ଙ୍କୁ ଗିରଫ କରିଛି। ଏଥିସହ ତାଙ୍କଠାରୁ ଅପରାଧରେ ବ୍ୟବହୃତ ଏକ ବଡ଼ ଛୁରିକୁ ଜବତ କରାଯାଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ କାଳିଆଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଶଙ୍କର ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ କାଳିଆ ଘର ନିକଟ ରାସ୍ତାରେ ତାଙ୍କୁ ଅଟକାଇଥିଲେ। ହଠାତ୍ ଏକ ଛୁରିରେ ଶଙ୍କରଙ୍କୁ କାଳିଆ ଆକ୍ରମଣ କରିଥିଲେ। ଫଳରେ ଶଙ୍କରଙ୍କ ହାତ ଓ ମୁଣ୍ଡରେ କ୍ଷତ ସୃଷ୍ଟି ହୋଇ ରକ୍ତପାତ ହୋଇଥିଲା। ଶଙ୍କରଙ୍କ ସ୍ତ୍ରୀ ଏହା ଦେଖି ଚିତ୍କାର କରିବା ପରେ କାଳିଆ ଘଟଣାସ୍ଥଳରୁ ପଳାଇଥିଲେ। ଏହାପରେ କାଳିଆ ତାଙ୍କ ସାନଭାଇ ବବୁଲଙ୍କ ସହ ମିଶି ଶଙ୍କରଙ୍କ ଘରେ ପଶି ଟିଭି, ଆଲମିରା ଆଦି ସାମଗ୍ରୀକୁ ନଷ୍ଟ କରି ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଜଣାପଡ଼ିଛି। ଗିରଫ କାଳିଆଙ୍କ ଭାଇ ବବୁଲଙ୍କୁ ମଧ୍ୟ ପୋଲିସ ଧରିବାକୁ ପ୍ରୟାସ ଚଳାଇଛି। କାଳିଆଙ୍କ ନାମରେ ପୂର୍ବରୁ ବଡ଼ଗଡ଼ ଥାନାରେ ଆପରାଧିକ ମାମଲା ରହିଛି।

# ନିଆଁରେ ପୋଡ଼ି ଗୁରୁତର ପାଚିକାଙ୍କ ମୃତ୍ୟୁ

ଆନନ୍ଦପୁର,୩।୧୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ହାତୀବନ୍ଧା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ରୋଷେଇ ସମୟରେ ନିଆଁ ଲାଗି ଗୁରୁତର ଥିବା ପାଚିକାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତା ହେଲେ ହାତୀବନ୍ଧା ଗାଁର ତପୋଇ ପ୍ରଧାନ। ତପୋଇ ନଭେମ୍ବର ୨୭ରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତି କରୁଥିଲେ। ସେ ସମୟରେ ଚୁଲି ନିଆଁ ତାଙ୍କ ଲୁଗାରେ ଲାଗିଯାଇଥିଲା। ସେଠାରେ ଉପସ୍ଥିତ ଛାତ୍ରୀଛାତ୍ର ଦେଖି ପାଣି ଢାଳିଥିଲେ ହେଁ ପାଚିକା ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଆନନ୍ଦପୁର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ହୋଇଛି। ମୃତାଙ୍କ ପରିବାରକୁ ସରକାରଙ୍କ ତରଫରୁ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଗୁହାରି କରିଛନ୍ତି।

# ୨ ହାତୀଦାନ୍ତ ଜବତ, ୩ ଗିରଫ

ଚମ୍ପୁଆ,୩।୧୨(ମହେଶ୍ୱର ଦାସ)



ଜବତ ହାତୀଦାନ୍ତ

କେନ୍ଦୁଝର ବନଖଣ୍ଡ ଚମ୍ପୁଆ ରେଞ୍ଜରେ ବେଆଇନଭାବେ ହାତୀଦାନ୍ତ ବିକ୍ରି ଯୋଜନା ବେଳେ ବନ ବିଭାଗ ଚଢ଼ାଉକରି ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ ଖଣ୍ଡ ହାତୀଦାନ୍ତ ଜବତ ହୋଇଛି। ଅଭିଯୁକ୍ତ ଢେଙ୍କାନାଳ ଜିଲା କୈଳାସ ତିରିଆ, ଝାଡ଼ଖଣ୍ଡ ରାଜ୍ୟର ଗୁରୁଚରଣ କେରାଇ ଓ ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଅନ୍ତର୍ଗତ ବଳଭଦ୍ରପୁର ଗାଁର ମିଶ୍ର ମୁଣ୍ଡା ବୋଲି ବୁଧବାର ଚମ୍ପୁଆ ବନ ବିଭାଗ କାର୍ଯ୍ୟାଳୟରେ ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ ଖବରଦାତାଙ୍କୁ ସୂଚନା ପ୍ରଦାନ କରିଛନ୍ତି।

ସୂଚନା ଅନୁସାରେ, ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ରାମଲା ଫଗୁପୋଲ ନିକଟବର୍ତ୍ତୀ ଜଣଙ୍କ ଘରେ ପୂଜାପାଠ ଆଳରେ ହାତୀ ଦାନ୍ତ ବିକ୍ରି ଯୋଜନା ହେଉଥିଲା। ଖବର ପାଇ ବନ ବିଭାଗର ଯୁଗ୍ମ ଟାସ୍କଫୋର୍ସ, ସ୍ଥାନୀୟ ପୋଲିସ ଓ ରାଜସ୍ୱ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷାକରି ବନ ସଂରକ୍ଷକଙ୍କ ନେତୃତ୍ୱରେ ବନ କର୍ମଚାରୀ ଚଢ଼ାଉ କରିଥିଲେ। ସେଠାରୁ ଅବୈଧ ହାତୀଦାନ୍ତ ମୂଲଚାଲରେ ଲିପ୍ତ ୩ ଜଣଙ୍କୁ ଟିମ୍ ଗିରଫ କରିଥିଲା। ଚଢ଼ାଉ ସମୟରେ ୧୪.୩ କି.ଗ୍ରା. ଓଜନର ୨ ଟି ହାତୀଦାନ୍ତ, ୩ ମୋବାଇଲ, ୨ଟି ବାଇକ୍(ଓଏଫ୍ ୦୬ ଏଏନ୍ ୪୧୨୨), (ଓଡି ୦୯ ଏଏଫ୍ ୫୨୧୪) ଏବଂ ସ୍କୁଟି (ଜେଏଚ୍ ୦୬ ୟୁ ୭୦୫୧) ଜବତ କରାଯାଇଛି। ଏ ନେଇ ମାମଲା (ନଂ. ୧୨ ସିଏଚ୍/୨୦୨୫-୨୬) ଏବଂ ବନ୍ୟପ୍ରାଣୀ ସୁରକ୍ଷା ଅଧିନିୟମ ୧୯୭୨ର ଧାରା ୯,୩୯(୩) ଏବଂ ୪୯ (ଖ) ଅନୁଯାୟୀ ମକଦ୍ଦମା ପଞ୍ଜୀକୃତ ହୋଇଛି। ପୋଲିସ ସହାୟତାରେ ବନ ସଂରକ୍ଷକ ଅଶୋକ ଦାସ ଘଟଣାର ଅଧିକ ତଦନ୍ତ କରୁଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

**ରାଜ୍ୟ ଖବର**

# ଡିସେମ୍ବର ୩୧ ଯାଏ ବଢ଼ିଲା ଇ-କେୱାଇସି

ଭୁବନେଶ୍ୱର,୩।୧୨(ରବିନାରାୟଣ ଜେନା)

ରାଜ୍ୟରେ ଡିସେମ୍ବର ୩୧ ଯାଏ ରାଶନ କାର୍ଡ ଇ-କେୱାଇସି ସଂଶୋଧନ ପ୍ରକ୍ରିୟା ଜାରି ରହିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଇ-କେୱାଇସି ପ୍ରକ୍ରିୟା ଓ କ୍ଷେତ୍ର ତର୍ଜମା ସମୟରେ ୬ ଲକ୍ଷ ୮୩ ହଜାର ୯୯୫ ଜଣ ମୃତବ୍ୟକ୍ତି ଚିହ୍ନଟ ହୋଇଛନ୍ତି। ସେହିପରି ୩୩,୧୨୮ଟି ଅଯୋଗ୍ୟ ରାଶନ କାର୍ଡକୁ ବାତିଲ କରାଯାଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪,୭୪୭ଟି ଜାଲ୍ ରାଶନ କାର୍ଡ ଧରାପଡ଼ିଛି। ସେହିପରି ଦ୍ୱିତୀୟରେ କଟକରୁ ୨,୯୦୫ ଏବଂ ତୃତୀୟରେ ସୁନ୍ଦରଗଡ଼ ଜିଲାରୁ ୨,୩୫୭ ଗୋଟି ଜାଲ୍ ରାଶନ କାର୍ଡ ଧରାପଡ଼ିଛି। ଜୁନ୍ ୨୦୨୪ଠାରୁ ରାଶନ କାର୍ଡ ପାଇଁ ମୋଟ ୧୫ ଲକ୍ଷ ୩୩ ହଜାର ୧୫୩ଟି ଆବେଦନ ହସ୍ତଗତ ହୋଇଛି। ତନ୍ମଧ୍ୟରୁ ୩ ଲକ୍ଷ ୨୩ ହଜାର ୧୪୫ଟି ଆବେଦନ କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ବିବେଚିତ ହୋଇ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ଭାବେ ଅନ୍ତର୍ଭୁକ୍ତ ହୋଇଛି। ସେହିଭଳି ୭ ଲକ୍ଷ ୩୭ ହଜାର ୫୩୦ ଆବେଦନ 'ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ଲକ୍ଷ୍ୟଭିତ୍ତିକ ସାଧାରଣ ବଣ୍ଟନ' ବ୍ୟବସ୍ଥା ନିୟମ ଅନୁଯାୟୀ ଅଗ୍ରାହ୍ୟ କରାଯାଇଛି। ବଳକା ଥିବା ଏବଂ ସଦ୍ୟ ହସ୍ତଗତ ହେଉଥିବା ୪ ଲକ୍ଷ ୭୨ ହଜାର ୪୭୮ ଗୋଟି ଆବେଦନର ବ୍ଲକ ଏବଂ ପୌରାଞ୍ଚଳ ସ୍ତରରେ କ୍ଷେତ୍ର ତର୍ଜମା ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ସୁଆଦ ବିଞ୍ଝାରପୁର ଗାଈକ୍ଷୀରଃ ପ୍ରମିଳା

ଭୁବନେଶ୍ୱର,୩।୧୨ (ରବିନାରାୟଣ ଜେନା)

ମୁଖ୍ୟମନ୍ତ୍ରୀଙ୍କୁ ଯାଜପୁର ଜିଲା ବିଞ୍ଝାରପୁର ଦେଶୀଗାଈ କ୍ଷୀରରେ ପ୍ରସ୍ତୁତ ଚା' ଭାରି ସୁଆଦିଆ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି।

ବିଧାନସଭାର ପ୍ରଶ୍ନକାଳରେ ପ୍ରମିଳା ଦେଶୀଗାଈ ପ୍ରସଙ୍ଗ ଉଠାଇ କହିଛନ୍ତି ଯେ, ଏକ ବୈଠକରେ ମୁଖ୍ୟମନ୍ତ୍ରୀ ଉପରୋକ୍ତ କଥା କହିଛନ୍ତି, ଯେଉଁ ବୈଠକରେ ବାଚସ୍ପତି ମଧ୍ୟ ଉପସ୍ଥିତ ଥିଲେ। ତେଣୁ ସରକାର ଦେଶୀଗାଈ ବଂଶବୃଦ୍ଧି ପାଇଁ କ'ଣସବୁ ଯୋଜନା ରଖିଛନ୍ତି ତାହା ଗୃହକୁ ଜଣାନ୍ତୁ। ସେ ପୁଣି କହିଛନ୍ତି, ପ୍ରତ୍ୟେକ ଚାଷୀଙ୍କୁ ସରକାର ଦେଶୀଗାଈ ଯୋଗାଇଦେବେ କି? ଏହାସହିତ ଯେଉଁ ଗୋରୁ ବୁଢ଼ା ହେଉଛନ୍ତି ତାଙ୍କ ସୁରକ୍ଷା ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ଜଣାନ୍ତୁ। ଉତ୍ତରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, ରାଜ୍ୟ ସରକାର ଦେଶୀଗାଈ ବଂଶ ବୃଦ୍ଧିକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ପ୍ରତିଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରେ ୧ ଟନ୍ ଦେଶୀଘିଅ ଲଗାଯାଉଛି। ଆଗାମୀ ଦିନରେ ଜାତୀୟସ୍ତର ସହିତ ଓଡ଼ିଶାରେ କିଭଳି ଦୁଗ୍ଧ ଅଧିକ ଉତ୍ପାଦନ ହେବ, ସେଥିପ୍ରତି ଗୁରୁତ୍ୱ ଦିଆଯିବ।

ଏହି ଅବସରରେ ମୂଳ ପ୍ରଶ୍ନକର୍ତ୍ତା ବିଜେଡି ସଦସ୍ୟ ଅରୁଣ ସାହୁ ଜାତୀୟସ୍ତରରେ ଏବଂ ରାଜ୍ୟରେ ମୁଣ୍ଡ ପିଛା ଦୁଗ୍ଧ ଉତ୍ପାଦନ କେତେ ରହିଛି ତା'ର ତୁଳନାତ୍ମକ ତଥ୍ୟ ମନ୍ତ୍ରୀଙ୍କଠାରୁ ଲୋଡ଼ିଥିଲେ। ଏହାସହିତ ଲକ୍ଷ୍ୟଧାର୍ଯ୍ୟ ପୂରଣ ଲାଗି ସରକାରଙ୍କ କ'ଣସବୁ ଯୋଜନା ରହିଛି ଏବଂ ଅଦ୍ୟାବଧି କେତେଜଣ କୃଷକଙ୍କୁ କେତେ ପରିମାଣର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଉତ୍ତରରେ କହିଛନ୍ତି, ଜାତୀୟସ୍ତରରେ ଦୁଗ୍ଧ ମୁଣ୍ଡ ପିଛା ୩୦୦ ଗ୍ରାମ୍ ଉତ୍ପାଦନ ହେଉଥିବାବେଳେ ରାଜ୍ୟରେ ଏହି ହାର ୧୬୫ ଗ୍ରାମ୍ ରହିଛି। ଗ୍ରାମାଞ୍ଚଳ ଦୁଗ୍ଧଚାଷୀଙ୍କ ବିକାଶ ଲାଗି ସରକାର ବହୁବିଧ ଯୋଜନା କରିଛନ୍ତି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୫,୩୫୪ ହିତାଧିକାରୀଙ୍କୁ ୬୪.୮୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟରେ ୯୬ ହଜାର ଲିଟର ଦୁଗ୍ଧ ଉତ୍ପାଦନ ବଢ଼ିଛି ବୋଲି ମନ୍ତ୍ରୀ କହିଥିଲେ।

# ରମାଦେବୀଙ୍କ ଜୟନ୍ତୀ ପାଳନରେ ସରକାରଙ୍କ ଟାଳଟୁଳ ନୀତିଃ ବିଜେଡି

ଭୁବନେଶ୍ୱର, ୩।୧୨(ସୁନିତ୍ ମିଶ୍ର)

ସ୍ୱାଧୀନତା ସଂଗ୍ରାମୀ ରମାଦେବୀ ଚୌଧୁରୀଙ୍କ ଜୟନ୍ତୀ ପାଳନକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ବିଜେଡି ପ୍ରଶ୍ନ ଉଠାଇ ବର୍ଷିଛି। ପୂଜ୍ୟପୂଜା ପରମ୍ପରା ଓଡ଼ିଆ ସଂସ୍କୃତିର ପ୍ରତୀକ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଏହି ଆଭିମୁଖ୍ୟ ଓଡ଼ିଆ ଅସ୍ମିତା ପ୍ରତି କୁଠାରାଘାତ ସଦୃଶ ବୋଲି ବିଜେଡି କହିଛି। ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଈପ୍ସିତା ସାହୁ କହିଛନ୍ତି, ରମାଦେବୀଙ୍କ ୧୨୫ ତମ ଜୟନ୍ତୀ ବର୍ଷବ୍ୟାପୀ ପାଳନ କରାଯିବ ବୋଲି ରାଜ୍ୟ ସରକାର କହିଥିଲେ। ବର୍ଷବ୍ୟାପୀ ପାଳନ ତ ଦୂରର କଥା, ତାଙ୍କ ଜୟନ୍ତୀ ପାଳନ କରିବା ପାଇଁ ମଧ୍ୟ ଟାଳଟୁଳ ନୀତି ଦେଖିବାକୁ ମିଳିଛି। ତାଙ୍କ ଜୟନ୍ତୀ ଅତ୍ୟନ୍ତ ହାଲୁକା ଭାବେ କଳିଙ୍ଗ ଷ୍ଟାଡିୟମର ଟେନିସ କୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ସମ୍ଭବତଃ ରାଜ୍ୟ ସରକାର ରମାଦେବୀଙ୍କ ଜୟନ୍ତୀକୁ ଭୁଲିଯାଇଥିଲେ, କେହି ଜଣେ ମନେପକାଇବା ପରେ ତରବରିଆ ଭାବେ ଏହାକୁ ପାଳନ କରାଯାଉଛି। ଦୁଃଖ ଓ ପରିତାପର ବିଷୟ ରମାଦେବୀଙ୍କ ପରି ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ପାଳନ ପାଇଁ ରାଜ୍ୟ ସରକାର ଗୋଟିଏ ଅଡିଟୋରିୟମ ମଧ୍ୟ ଯୋଗାଡ଼ କରିପାରିଲେ ନାହିଁ। ରମାଦେବୀ କଂଗ୍ରେସ ସଦସ୍ୟ ଥିଲେ, ଏହି କାରଣରୁ ମୁଖ୍ୟମନ୍ତ୍ରୀ ତାଙ୍କ ଜନ୍ମଦିନ ପାଳନ ଲାଗି ଅନୁମୋଦନ ଦେଇ ନ ଥିଲେ। ରାଜ୍ୟ ସରକାରଙ୍କ ଏହି ହୀନ ଉଦ୍ୟମକୁ ଓଡ଼ିଶାବାସୀ କେବେ ବି କ୍ଷମା ଦେବେ ନାହିଁ ବୋଲି ଈପ୍ସିତା କହିଛନ୍ତି।

# ରମାଦେବୀଙ୍କୁ ଉଚିତ ସମ୍ମାନ ମିଳୁ: ବିରୋଧୀ

**ସରକାର ଗୁରୁତ୍ୱ ଦେବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,୩।୧୨
(ରବିନାରାୟଣ ଜେନା)

ସର୍ବୋଦୟ ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ନାରୀନେତ୍ରୀ ମା' ରମାଦେବୀଙ୍କୁ ଉଚିତ ସମ୍ମାନ ଦିଆଯିବା ନେଇ ଶୂନ୍ୟକାଳରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ, ସଦସ୍ୟ ଅରୁଣ ସାହୁ ଏବଂ ଗୌତମବୁଦ୍ଧ ଦାସ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସଦସ୍ୟଗଣ କହିଛନ୍ତି, ସରକାର ରମାଦେବୀଙ୍କ ଅବଦାନକୁ ଭୁଲିଯାଇଛନ୍ତି। ତାଙ୍କ ୧୨୬ତମ ଜୟନ୍ତୀ ଉପଲକ୍ଷେ ଯେଭଳି ବର୍ଷବ୍ୟାପୀ କାର୍ଯ୍ୟକ୍ରମ କରାଯିବା କଥା ତାହା କରାଯାଉନାହିଁ। ତାଙ୍କ ପାଇଁ ରାଜଧାନୀରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ କରିବା ଲାଗି କୌଣସି ପ୍ରେକ୍ଷାଳୟ ମିଳିଲାନାହିଁ ଯେ କଳିଙ୍ଗ ଷ୍ଟାଡିୟମ୍‌ର ଟେନିସ୍ ପଡ଼ିଆରେ କରାଯିବା ସମ୍ପୂର୍ଣ୍ଣ ଭାବେ ଅସମ୍ମାନ। ସମସ୍ତେ ତାଙ୍କ ଜନ୍ମ ଜୟନ୍ତୀରେ ସାମିଲ ହେବା ନିମନ୍ତେ ବାଚସ୍ପତି ମଧ୍ୟ ନିର୍ଦ୍ଦେଶ ଦେବାର ଥିଲା, ହେଲେ ତାହା ଆପଣ କଲେନାହିଁ। ଯେମିତି ଅନ୍ୟମାନଙ୍କ ଜୟନ୍ତୀ ଆସିଲେ ସବୁଆଡ଼େ ଫଟୋ ରାଜଧାନୀରେ ଛାଇଯାଉଛି, ଠିକ୍ ସେହିପରି ମହିଳାମାନଙ୍କ ବିକାଶ ଲାଗି ତାଙ୍କ ଅବଦାନକୁ ନେଇ ଯେଉଁଭଳି କାର୍ଯ୍ୟକ୍ରମମାନ କରାଯିବା କଥା ତାହା କରାଗଲାନାହିଁ ବୋଲି ବିରୋଧୀ କହିଛନ୍ତି।

ଏହାକୁ ନେଇ ଭାଜପା ସଦସ୍ୟ ଇରାଶିଷ୍ ଆଚାର୍ଯ୍ୟ କହିଥିଲେ, ରମାଦେବୀଙ୍କ ଜୟନ୍ତୀ ବର୍ଷତମାମ୍ ପାଳନ ହେବ। ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମ୍‌ରେ ବହୁତ ଉତ୍ସାହର ସହ ପାଳନ ହେବ। ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାକୁ ସେ ଅନୁରୋଧ କରିଥିଲେ। ଇରାଶିଷ୍ ପୁଣି କହିଥିଲେ, ରମାଦେବୀଙ୍କ ବଳିଦାନ ଉପରେ ପ୍ରସ୍ତୁତ ପୁସ୍ତକ ବଣ୍ଟନ ହେବ। ଫଟୋଚିତ୍ର ପ୍ରଦର୍ଶନ ସହ ନାଟକ ମଧ୍ୟ ପରିବେଷଣ କରାଯିବ। ବିରୋଧୀ ଏବଂ ଶାସକଙ୍କ ଆଲୋଚନା ଶୁଣିବା ପରେ ବାଚସ୍ପତି ପାଢ଼ୀ ସରକାରଙ୍କୁ ଏକ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ, ରମାଦେବୀଙ୍କୁ ଉପଯୁକ୍ତ ସମ୍ମାନ ପାଇଁ କ'ଣସବୁ କାର୍ଯ୍ୟଖସଡ଼ା ରହିଛି ତା'ର ପୁନର୍ବିଚାର ସହିତ ଆଉ କ'ଣ ଅତିରିକ୍ତ କାର୍ଯ୍ୟକ୍ରମ କରାଯାଇପାରିବ ତାହା କରାଯାଉ।

# ଅଜୟଙ୍କ ପ୍ରଶଂସାରେ ରକୁଲ୍


ରକୁଲ୍-ଅଜୟ

ପ୍ରଥମେ 'ଦେ ଦେ ପ୍ୟାର ଦେ' ଆଉ ପୁଣି ଥରେ ଏହାର ସିକୁଏଲ 'ଦେ ଦେ ପ୍ୟାର ଦେ ୨'ରେ ଅଜୟ ଦେବଗନଙ୍କ ସହ ତାଙ୍କୁ ଦେଖିବାକୁ ମିଳିଛି। ପୁଣି ସିନେମାଦ୍ୱୟ ବକ୍ସ ଅଫିସରେ ଭଲ ବିଜନେସ୍ କରିଛି। ତେବେ ଏହାର ଶୁଟିଂ ସମୟର ସ୍ମୃତିକୁ ରୋମନ୍ଥନ କରି ଅଜୟଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ସେ। ହଁ, ଏହି ନାୟିକା ଜଣକ କିଏ ଜାଣନ୍ତି ? ସେ ହେଲେ ରକୁଲ୍ ପ୍ରୀତ୍ ସିଂ। ଏ ବିଷୟରେ ରକୁଲ୍ କହନ୍ତି, ''ଯେତେବେଳେ 'ଦେ ଦେ ପ୍ୟାର ଦେ ୨'ର ଅଫର ମୋତେ ମିଳିଲା ଆଉ ମୁଁ ଜାଣିବାକୁ ପାଇଲି ଯେ ଏଥିରେ ଅଜୟ ମୋ ନାୟକ ସାଜିବେ ସେତେବେଳେ ମୋତେ ଯେମିତି ଖୋଜିଲା ଚିଜ ମିଳିଯାଇଥିଲା। ଏହାର ଶୁଟିଂ ସମୟରେ ଅଜୟ ମୋତେ ଆକ୍ଟିଂ ବିଷୟରେ ଅନେକ କିଛି ଟିପ୍ସ ଦେଇଥିଲେ। ସବୁଠାରୁ ଖାସ୍ କଥା ହେଲା ଅଜୟଙ୍କ ଆକ୍ଟିଂ ମୋତେ ଭାରି ପ୍ରଭାବିତ କରିଛି। ଆକ୍ଟିଂକୁ ନେଇ ମୋ ମନରେ ଥିବା ଅନେକ ସନ୍ଦେହ ସେ ଦୂର କରିଦେଇଥିଲେ। ମୋ ମନରେ ଏକ ଅବସୋସ ରହିଛି। ତାହା ହେଲା ଅଜୟଙ୍କ ନିର୍ଦ୍ଦେଶନାରେ ଏକ ସିନେମାରେ କାମ କରିବାକୁ।'' ରକୁଲ୍ ସିନା ଏମିତି ଭାବିଛନ୍ତି, ହେଲେ ତାଙ୍କର ଏହି ଆଶା କେବେ ପୂରଣ ହେବ ତାହା ଦେଖିବାକୁ ବାକି ରହିଲା।

## ରହସ୍ୟ ଖୋଲିଲେ ଜ୍ୟାକି



'ହିରୋ'ରୁ ହିରୋ ଜ୍ୟାକି ଶ୍ରଫ। ଏହି ଫିଲ୍ମଟି ତାଙ୍କୁ ରାତାରାତି ନାୟକ ଦୌଡ଼ରେ ସାମିଲ କରିଦେଇଥିଲା। କେବଳ ସେତିକି ନୁହେଁ, ସୁବାସ ଘାଇଙ୍କର ଏହି ଫିଲ୍ମ ବଲିଉଡ୍‌ର ଅନ୍ୟତମ ସ୍ମରଣୀୟ ଫିଲ୍ମ ଭାବରେ ପରିଗଣିତ ହୋଇଥାଏ। ହେଲେ ଅଭିନୟ ପୂର୍ବରୁ ଜ୍ୟାକି ମଡେଲିଂ ସହ ଜଡ଼ିତ ଥିଲେ। ହେଲେ ଏଥିରେ କିପରି ତାଙ୍କୁ ସୁଯୋଗ ମିଳିଲା ତା'ପଛରେ ଏକ ମଜାଦାର କାହାଣୀ ରହିଛି। ଏ ନେଇ ଜ୍ୟାକି କହନ୍ତି, ''ଏକଦା ମୁଁ ଏକ ବସ୍ ଷ୍ଟପ୍‌ରେ ଠିଆ ହୋଇଥାଏ। ସେତିକି ବେଳେ ଜଣେ ଯୁବକ ଆସି ମୋତେ କହିଲେ, 'ତୁମେ ମଡେଲିଂ କରିବ ?' ମୁଁ ପ୍ରଥମେ ଟିକେ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ହେଲେ ସେତବେଳର ସଂଘର୍ଷମୟ ଜୀବନରେ ତାହା ଏକ ଆଶାର କିରଣ ସୃଷ୍ଟି କରିଥିଲା। ଯୁବକଙ୍କ କଥା ମାନି ମୁଁ ମଡେଲିଂ ଦୁନିଆରେ ପାଦ ଦେଇଥିଲି। ଆଉ ତା'ପରେ ଆରମ୍ଭ ହୋଇଥିଲା ଅଭିନୟ। ଯାହାହେଉ ଦର୍ଶକଙ୍କ ଭଲ ପାଇବା ଯୋଗୁ ଆଜି ମଧ୍ୟ ମୁଁ ଅଭିନୟ ଜାରି ରଖିଛି।''



ଜ୍ୟାକି ଏପର୍ଯ୍ୟନ୍ତ ୧୩ଟି ଭାଷାରେ ପ୍ରାୟ ୨୨୦ରୁ ଅଧିକ ସିନେମାରେ ଅଭିନୟ କରିସାରିଲେଣି। ତାଙ୍କର ପ୍ରକୃତ ନାମ ଥିଲା ଜୟକିଶନ କାକୁଭାଇ ଶ୍ରଫ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କର ବାପା ଏହି ନାମକୁ ପରିବର୍ତ୍ତନ କରି ଜ୍ୟାକି ଶ୍ରଫ ରଖିଥିଲେ।

## ରିଲିଜ ଅପେକ୍ଷାରେ...

## ମହାକାଳ


'ମହାକାଳ' ଫିଲ୍ମର ପୋଷ୍ଟର

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ମହାକାଳ'। କାହାଣୀ ଅନୁସାରେ ଏକ ସଂରକ୍ଷିତ ଜଙ୍ଗଲରେ କୌଣସି କାରଣରୁ ନିଆଁ ଲାଗିଯାଏ। ହେଲେ କୁଚକ୍ରୀ ଗୋଷ୍ଠୀ ଏହାର ଦୋଷ ଜଣେ ନିରୀହ ଆଦିବାସୀ ଯୁବକ ଉପରେ ଲଦି ଦିଅନ୍ତି। ଏହା ପଛରେ ଥିବା ପ୍ରକୃତ ଦୋଷୀ କିଏ ? ଜଙ୍ଗଲରେ ନିଆଁ ଲାଗିଥିଲା ନା ଲଗାଇ ଦିଆଯାଇଥିଲା ? ଏଭଳି ରହସ୍ୟର ଉନ୍ମୋଚନ ହୋଇଛି ଏହି ସିନେମାରେ। ଏହାର ମୁଖ୍ୟ ଭୂମିକା (ସମ୍ଭବ)ରେ ଅଭିନୟ କରିଛନ୍ତି ଦେବ୍। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ମୋନାଲି। ଏମାନଙ୍କ ବ୍ୟତୀତ ଅସୀତ ପତି, ବ୍ରଜ ସିଂ, ଡିସ୍କୋ ରେଞ୍ଜି, ମନ୍ମଥ ମିଶ୍ର, ବବଲୁ, ରାଜଶ୍ରୀ, ପ୍ରତୀକ୍ଷା ଏବଂ ଶକ୍ତି ସାଧନା ପ୍ରମୁଖ କଳାକାର। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ନିର୍ଦ୍ଦେଶନା ଭାରସମ୍ଭାଳିଛନ୍ତି ଡିପି। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ଦେବ୍‌ସ ଏଣ୍ଟରଟେନମେଣ୍ଟ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୁଡଲି ରଥ। ଏହି ସିନେମା ଚଳିତ ମାସ ୧୨ ତାରିଖରେ ରିଲିଜ ହେବାର ଯୋଜନା ରହିଛି।

## ସେଇ କେଇ ପଦ କଥା...

ପରିଣୀତି ଚୋପ୍ରା ଅଭିନୟ ଦୁନିଆରେ ପ୍ରବେଶ କରିବା ପୂର୍ବରୁ ବଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜନା ସଂସ୍ଥା ୟଶ ରାଜ ଫିଲ୍ମସ (ୱାଇଆର୍‌ଏଫ୍)ରେ କିଛି ଦିନ ପିଆର୍‌ଓ ଭାବରେ କାମ କରିଥିଲେ। କେବଳ ସେତିକି ନୁହେଁ, ସେହି ସମୟରେ ସେ ରାଣୀ ମୁଖାର୍ଜୀଙ୍କ ପର୍ସନାଲ ଆସିସଷ୍ଟାଣ୍ଟ ଭାବରେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଆଉ ସେହି ସମୟରେ କିଛି ସ୍ମରଣୀୟ ସ୍ମୃତିଗୁଡିକୁ ଏବେ ମନେ ପକାଉଛନ୍ତି ପରିଣୀତି। ଏକଦା ଅଭିନୟକୁ ନେଇ ତାଙ୍କ ସହ ଅନେକ ସମୟ କଥା ହୋଇଥିଲି। ଆଉ ସେହି ସମୟରେ ସେ ମୋତେ ଯେଉଁ କେଇ ପଦ କଥା କହିଥିଲେ ତାହା ଆଜି ବି ତାଙ୍କର ମନେପଡୁଛି। ଏ ବିଷୟରେ ପରିଣୀତି କହନ୍ତି,''ରାଣୀ ମାଡାମଙ୍କ ସହ କଥା ହେବା ସମୟରେ ସେ ପ୍ରଥମେ ମୋତେ କହିଲେ, ତୁମେ କାହିଁକି ଆକ୍ଟିଂ ଲାଇନ୍‌ରେ ଏଣ୍ଟ୍ରି କରୁନ ? ତୁମକୁ ଯେତିକି ଷ୍ଟଡି କରିଛି ତୁମ ଠାରେ ଅଭିନୟ ଦକ୍ଷତା ରହିଛି। ତୁମେ ତାକୁ ଉପଯୋଗ କଲେ ନିଶ୍ଚୟ ଆଗକୁ ଯାଇପାରିବ। ଯେତେବେଳେ ମୋତେ ପ୍ରଥମେ ବଲିଉଡ୍‌ରେ ସୁଯୋଗ ମିଳିଲା ସେତେବେଳର ତାଙ୍କର ସେହି କେଇ ପଦ କଥା ମୋ କାନରେ ବାରମ୍ବାର ପ୍ରତିଧ୍ୱନିତ ହୋଇଥିଲା। ଆଉ ମୋର ପ୍ରଥମ ସିନେମା ମଧ୍ୟ ମୋତେ ବେଶ୍ ମାଇଲେଜ ଦେଇଥିଲା।'' ପରିଣୀତି ୨୦୧୧ରେ ହିନ୍ଦୀ ସିନେମାରେ ପ୍ରଥମେ ଅଭିନୟ କରିବାର ସୁଯୋଗ ପାଇଥିଲେ। ଫିଲ୍ମଟି ଥିଲା 'ଲେଡିଜ୍ ଭର୍ସେସ ରିକି ବହଲ'। ପ୍ରଥମ ସିନେମା ପାଇଁ ତାଙ୍କୁ ଅନେକ ପୁରସ୍କାର ମଧ୍ୟ ମିଳିଥିଲା।


ପରିଣୀତି

# ହାପି ଡେଜ୍‌ରେ ଅଭିନୟ କରି ନ ଥିଲେ...

ତମନ୍ନା ଭାଟିଆ ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ। ଅଭିନୟ ପୂର୍ବରୁ ସେ ମଡେଲିଂ କରୁଥିଲେ। ତା'ପୂର୍ବରୁ ପୃଥ୍ୱୀ ଥିଏଟରରେ ସେ କିଛି ଦିନ ଷ୍ଟେଜ ପ୍ରଡକ୍ସନ ଦାୟିତ୍ୱ ତୁଲାଇଥିଲେ। ମ୍ୟୁଜିକ ଭିଡିଓରେ ଅଭିନୟ କରିବା ପରେ ୨୦୦୩ରେ ତାମିଲ ଫିଲ୍ମ 'ଇନ୍ନାକୁ ୨୦ ଉନ୍ନାକୁ ୧୮'ରୁ ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। କିନ୍ତୁ ସଫଳତା ପାଇବାକୁ ତାଙ୍କୁ ଆହୁରି ଚାରି ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ୨୦୦୭ରେ ତେଲୁଗୁ ଫିଲ୍ମ 'ହାପି ଡେଜ୍' ତମନ୍ନାଙ୍କ ଭାଗ୍ୟ ବଦଳାଇ ଦେଇଥିଲା। ଏହି ଫିଲ୍ମଟି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା ଏବଂ ତା'ପରେ ତାଙ୍କୁ ଅଫର ପରେ ଅଫର ମିଳିବାକୁ ଲାଗିଲା। ଏ ବିଷୟରେ ତମନ୍ନା କହନ୍ତି, ''ଯେତେବେଳେ ମୋତେ 'ହାପି ଡେଜ୍' ଅଫର ମିଳିଲା ସେତେବେଳେ ତାହାକୁ ଗ୍ରହଣ କରିବି କି ନାହିଁ ତାକୁ ନେଇ ଟିକେ ଦ୍ୱନ୍ଦ୍ୱରେ ପଡିଥିଲି। କିନ୍ତୁ ପରବର୍ତ୍ତୀ ସମୟରେ ମନକୁ ସ୍ଥିର କରି ଏଥିରେ ଅଭିନୟ କରିବାକୁ ସମ୍ମତି ଜଣାଇଥିଲି। ହେଲେ ଫିଲ୍ମଟି ଯେ ଏପରି ଦର୍ଶକାଦୃତ ହେବ ତାହା କେବେ କଳ୍ପନା କରି ନ ଥିଲି। ମୋଟ ଉପରେ କହିଲେ ଯଦି ଏହି ସୁଯୋଗଟିକୁ ମୁଁ ହାତଛଡ଼ା କରିଥାଆନ୍ତି, ତେବେ ହୁଏତ ମୋତେ ନାୟିକା ଦୌଡରେ ସାମିଲ ହେବାକୁ ଆଉ କିଛି ବର୍ଷ ସଂଘର୍ଷ କରିବାକୁ ପଡ଼ିଥାଆନ୍ତା।'' କିନ୍ତୁ ଏହା ପୂର୍ବରୁ ତମନ୍ନା ବଲିଉଡ୍‌ରେ ମଧ୍ୟ ଅଭିନୟ କରସାରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଚାନ୍ଦ୍ ସା ରୋଶନ ଚେହେରା'। ତମନ୍ନା ଏପର୍ଯ୍ୟନ୍ତ ଅନେକ ତାମିଲ ଏବଂ ତେଲୁଗୁ ସିନେମାରେ ଅଭିନୟ କରିସାରିଲେଣି।


ତମନ୍ନା

# ଯାହା ଭାବିଥିଲେ ବିଶ୍ୱରୂପ


'ସପନର ଆର ପାରି ଗାଁ' ଫିଲ୍ମରେ ବିଶ୍ୱରୂପ-ଶୁଭଲକ୍ଷ୍ମୀ

ବିଶ୍ୱରୂପ ମିଶ୍ର ଯାହା ଭାବିଥିଲେ ତାହା ନିକଟରେ ପୂରଣ ହୋଇଛି। ଆଉ ନିଜ ଆକ୍ଟିଂ କ୍ୟାରିୟରରେ ଏଭଳି ଏକ ଭିନ୍ନଧରଣର ଭୂମିକାଟିଏ ପାଇବା ପରେ ତାଙ୍କ ଖୁସି କହିଲେ ନ ସରେ। କଥା କ'ଣ କି ସେ ଏବେ ନିର୍ମାଣାଧୀନ ଓଡ଼ିଆ ସିନେମା 'ସପନର ଆର ପାରି ଗାଁ'ର ନାୟକ ସାଜିଛନ୍ତି। ଆମ ରାଜ୍ୟର ହଜିଯାଉଥିବା ଏକ ପରମ୍ପରାକୁ ନେଇ ଉକ୍ତ ଚିତ୍ରର କାହାଣୀ ଗତିଶୀଳ। ଏ ବିନୋଦିନୀ କ୍ରିଏସନ୍ସ ଡ୍ରିମ୍‌ସ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ସସ୍ମିତା ପାଢ଼ୀ। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ଓମ୍ ପ୍ରକାଶ ରାଉତରାୟ। 'ବିଶ୍ୱରୂପ ବର୍ନ ଟୁ ଫାଇଟ' ଏବଂ ଐତିହାସିକ ସିନେମା 'ଜୟୀ ରାଜଗୁରୁ' ପରେ ଏହି ଫିଲ୍ମକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ବିଶ୍ୱରୂପ। ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶାନ୍ତନୁ ନାୟକ। ସଂଳାପ ଲେଖିଛନ୍ତି ଜିତେନ୍ଦ୍ର ବରାଳ। ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ,କୁଳଦୀପ ପଟ୍ଟନାୟକ, ଅନ୍ତରା ଚକ୍ରବର୍ତ୍ତୀ ଏବଂ ଶାନ୍ତନୁ ନାୟକ। ଏଥିରେ ବିଶ୍ୱରୂପଙ୍କ ନାୟିକା ସାଜିଛନ୍ତି ଶୁଭଲକ୍ଷ୍ମୀ ରାଉତରାୟ। ଶୁଭଲକ୍ଷ୍ମୀ ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଅଭିନୟରେ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିଛନ୍ତି। ଏମାନଙ୍କ ବ୍ୟତୀତ ଇଲୁ ବାନାର୍ଜୀ, ଧରିତ୍ରୀ ଖଣ୍ଡୁଆଳ, ଚନ୍ଦନ ରାଉତରାୟ ପ୍ରମୁଖ ଅଭିନୟ କରିଛନ୍ତି। ଏହାର ପ୍ରଥମ ରାଉଣ୍ଡ ଶୁଟିଂ ଶେଷ ହୋଇଛି ଏବଂ ପରବର୍ତ୍ତୀ ସିଡ୍ୟୁଲ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ରହସ୍ୟ ଖୋଲିବ ମିଡ୍ ନାଇଟ୍


'ମିଡ୍ ନାଇଟ୍' ଫିଲ୍ମରେ (ବାମରୁ) ବୀରେନ, ମନୁ, ଅକ୍ଷୟ

ଏକ ରହସ୍ୟ ରୋମାଞ୍ଚପୂର୍ଣ୍ଣ କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ମିଡ୍ ନାଇଟ୍'। କାହାଣୀ ଅନୁସାରେ ତିନି ଜଣ ବାନ୍ଧବୀ ନୂଆ ବର୍ଷ ସେଲିବ୍ରେଟ କରିବାକୁ ଚନ୍ଦ୍ରାଭାଗା ଯାଉଥାଆନ୍ତି। ହେଲେ ହଠାତ୍ ଗାଡିଟି ଖରାପ ହୋଇଯାଏ, ଆଉ ଉପାୟଶୂନ୍ୟ ହୋଇ ସେମାନେ 'ମିଡ୍ ନାଇଟ୍' ନାମକ ଏକ ହୋଟେଲରେ ରହନ୍ତି। ଆଉ ତା'ପରେ କ'ଣ ଘଟୁଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଉକ୍ତ ସିନେମାର ପ୍ରଯୋଜନା କରିଛନ୍ତି ଅଭିନେତା ମନୁ ଦ୍ୱିବେଦୀ। ଖାସ୍ କଥା ହେଲା କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ବଡ ପରଦାକୁ ଫେରୁଛନ୍ତି ସ୍ୱର ସଂଯୋଜକ ପ୍ରଶାନ୍ତ ପାଢ଼ୀ। କେବଳ ସେତିକି ନୁହେଁ ଏହାର ଗୀତଗୁଡିକ ଚଳଚ୍ଚିତ୍ରର ଅନ୍ୟତମ ଆକର୍ଷଣ ହେବ ବୋଲି କହନ୍ତି ସେ। ମନୁ ଦ୍ୱିବେଦୀ ଫିଲ୍ମସ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ମନୁ ଦ୍ୱିବେଦୀ। ସହକାରୀ ନିର୍ଦ୍ଦେଶକ ଭାର ସମ୍ଭାଳିଛନ୍ତି ସୁରେଶ ଦାଶ। ମନୁ ଦ୍ୱିବେଦୀ, ବୀରେନ ମିଶ୍ର, ଅକ୍ଷୟ ବସ୍ତିଆ, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଡାଏନା, ସୁଇଟି, ଆଲିୟା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।

# ମୃତଦେହକୁ କାନ୍ଧଦେଲେନି ଜାତିଭାଇ

ବଣ୍ଡା,୩।୧୨(ପରିକ୍ଷିତ ସାହୁ)

ଅନ୍ୟ ଜାତିରେ ବିବାହ କରିଥିବାରୁ ସାମାଜିକ ବାସନ୍ଦ କରିଥିଲା ଜାତି ସମାଜ। ଏପରି କି ବାସନ୍ଦର ୩୦ ବର୍ଷ ପରେ ବି ଏହି କଟକଣା ଜାରି ରହିଥିବାରୁ ମୃତ୍ୟୁ ପରେ କାନ୍ଧ ଦେବାକୁ ଆସିଲେନାହିଁ ଜାତିଭାଇ। ଦୀର୍ଘ ୩୦ ଘଣ୍ଟା ମୃତଦେହ ପଡ଼ିରହିବା ପରେ ଖବରପାଇ ବୁଧବାର ପୋଲିସ ଓ ପଞ୍ଚାୟତ ପ୍ରଶାସନ ପହଞ୍ଚି ସତ୍କାରର ବ୍ୟବସ୍ଥା କରିଥିଲା। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମଇଦୁରା ପଞ୍ଚାୟତ ରାମପୁର ଗ୍ରାମରେ ଘଟିଥିବା ଏହି ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଆଠମଲ୍ଲିକ ବ୍ଲକ ମଇଦୁରା ପଞ୍ଚାୟତ ରାମପୁର ଗ୍ରାମର ପଣ୍ଡେଇ ଭୋଇ (୬୪) ୩୦ ବର୍ଷ ତଳେ ଅନ୍ୟଜାତିର ରାଣୀ ନାୟକଙ୍କୁ ବିବାହ କରିଥିଲେ। ଏଥିଯୋଗୁ ପଣ୍ଡେଇଙ୍କୁ ତାଙ୍କ ଜାତି ସମାଜ ପକ୍ଷରୁ ବାସନ୍ଦ କରାଯାଇଥିଲା। ଫଳରେ ସେ ଜାତି ସମାଜର କୌଣସି କାର୍ଯ୍ୟରେ ଯୋଗଦେଇପାରୁ ନ ଥିଲେ। ତାଙ୍କର କୌଣସି ସନ୍ତାନ ନ ଥିବା ବେଳେ ସେ ଓ ତାଙ୍କ ସ୍ତ୍ରୀ ସମାଜ ସହିତ ମିଶୁ ନ ଥିଲେ। ପଣ୍ଡେଇ କିଛି ବର୍ଷ ହେବ କିଡ଼ନୀ ରୋଗରେ ପୀଡ଼ିତ ଥିବାବେଳେ ମଙ୍ଗଳବାର ସକାଳ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁ ସମ୍ପର୍କରେ ସ୍ତ୍ରୀ ରାଣୀ ଜାତି ସମାଜର ଲୋକଙ୍କୁ ଅବଗତ କରାଇଥିଲେ। ହେଲେ ଜାତି ସମାଜର କେତେଜଣ ବ୍ୟକ୍ତି ଆସି ପଣ୍ଡେଇଙ୍କ ମୃତଦେହକୁ ଦେଖିଯାଇଥିଲେ ହେଁ କେହି କାନ୍ଧ ଦେଇ ନ ଥିଲେ। ଫଳରେ ରାତିତମାମ ପଣ୍ଡେଇଙ୍କ ମୃତଦେହ ଘରେ ପଡ଼ି ରହିଥିଲା। ବୁଧବାର ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଏ ନେଇ ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନକୁ ଅବଗତ କରିଥିଲେ। ପରେ ଆଠମଲ୍ଲିକ ପ୍ରଶାସନର ନିର୍ଦ୍ଦେଶକ୍ରମେ ଠାକୁରଗଡ଼ ପୋଲିସ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପରିଡ଼ାଙ୍କ ଉପସ୍ଥିତିରେ ଅପରାହ୍ନ ୪ଟାରେ ପଣ୍ଡେଇଙ୍କ ମୃତଦେହ ସତ୍କାର ବ୍ୟବସ୍ଥା କରାଯାଇଥିଲା। ଏଥିସହ ପଣ୍ଡେଇଙ୍କ ସ୍ତ୍ରୀଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ନିର୍ବାହୀ ଅଧିକାରୀ ପ୍ରଦାନ କରିଥିଲେ। ଘଟଣା ସମ୍ପର୍କରେ ଆଠମଲ୍ଲିକ ଉପଜିଲାପାଳ ଉପେନ୍ଦ୍ର ଲୁହା କହିଛନ୍ତି, ମୃତଦେହ କିପରି ଦାହ କରାଯିବ ସେ ନେଇ ଠାକୁରଗଡ଼ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିଲା। ଠାକୁରଗଡ଼ ଥାନା ଆଇଆଇସି ଶଶି ଭୂଷଣ ବେହେରା କହିଛନ୍ତି, ପୋଲିସ ଓ ପଞ୍ଚାୟତ ପକ୍ଷରୁ ମୃତଦେହ ସତ୍କାର ପାଇଁ ପଦକ୍ଷେପ ନିଆଯାଇଛି।

■ ଅନ୍ୟ ଜାତିରେ ବିବାହ କରିଥିବାରୁ ବାସନ୍ଦ ହୋଇଥିଲେ

■ ୩୦ ଘଣ୍ଟା ପରେ ସତ୍କାର କଲା ପୋଲିସ, ପଞ୍ଚାୟତ ପ୍ରଶାସନ



ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ସ୍ତ୍ରୀଙ୍କୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି।

# ନବଜାତ ଶିଶୁକୁ କୁମାରୀ ମା'ଙ୍କ ହତ୍ୟା ଉଦ୍ୟମ

## କଲମପୁର ଥାନା ଅଞ୍ଚଳରେ ଆଲୋଡ଼ନ

ଭବାନୀପାଟଣା/କଲମପୁର, ୩।୧୨
(ଉତ୍ତମ କୁମାର ଦାଶ/ଗଣେଶ ରାମ ବାଗ)

କଳାହାଣ୍ଡି ଜିଲା କଲମପୁର ଥାନା ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ କୁମାରୀ ମା' ନିଜ ନବଜାତ ଶିଶୁ ପୁତ୍ରକୁ ହତ୍ୟା ଉଦ୍ୟମ କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ସୂଚନାକ୍ରମେ ସକାଳେ ଅବିବାହିତ ଯୁବତୀଜଣକ ଶିଶୁପୁତ୍ର ଜନ୍ମ କରିବା ପରେ ବୁଦ୍ଧିଶୂନ୍ୟ ହୋଇଯାଇଥିଲେ। ପରେ ସେ ନିରୂପାୟ ହୋଇ ନବଜାତକକୁ ଫିଙ୍ଗି ମାରିବାକୁ ଚେଷ୍ଟା କରିଥିଲେ। ପଡ଼ୋଶୀଙ୍କଠାରୁ ସୂଚନା ପାଇ ବଡ଼କୁଟରୁ ସରପଞ୍ଚ ଗଣେଶ କୁମାର ପଣ୍ଡା ଓ ଆଶା କର୍ମୀ ଘଟଣାସ୍ଥଳରେ ପହଞ୍ଚି ନବଜାତ ଶିଶୁକୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ଉଭୟ ମା' ଓ ଶିଶୁ ସୁସ୍ଥ ଅଛନ୍ତି। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାଶିଷ ସ୍ୱାଇଁ ସମସ୍ତ ଘଟଣା ଜାଣିବା ପରେ ତୁରନ୍ତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିର୍ବାସିନୀ ଦେଈ ଏବଂ ଶିଶୁ ସୁରକ୍ଷା ସମିତିକୁ ସୂଚନା ଦେଇଥିଲେ। ଏହାସହ ମା' ପାଖରେ ଶିଶୁ ଅସୁରକ୍ଷିତ ଥିବା ଜଣାଇଥିଲେ। ଶିଶୁ ସୁରକ୍ଷା ସମିତି ଉଭୟ ମା' ଓ ଶିଶୁଙ୍କୁ ଶିଶୁ ସୁରକ୍ଷା ସମିତିକୁ ପଠାଇବା ପାଇଁ ଡାକ୍ତର ସ୍ୱାଇଁଙ୍କୁ ଅନୁରୋଧ କରିଥିଲେ। ଅନ୍ୟପଟେ କୁମାରୀ ମା'ଙ୍କ କେହି ସମ୍ପର୍କୀୟ ନ ଥିବାବେଳେ ପଡୋଶୀ ଜଣେ ମହିଳା ଶିଶୁକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିବା ସରପଞ୍ଚ ପଣ୍ଡା ସୂଚନା ଦେଇଛନ୍ତି।

# ଆତ୍ମନିର୍ଭରଶୀଳତାକୁ ଗୁରୁତ୍ୱ

## ଆଜି ଭାରତୀୟ ନୌସେନା ଦିବସ



ଭାରତୀୟ ନୌସେନାର ସାହସ, ଶୃଙ୍ଖଳା ଏବଂ ଶକ୍ତିକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଡିସେମ୍ବର ୪ରେ 'ଭାରତୀୟ ନୌସେନା ଦିବସ' ପାଳନ ହୋଇଆସୁଛି। ଏହା ସାମୁଦ୍ରିକ ସୀମାକୁ ସୁରକ୍ଷିତ ରଖିବା, ସାମୁଦ୍ରିକ ବାଣିଜ୍ୟ ମାର୍ଗକୁ ସୁରକ୍ଷା ଦେବା ଏବଂ ଦକ୍ଷତାର ସହ ସଙ୍କଟର ମୁକାବିଲା କରିବାରେ ଭାରତୀୟ ନୌସେନାର ଭୂମିକାକୁ ସମ୍ମାନକରେ। ଏହି ଦିବସ ଭାରତୀୟ ନୌସେନାର ବର୍ଦ୍ଧିତ କ୍ଷମତା, ଆତ୍ମନିର୍ଭରଶୀଳତା,ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଉପରେ ଅଧିକ ଗୁରୁତ୍ୱ ଦେଇ ଭାରତ ମହାସାଗରରେ ଏକ ଶକ୍ତିଶାଳୀ ନୌବାଣିଜ୍ୟ ଶକ୍ତି ହେବାର ପ୍ରତିବଦ୍ଧତାକୁ ପ୍ରତିଭାତ କରେ। ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଡିସେମ୍ବର ୪ରେ ହୋଇଥିବା ଅପରେସନ 'ଟ୍ରାଇଡେଣ୍ଟ'ର ସ୍ମୃତିଚାରଣ ଭାରତୀୟ ନୌସେନା ଦିବସର ମୂଳ ଭିତ୍ତିଭୂମି। ତେବେ ଏହି ଅଭିଯାନରେ ଭାରତୀୟ ନୌସେନା ପାକିସ୍ତାନର କରାଚୀ ବନ୍ଦର ଉପରେ ଏକ ନିର୍ଣ୍ଣାୟକ ଆକ୍ରମଣ କରିଥିଲା। ଭାରତୀୟ ଯାହାଜଗୁଡ଼ିକ ପାକିସ୍ତାନୀ ଇନ୍ଧନ ଡିପୋ, ଯୋଗାଣ ଜାହାଜ ଏବଂ ଉପକୂଳ ପ୍ରତିଷ୍ଠାନଗୁଡ଼ିକୁ ନଷ୍ଟ କରିଦେଇଥିଲେ, ଯାହା ପାକିସ୍ତାନର ନୌସେନା କ୍ଷମତାକୁ ଯଥେଷ୍ଟ ଦୁର୍ବଳ କରିଦେଇଥିଲା। ଆଇଏନ୍‌ଏସ୍ ବିକ୍ରାନ୍ତରୁ ବିମାନ ଅଭିଯାନ ଏକକାଳୀନ ଚିଟାଗଙ୍ଗ ଏବଂ ଖୁଲ୍‌ନାରେ ଶତ୍ରୁ ବିମାନ କ୍ଷେତ୍ରଗୁଡ଼ିକୁ ଟାର୍ଗେଟ କରିଥିଲା, ଯାହା ୧୯୭୧ ମସିହାର ଯୁଦ୍ଧରେ ଭାରତର ବିଜୟରେ ଅବଦାନ ରଖିଥିଲା। ଚଳିତବର୍ଷ ଦିବସ ଲାଗି ବିଷୟବସ୍ତୁ ରହିଛି 'ଯୁଦ୍ଧ ପାଇଁ ପ୍ରସ୍ତୁତ, ସମନ୍ୱିତ ଏବଂ ଆତ୍ମନିର୍ଭରଶୀଳ'। ବିଷୟବସ୍ତୁଟି ଯୁଦ୍ଧ ପାଇଁ ପ୍ରସ୍ତୁତ, ସମନ୍ୱିତ ଏବଂ ଆତ୍ମନିର୍ଭରଶୀଳ ପଥକୁ ମାର୍ଗଦର୍ଶନ ଦେବା ଉପରେ ଆଲୋକପାତ କରେ।


## OFFICE OF THE CCSO-cum-DISTRICT MANAGER, ODISHA STATE CIVIL SUPPLIES CORPORATION LIMITED, KORAPUT, JEYPORE

No.2370// Dated 01.12.2025

### QUOTATION/TENDER CALL NOTICE

No.CAD-2562:Sealed Quotation/Tenders are invited from the interested Travel Agencies/Tour Operators or Private Individuals for providing One (1) No. of BS-VI emission compliant vehicle having sitting capacity not more than Five (5) including driver for office use and One (1) No. of BS-VI emission compliant vehicle having sitting capacity not more than Seven (7) including driver, which shall conform to the terms and conditions at Annexure-A for Supervision of Paddy Procurement use for the KMS-2025-26 for the official use at the Office of CCSO-cum-District Manager, OSCSC Limited, Jeypore, Koraput on monthly rent basis. The application form of Quotation/Tender containing General bid information & Terms and Conditions for hiring vehicles etc. will be available in the Offfce of CCSO-cum-District Manager, OSCSC Ltd., Jeypore, Koraput from 03.12.2025 to 09.12.2025 till 11.00 AM during Office Hours (Except Govt Holidays). The Quotation completed in all respect should reach the undersigned on or before 09.12.2025 by 4.00 PM and shall be opened on 10.12.2025 at 11.30 AM in presence of the District Level Tender Committee members and bidders or their authorized representatives in the office Chamber of ADM (General), Koraput.

The interested bidders who have valid GST registration shall submit their tenders in a sealed envelope duly super-scribing on the top of envelope i.e. **"Tender for Hiring Vehicles for Office Use"** or **"Tender for Hiring of Vehicle for Supervision of Paddy Procurement Use"** along with **Tender No. and Date.**

Sd./- CCSO-cum-District Manager
OIPR-07038/11/0004/2526 OSCSC Ltd., Jeypore (K)

## GOVERNMENT OF ODISHA No. A-1037
## DEPARTMENT OF WATER RESOURCES
### OFFICE OF THE ENGINEER-IN-CHIEF, WATER RESOURCES
SECHA SADAN, BHUBANESWAR
Email Address: cemech.eicwr.od@gmail.com

### e-Procurement Notice - Bid Identification No. - CEM/MDC-25/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/NSIC/MSME for Irrigation Shutters/Hydro Mechanical Gates
4. Bid Identification No. : CEM/MDC - 25/2025-26
5. Estimated Cost : Rs.52,20,649.00
6. Period of Completion : 03 (Three) Calendar Months
7. Date & time of availability of bid documents in the portal : From Dt.04.12.2025 (10.00 A.M.) to Dt.16.12.2025 (5.30 P.M.)
8. Last date/time for receipt of bid in the portal : Dt.16.12.2025 (upto 5.30 P.M.)
9. Date and place of opening of Technical Bid : Dt.17.12.2025 (12.00 Noon onwards in the O/o. the undersigned)
10. Date and place of opening of Financial Bid : To be intimated to the qualified bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/o. the E.I.C., Water Resources, Odisha, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/cancellation notice shall be uploaded in the aforesaid website only.

Sd./- Chief Engineer, Mechanical
OIPR-32520/11/0092/2526 O/o. Engineer-in-Chief, Secha Sadan, Bhubaneswar

## ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ

(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ), ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ - ୧, ଭୁବନେଶ୍ୱର-୭୫୧୦୦୯

### ଆଦିବାସୀ ପ୍ରତିଭା ସମ୍ମାନ - ୨୦୨୬

No. V-20: ଏତଦ୍ୱାରା ଘୋଷଣା କରାଯାଉଅଛି କି ବିଗତ ବର୍ଷମାନଙ୍କ ପରି ନୃତ୍ୟ, ସଙ୍ଗୀତ, ସାହିତ୍ୟ, ଚିତ୍ରକଳା, ଚାରୁକଳା, ସମାଜସେବା, ଦେଶଜ ଔଷଧ ବିଦ୍ୟା, କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଜନଜାତି ପ୍ରତିଭାମାନଙ୍କୁ ଆଗାମୀ ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବରେ ସମ୍ମାନିତ କରାଯିବ। ଜନଜାତି ପ୍ରତିଭାଙ୍କୁ ଏଥିରେ ଅଂଶଗ୍ରହଣ କରିବାର ସୁଯୋଗ ଦେବାଲାଗି ଆବେଦନ କରିବାର ଧାର୍ଯ୍ୟ ତାରିଖ ୩୦ ନଭେମ୍ବର, ୨୦୨୫ରୁ ଆଗାମୀ ତା୨୦ ଡିସେମ୍ବର, ୨୦୨୫ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରାଗଲା। ଏଣୁ ଏହି ସମ୍ମାନ ନିମନ୍ତେ ଉପରୋକ୍ତ କ୍ଷେତ୍ରରେ ବିଶେଷ ପାରଦର୍ଶିତା ହାସଲ କରିଥିବା ଜନଜାତି ବର୍ଗର ବ୍ୟକ୍ତି ବିଶେଷଙ୍କୁ ନିମ୍ନ ଠିକଣାରେ ଆବେଦନ କରିବାକୁ ଅନୁରୋଧ କରାଯାଉଅଛି।

ସମ୍ପୂର୍ଣ୍ଣ ବିଜ୍ଞାପନ ଓ ଆବେଦନ ପତ୍ର ଡାଉନ୍‌ଲୋଡ୍ କରିବା ନିମନ୍ତେ ୱେବ୍‌ସାଇଟ୍ **www.atlcodisha.org, www.scstrti.in** ଅଥବା **www.stsc.odisha.gov.in** ଦେଖନ୍ତୁ।

OIPR-26011/11/0017/2526 ସ୍ୱା./- ସଦସ୍ୟ ସଚିବ

## OFFICE OF THE DIVISIONAL FOREST OFFICER ANGUL KENDU LEAVES DIVISION, ANGUL

At/Po-Hakimpada, Dist-Angul, Pin-759143, Phone No.06764-234157
Email- dfoklangl@gmail.com
No.278/1F (Acct.) Dt.29.11.2025

No.MM-328

### NOTICE INVITING TENDER
Bid Identification No.DFO-ANGUL-KL-01 Online/2025-26

| | | | |
|---|---|---|---|
| | **The Divisional Forest Officer, Angul KL Division on behalf of Governor of Odisha invites percentage rate bids in Single Cover System in ONLINE MODE.** | | |
| 1. | Nature of Works | : | Construction of Forester Quarters |
| 2. | No. of Works | : | 02 (Two) |
| 3. | Bid Cost | : | 6,000/- |
| 4. | Class of Contractor | : | "C" Class & "D" Class |
| 5. | Date & Time of availability of the bid documents in portal | : | From 10.00 AM of Date 04.12.2025 to 05.00 PM of Date 18.12.2025 |
| 6. | Last date & time of receipt of bids in portal | : | Upto 5.00 P.M. of Date 18.12.2025 |
| 7. | Date of Opening of Bid | : | At 11.30 AM of Date 19.12.2025 |
| 8. | The bidders have to participate in ONLINE bidding only. Further details can be sen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website only. | | |

Sd./- Divisional Forest Officer
OIPR-08152/11/0001/2526 Angul (KL) Division

## OFFICE OF THE SUPERINTENDING ENGINEER, CUTTACK (R&B) DIVISION NO.I: CUTTACK

E-Mail id:eepwdcuttack@gmail.com, Tel/Fax.No.(0671)-2304128
GOVERNMENT OF ODISHA ('e' Procurement Notice)

### 2nd Corrigendum to Bid Identification No.S.E.CTC (R&B)-51 of 2025-26

No.B-795: The Bid availability period and date of opening of the tenders have been modified due to unavoidable circumstances. The modified dates are as follows:-

| Sl. No. | Bid Identification No. | Bid Availability period as per 1st Corrigendum Notice | Revised Bid Availability period as per 2nd Corrigendum Notice | Bid Opening Date as per 1st Corri-gendum Notice | Revised Opening Date as per 2nd Corrigendum Notice |
|---|---|---|---|---|---|
